## ସଂକ୍ଷେପରେ

### ଭାଜପାରୁ ଇସ୍ତଫା ଦେଲେ ରାଧାମୋହନ



ପିପିଲି/ଡେଲାଙ୍ଗ, ୮।୪ (ଦୁର୍ଗାମାଧବ ମିଶ୍ର/ ରଶ୍ମିରଞ୍ଜନ ପ୍ରଧାନ)

ପିପିଲି-ଡେଲାଙ୍ଗ ନିର୍ବାଚନ ମଣ୍ଡଳୀରେ ଭାଜପା ଯୁବନେତା ରାଧାମୋହନ ପ୍ରାଥମିକ ସଭ୍ୟପଦରୁ ଇସ୍ତଫା ଦେଇଛନ୍ତି। ସେ ଇସ୍ତଫା ପତ୍ରକୁ ରାଜ୍ୟ ସଭାପତିଙ୍କ ନିକଟକୁ ପଠାଇ ଦେଇଛନ୍ତି। ରାଧାମୋହନ ଦଳରେ ୩ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ଲୋକଙ୍କ ବିଭିନ୍ନ ସମସ୍ୟାକୁ ନେଇ ଭିନ୍ନ ଭିନ୍ନ ସମୟରେ ଧାରଣା, ପ୍ରତିବାଦ କରି ଦାବି ଉପସ୍ଥାପନ କରି ଆସୁଥିଲେ। ଦଳ ତାଙ୍କୁ ବିଭିନ୍ନ ସମୟରେ ପଦପଦବୀରେ ରହିବା ପାଇଁ ସୁଯୋଗ ଦେଇଥିଲେ ମଧ ସେ ଗ୍ରହଣ କରି ନ ଥିଲେ। ଚଳିତ ନିର୍ବାଚନରେ ପିପିଲି-ଡେଲାଙ୍ଗ ନିର୍ବାଚନମଣ୍ଡଳୀରୁ ସେ ଭାଜପାରୁ ବିଧାୟକ ପ୍ରାର୍ଥୀ ପାଇଁ ଆଶାୟୀ ଥିଲେ। କିନ୍ତୁ ଏଥିରୁ ନିରାଶ ହେବା ପରେ ସେ ସ୍ୱାଧୀନ ପ୍ରାର୍ଥୀ ଭାବେ ନିର୍ବାଚନ ଲଢ଼ିବେ ବୋଲି ରାଧାମୋହନ ପ୍ରକାଶ କରିଥିଲେ।

### ଗଙ୍ଗାଧର ମେହେରଙ୍କ ଶ୍ରାଦ୍ଧୋତ୍ସବ

ଭୁବନେଶ୍ୱର, ୮।୪ (ବନ୍ଦନା ସେଠୀ)

ଗଙ୍ଗାଧର ମେହେର ପ୍ରତିଷ୍ଠାନ, ସ୍ମୃତି କମିଟି ଓ ଉତ୍କଳ ସମ୍ମିଳନୀ ପକ୍ଷରୁ ଗଙ୍ଗାଧର ମେହେରଙ୍କ ଶ୍ରାଦ୍ଧୋତ୍ସବ ପାଳିତ ହୋଇଯାଇଛି। ଏହି ଅବସରରେ ସ୍ଥାନୀୟ ଗଙ୍ଗାଧର ମେହେର ମାର୍ଗରେ ଥିବା ସ୍ୱଭାବ କବିଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ସ୍ମୃତି କମିଟି ଅଧକ୍ଷ ସଞ୍ଜୀବ ଚନ୍ଦ୍ର ହୋତାଙ୍କ ଅଧକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କମିଟିର ଉପଦେଷ୍ଟା ନରେନ୍ଦ୍ର କୁମାର ମିଶ୍ର ଓ ସମ୍ମାନିତ ଅତିଥି ଭାବେ ଚୂଡ଼ାମଣି ସେଠ୍ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ବରପୁତ୍ରଙ୍କ ଗୁଣାବଳୀ ବର୍ଣ୍ଣନା କରିଥିଲେ। ପ୍ରତିଷ୍ଠାନର ଅଧକ୍ଷ ତଥା ସ୍ମୃତି କମିଟିର ଆବାହକ ମିହିର ମେହେର ସ୍ୱାଗତ ଭାଷଣ ଦେଇଥିବାବେଳେ ସମ୍ପାଦକ ତଥା ଉତ୍କଳ ସମ୍ମିଳନୀର ସାଧାରଣ ସମ୍ପାଦକ ଦିଲୀପ ଦାଶଶର୍ମା ସଂଯୋଜନା କରିଥିଲେ। କାର୍ଯ୍ୟକ୍ରମରେ ସଂସ୍କୃତି ବିଭାଗର ପଦାଧିକାରୀ ଦେବନନ୍ଦ ବରିହା ଓ ଅଶ୍ୱିନୀ ଶତପଥୀ, ସ୍ମୃତି କମିଟିର ଉପଦେଷ୍ଟା ସୁକଦେବ ମେହେର, ଉତ୍କଳ ସମ୍ମିଳନୀର ଉପସଭାପତି ଡ. ସୁରେନ୍ଦ୍ର ମୋହନ ମିଶ୍ର, ଶାଖା ଉପସଭାପତି ଶିତଳ ଚନ୍ଦ୍ର ମହାନ୍ତି, କମିଟିର ସାଙ୍ଗଠନିକ-ସମ୍ପାଦକ ମଣିକର ମେହେର ପ୍ରମୁଖ ଯୋଗଦେଇ ବରପୁତ୍ରଙ୍କ ଗୁଣଗାନ କରିଥିଲେ।

### ଦୀର୍ଘଜୀବୀ ରହିବାକୁ ଅର୍ଥ ନୁହେଁ, ସ୍ୱାସ୍ଥ୍ୟ ଅପରିହାର୍ଯ୍ୟ

ପୁରୁଣା ଭୁବନେଶ୍ୱର, ୮।୪ (ସୁବାସ ଚନ୍ଦ୍ର ପ୍ରଧାନ)

ମଣିଷ ଦୀର୍ଘଜୀବୀ ରହିବାକୁ ହେଲେ ଅର୍ଥ ନୁହେଁ ବରଂ ସ୍ୱାସ୍ଥ୍ୟବାନ ହେବା ଆବଶ୍ୟକ। ତେଣୁ ପ୍ରତିଦିନ ଶାରୀରିକ ବ୍ୟାୟାମ କରିବା ଆବଶ୍ୟକ ବୋଲି ଗତ ରବିବାର ବିଶ୍ୱ ସ୍ୱାସ୍ଥ୍ୟ ଦିବସ ପାଳନ ଅବସରରେ ସ୍ଥାନୀୟ ହାଟସାହି ସ୍ଥିତ ଶ୍ୟାମାଶଙ୍କର ମଠ ପରିସରରେ ଆୟୋଜିତ ସଭାରେ ଡ.ମନୋରଞ୍ଜନ ମିଶ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହା କହିଛନ୍ତି। ଗୁରୁଭାଇ ଓ ଗୁରୁଭଉଣୀମାନଙ୍କ ସମେତ ଶ୍ରଦ୍ଧାଳୁଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ସହ ଔଷଧ ବଣ୍ଟନ କରାଯାଇଥିଲା। ଏହି ଅବସରରେ ମଠର ଜଣେ ଗୁରୁଭାଇ ପ୍ରିୟ ରଞ୍ଜନ ମହାପାତ୍ରଙ୍କ ବିୟୋଗରେ ଏକ ସ୍ମୃତି ସଭା ହୋଇଥିଲା। ଏଥିରେ ମଠ ମୁଖ୍ୟ ପରିଚାଳକ ଅରୁଣ କୁମାର ଗାଙ୍ଗୁଲି ସଭାପତିତ୍ୱ କରିଥିଲେ। ଅଧାପକ ପ୍ରଶାନ୍ତ ପାଢ଼ୀ, ଜୟଦେବ ପଣ୍ଡା, ନମିତା ମିଶ୍ର, ସଞ୍ଜୟ ମିତ୍ର, ସ୍ନିଗ୍ଧା ମିତ୍ର, ଅଞ୍ଜନା ବାରିକ, ପ୍ରଶାନ୍ତ ପରିଡ଼ା, ଟୁବୁ ଗାଙ୍ଗୁଲି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଏବର୍ଷ କମିଛି ଜଙ୍ଗଲ ନିଆଁ

ଭୁବନେଶ୍ୱର, ୮।୪(ଅସମାପିକା ସାହୁ)

ରାଜ୍ୟରେ ଚଳିତବର୍ଷ ଜଙ୍ଗଲ ନିଆଁ କମିଛି। ଏପ୍ରିଲ ୭ ତାରିଖ ସୁଦ୍ଧା ରାଜ୍ୟରେ ୮ ହଜାର ପଏଣ୍ଟରେ ନିଆଁ ଲାଗିଛି। ସେଥିରୁ ୯୯.୫ ପ୍ରତିଶତ ଲିଭା ସରିଛି। ଗତବର୍ଷ ଏହି ସମୟ ସୁଦ୍ଧା ୨୨ ହଜାର ପଏଣ୍ଟରେ ନିଆଁ ଲାଗିଥିଲା ବୋଲି ପିସିସିଏଫ୍ ଦେବୀଦତ୍ତ ବିଶ୍ୱାଳ ସୂଚନା ଦେଇଛନ୍ତି। ସେ କହିଛନ୍ତି, ନିଆଁ ଲିଭାଇବା ପାଇଁ ୩୬୭ ସ୍କ୍ୱାଡ୍ ନିୟୋଜିତ ହୋଇଛନ୍ତି। ୨,୩୬୫ ସେପ୍ଟିକ୍, ୪,୨୯୦ ଫାୟାର ଗ୍ରୋଭ୍ସ ଓ ୩୩୦ ଫାୟାର ଗାଡ଼ି ନିୟୋଜିତ କରାଯାଇଛି। ଏହାସହ ଜନ ସଚେତନତା ଓ ବର୍ଷା ଯୋଗୁ ଚଳିତବର୍ଷ ଜଙ୍ଗଲ ନିଆଁ କମିଥିବା ସେ କହିଛନ୍ତି। ସେ ଆହୁରି କହିଛନ୍ତି, ଜଙ୍ଗଲରେ ଫାୟାର ଲାଇନ୍ ଚିହ୍ନଟ କରିବା ସହ ଜନ ସଚେତନ କରାଯାଉଛି। ଯଦି ଅଧିକରୁ ଅଧିକ ଜଙ୍ଗଲରେ ନିଆଁ ବ୍ୟାପେ, ତେବେ ଓଡ୍ରାଫ ଟିମ୍ର ସହାୟତା ନିଆଯିବ। ବନାଗ୍ନି ରୋକିବାକୁ ଜଙ୍ଗଲ ନିକଟରେ ଥିବା ଗାଁଗୁଡ଼ିକରେ ଲୋକଙ୍କ ମଧ୍ୟରେ ସଚେତନତା କରାଯାଉଛି। କେବଳ ଗାଁ ନୁହେଁ, ଜିଲା ସ୍ତରରେ ମଧ ଏକ ଆକ୍ସନ ପ୍ଲାନ୍ ପ୍ରସ୍ତୁତ କରାଯାଇଛି। ନିଆଁ ଲିଭାଇବା ପାଇଁ ବିଭିନ୍ନ ପ୍ରକାରର ପଦକ୍ଷେପ ନିଆଯାଉଛି। ଯଦି କୌଣସି ବ୍ୟକ୍ତି ନିଆଁ ଲଗାଇବା ଜଙ୍ଗଲରେ ଧରାପଡ଼ନ୍ତି ତେବେ ତାଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପିସିସିଏଫ୍ ବିଶ୍ୱାଳ କହିଛନ୍ତି। ଏଠାରେ ଉଲ୍ଲେଖଯୋଗ୍ୟ, ମାଲକାନଗିରି ଜିଲା ସମେତ ଅନେକ



ଜିଲାର ବିଭିନ୍ନ ଜଙ୍ଗଲରେ ପୋଡୁ ଚାଷ କରାଯାଇଥାଏ। ସେହି ପୋଡୁ ଚାଷ କରିବା ପାଇଁ ବିଶେଷ କରି ନିଆଁ ଲଗାଇଥାନ୍ତି। ବଂଶାନୁକ୍ରମିକ ଭାବରେ ଲୋକେ ପୋଡୁ ଚାଷ କରିଆସୁଛନ୍ତି। ହେଲେ ବିଭାଗ ପକ୍ଷରୁ ବିଭିନ୍ନ ସଚେତନତା କରାଯାଉଛି। ସେହିପରି ମହୁଲ ଆଣିବା ପାଇଁ ମଧ ଜଙ୍ଗଲରେ ନିଆଁ ଲଗାଉଛନ୍ତି। ଏହା ସହ ଜୀବଜନ୍ତୁଙ୍କୁ ଶିକାର କରିବା ପାଇଁ ମଧ ଗୋଟିଏ ପାର୍ଶ୍ୱ ଜଙ୍ଗଲରେ ନିଆଁ ଲଗାଇଥାନ୍ତି। ଏଥିସହ ଅନେକ ଲୋକ ସିଗାରେଟ ସେବନ ପରେ ନିଆଁ ଲାଗିଥିବା ଅବସ୍ଥାରେ ତାହାକୁ ପକାଇ ଦେଇଥାନ୍ତି। ତେଣୁ ନିଆଁ ବ୍ୟାପିବାର ଯଥେଷ୍ଟ ସମ୍ଭାବନା ରହିଛି। ଯଦି ଓଡ଼ିଶା ଜଙ୍ଗଲରେ ୧ହଜାର ପଏଣ୍ଟରେ ନିଆଁ ଲାଗେ, ତାକୁ ଲିଭାଇବା ପାଇଁ ଓଡ୍ରାଫ ଟିମ ନିୟୋଜନ କରିବାକୁ ସ୍ୱତନ୍ତ୍ର ରିଲିଫ କମିଶନର (ଏସଆରସି)ଙ୍କୁ ଅନୁରୋଧ କରାଯିବ ବୋଲି ଦେବୀଦତ୍ତ ବିଶ୍ୱାଳ କହିଛନ୍ତି।



ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଶ୍ରାଦ୍ଧୋତ୍ସବରେ ଉତ୍କଳ ସମ୍ମିଳନୀ ପକ୍ଷରୁ କଳିଙ୍ଗ ହସ୍ପିଟାଲ ଛକସ୍ଥିତ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଉଛି।

# ଅରବିନ୍ଦ ଦାସଙ୍କୁ 'ସ୍ୱଭାବ କବି ଗଙ୍ଗାଧର ମେହେର ସମ୍ମାନ'

ଭୁବନେଶ୍ୱର, ୮।୪ (ବନ୍ଦନା ସେଠୀ)

**ରାଜ୍ୟସ୍ତରୀୟ ଶ୍ରାଦ୍ଧ ଶତବାର୍ଷିକୀ ପାଳିତ**

ସାପ୍ତାହିକ ଖବରକାଗଜ 'ଚିରସନ୍ଧାନ' ପକ୍ଷରୁ ରାଜ୍ୟସ୍ତରୀୟ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଶ୍ରାଦ୍ଧ ଶତବାର୍ଷିକୀ ସମାରୋହ ସୋମବାର ବୁଦ୍ଧ ମନ୍ଦିରଠାରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ସମ୍ବାଦର ସମ୍ପାଦକ ତନୟା ପଟ୍ଟନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରତିକୂଳ ପରିସ୍ଥିତିରେ ବି ସ୍ୱଭାବ କବି ଗଙ୍ଗାଧର ମେହେର ଓଡ଼ିଶା ଭ୍ରମଣ କରୁଥିଲେ ଏବଂ ଓଡ଼ିଆ ଭାଷାକୁ ଭଲ ପାଉଥିଲେ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ଡ. କବିତା ମିଶ୍ର କହିଲେ, ଭାରତୀୟ ସଂସ୍କୃତି ଓ ଆଧ୍ୟାତ୍ମିକତାକୁ କବି ତାଙ୍କ ସାହିତ୍ୟରେ ସ୍ଥାନ ଦେଇଛନ୍ତି। କବିତାରେ ଦୁଃଖ ନୁହେଁ, ଆନନ୍ଦର ବାର୍ତ୍ତା ଦେଇଛନ୍ତି। ଏଭଳି ଜଣେ ସ୍ରଷ୍ଟାଙ୍କୁ ପୂଜ୍ୟ ପୂଜାରେ ସୀମିତ ନ ରଖି ହୃଦୟରେ ସ୍ଥାନ ଦେବା ଉଚିତ। ଅନୁଷ୍ଠାନର ଆବହକ ନରେନ୍ଦ୍ର କୁମାର ମିଶ୍ର କବିଙ୍କ ଜୀବନୀ ସମ୍ପର୍କରେ ଆଲୋଚନା କରିଥିଲେ। 'ଚିରସଂଧାନ'ର ସମ୍ପାଦକ ପାର୍ଥସାରଥୀ ଅଜୟ ବାରିକ ସଭାପତିତ୍ୱ କରି ପ୍ରକୃତି ପାଇଁ କବି ଗଙ୍ଗାଧର କେବଳ ଓଡ଼ିଆ କି ଭାରତୀୟ ସାହିତ୍ୟରେ ନୁହେଁ, ସମଗ୍ର ବିଶ୍ୱ ସାହିତ୍ୟରେ ଏକ ସ୍ୱତନ୍ତ୍ର ସ୍ଥାନର ଅଧିକାର କରିଛନ୍ତି ବୋଲି କହିଥିଲେ। ଏହି ଅବସରରେ ବରିଷ୍ଠ ସାମ୍ବାଦିକ ଅରବିନ୍ଦ ଦାସଙ୍କୁ ଚଳିତ ବର୍ଷର ମର୍ଯ୍ୟାଦାଜନକ 'ସ୍ୱଭାବ କବି ଗଙ୍ଗାଧର ମେହେର ସମ୍ମାନ' ପ୍ରଦାନ କରାଯାଇଥିଲା। ସେହିପରି ୨ଜଣ ବିଶିଷ୍ଟ ଡାକ୍ତର ବିଶ୍ୱ ନାରାୟଣ ମହାନ୍ତି ଓ ଶ୍ରୀକାନ୍ତ କୁମାର ଧରଙ୍କୁ 'ସନ୍ଧାନ ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। ପ୍ରାରମ୍ଭରେ ଲେଖିକା ଶ୍ରୁତିକୀର୍ତ୍ତି ତ୍ରିପାଠୀ ସ୍ୱାଗତ ଭାଷଣ ଦେଇଥିବାବେଳେ ସମାଜସେବୀ ଦୁଃଶାସନ ସ୍ୱାଇଁ ଧନ୍ୟବାଦ ଦେଇଥିଲେ।

### ଲଦାଖ ବଞ୍ଚାଅ ଆନ୍ଦୋଳନକୁ ଲୋହିଆ ଏକାଡେମୀର ସମର୍ଥନ

ଭୁବନେଶ୍ୱର, ୮।୪ (ବନ୍ଦନା ସେଠୀ)

ଗତ କିଛିମାସ ଧରି ଲଦାଖ ଏବଂ କାର୍ଗିଲର ଲୋକମାନେ ପୂର୍ଣ୍ଣ ରାଜ୍ୟ ଦାବି, ସମ୍ବିଧାନର ଷଷ୍ଠସୂଚୀ କାର୍ଯ୍ୟକାରୀ କରିବା, ଲଦାଖର ଜୈବ ବିବିଧତାର ସୁରକ୍ଷା ତଥା ଏକ ପୃଥକ ସେବା ଆୟୋଗ କାର୍ଯ୍ୟକାରୀ କରିବା ଦାବି ନେଇ ଶାନ୍ତିପୂର୍ଣ୍ଣ ଏବଂ ସାମ୍ବିଧାନିକ ଭାବରେ ଆନ୍ଦୋଳନ କରି ଆସୁଛନ୍ତି। ସାମାଜିକ କର୍ମୀ ତଥା ମାଗାସେସ୍ ପୁରସ୍କାରପ୍ରାପ୍ତ ସୋନମ୍ ୱାଙ୍ଗଚୁଙ୍କ ନେତୃତ୍ୱରେ ଏହି ଆନ୍ଦୋଳନ ଜାରି ରହିଛି। ନିକଟରେ ୱାଙ୍ଗଚୁଙ୍କ ସମେତ ଶହଶହ ସଂଖ୍ୟାରେ ଲଦାଖ ଜନତା ଉପବାସ ସତ୍ୟାଗ୍ରହ ଶେଷ କରିଥିବାବେଳେ ଏବେ ଲଦାଖର ମହିଳାଙ୍କ ନେତୃତ୍ୱରେ ସତ୍ୟାଗ୍ରହ ଚାଲିଛି। ତେବେ ଲଦାଖ ବଞ୍ଚାଅ ଆନ୍ଦୋଳନକୁ ଲୋହିଆ ଏକାଡେମୀ ଓ ଜନ ଆନ୍ଦୋଳନ ସଙ୍ଗଠନଗୁଡିକର ରାଷ୍ଟ୍ରୀୟ ସମନ୍ୱୟ ପକ୍ଷରୁ ସମର୍ଥନ କରାଯାଇଥିବା ସୂଚନା ଦିଆଯାଇଛି। ୱାଙ୍ଗଚୁଙ୍କ ସତ୍ୟାଗ୍ରହକୁ ସମର୍ଥନ କରି ଏକାଡେମୀର ଟ୍ରଷ୍ଟି ତଥା ପରିବେଶବିତ୍ ପ୍ରଫୁଲ୍ଲ ସାମନ୍ତରା ଲଦାଖ ଗସ୍ତ କରି ସତ୍ୟାଗ୍ରହସ୍ଥଳରେ ପହଞ୍ଚିଥିଲେ। ଏହି ଲଢେଇ କେବଳ ଲଦାଖର ଜନତାଙ୍କ ଲଢେଇ ନୁହେଁ, ବରଂ ଏହା ସମଗ୍ର ଦେଶବାସୀଙ୍କ ଲଢେଇ। ସରକାର ଦେଇଥିବା ପ୍ରତିଶ୍ରୁତିକୁ ତୁରନ୍ତ ପାଳନ କରନ୍ତୁ, ନଚେତ ଏକ ବୃହତ ଜନ ଆନ୍ଦୋଳନ ସମଗ୍ର ଦେଶରେ ମୁଣ୍ଡ ଟେକିବ ବୋଲି ସାମନ୍ତରା ଚେତାବନୀ ଦେଇଥିଲେ। ଏହି ଆନ୍ଦୋଳନରେ ସାମ୍ବିଧାନିକ ଅଧିକାର ଏବଂ ନିର୍ବାଚନ ସମୟରେ ଶାସନ ବ୍ୟବସ୍ଥାରେ ଥିବା ଦଳ ଦେଇଥିବା ପ୍ରତିଶ୍ରୁତି ପୂରଣ କରିବା ପାଇଁ ସ୍ଥାନୀୟ ଲୋକେ ଅହିଂସା ଉପାୟରେ ଶାନ୍ତିପୂର୍ଣ୍ଣ ଭାବେ ଉପବାସରେ ବସିଛନ୍ତି। ତେବେ ଏକମାସରୁ ଅଧିକ ସମୟ ଧରି ଚାଲିଆସୁଥିବା ଏହି ଆନ୍ଦୋଳନରେ କେନ୍ଦ୍ର ସରକାରଙ୍କ ପକ୍ଷରୁ କୌଣସି ଆଲୋଚନା ହୋଇ ନ ଥିବାରୁ ଅସନ୍ତୋଷ ଲାଗିରହିଛି।

### ୨୨ରେ ମାଇପି ମେଳା

ଟାରିଛକ,୮।୪(ଶିଶିର ସ୍ୱାଇଁ)

ଟାରିଛକ ନିକଟସ୍ଥ କାହ୍ନପୁର ବଟଗୋସେଇଁ ପୀଠରେ ଆସନ୍ତା ୨୨ ତାରିଖରେ ମାଇପି ମେଳା ଅନୁଷ୍ଠିତ ହେବ। ଏନେଇ ମାଇପି ମେଳା ଫାଉଣ୍ଡେଶନ ଟ୍ରଷ୍ଟ ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ସୋମବାର ଅନୁଷ୍ଠିତ ହୋଇଯାଇଛି। ମେଳାରେ ପୁରୀ, କଟକ, ଖୋର୍ଦ୍ଧା ଜିଲାରୁ ଭକ୍ତଙ୍କ ସମାଗମ ହୋଇଥାଏ। ଏହି ପୀଠକୁ ନିରବଚ୍ଛିନ୍ନ ବିଦ୍ୟୁତ୍ ସେବା, ଭକ୍ତଙ୍କ ପାଇଁ ପ୍ରସାଦ ସେବା, ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ପ୍ରସ୍ତୁତି ବୈଠକରେ ଆଲୋଚନା ହୋଇଥିଲା। ସନ୍ଧ୍ୟା ସମୟରେ ଲୋକଙ୍କ ଭିଡ଼କୁ ଦୃଷ୍ଟିରେ ରଖି ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯିବ ବୋଲି ଟ୍ରଷ୍ଟର ରମେଶ ସାହୁ, ଭାସ୍କର ଚନ୍ଦ୍ର ସ୍ୱାଇଁ, ଭରତ ପ୍ରଧାନ, ରଞ୍ଜିତ ସାହୁ, ଯୁଧିଷ୍ଠିର ଖୁଣ୍ଟିଆ, ହରିହର ବେହେରା, ବାବୁଲି ସ୍ୱାଇଁ, କୈଳାସ ଭୋଇ, ମୁଖ୍ୟ ପୂଜକ କ୍ଷୀରୋଦ ଦାସ ପ୍ରମୁଖ ପ୍ରକାଶ କରିଛନ୍ତି।

# ଅଘୋଷିତ ଆସନ: ଭୁବନେଶ୍ୱରରେ ଡେରା ପକାଇଛନ୍ତି ବିଧାୟକ

ଭୁବନେଶ୍ୱର, ୮।୪(ଅନିଲ ଦାସ)

- ନୂଆ ପ୍ରାର୍ଥୀ ଯୋଗାଡ଼ରେ ବିଜେଡି
- ଆଜି ହୋଇପାରେ ଘୋଷଣା

ସାଧାରଣ ନିର୍ବାଚନ ପାଖେଇ ଆସୁଥିବା ବେଳେ ବିଭିନ୍ନ ନିର୍ବାଚନ ମଣ୍ଡଳୀରେ ଆଶାୟୀ ଏବଂ ବିଧାୟକଙ୍କ ମଧ୍ୟରେ କଡ଼ା ଟକ୍କର ଜାରି ରହିଛି। ଘୋଷଣା ହେବାକୁ ଥିବା ବହୁ ଆସନର ବିଧାୟକମାନେ ନିଜ ଟିକେଟକୁ ନେଇ ଚିନ୍ତାରେ ପଡ଼ିଥିବା ବେଳେ ଆଶାୟୀ ସେମାନଙ୍କ ସ୍ୱର ଆହୁରି ଶାଣିତ କରିଛନ୍ତି। ନବୀନ ନିବାସରେ ସକାଳ ହେବା ମାତ୍ରେ ଆଶାୟୀଙ୍କ ସମର୍ଥକଙ୍କ ଭିଡ଼ ଲାଗିଯାଉଛି। ଘୋଷଣା ହେବାକୁ ଥିବା ନିର୍ବାଚନ ମଣ୍ଡଳୀର ବିଧାୟକମାନେ ଟିକେଟ ବଣ୍ଟା ଆରମ୍ଭ ହେବା ଦିନରୁ ଭୁବନେଶ୍ୱରରେ ଡେରା ପକାଇଛନ୍ତି। ଅନ୍ୟପକ୍ଷରେ ଭୁବନେଶ୍ୱରର ୩ ବିଧାନସଭା ନିର୍ବାଚନମଣ୍ଡଳୀ ଏକାମ୍ର ଓ ଉତ୍ତର ପାଇଁ ବିଜେଡିପ୍ରାର୍ଥୀ ଘୋଷଣା କରିସାରିଥିବା ବେଳେ ମଧ ନିର୍ବାଚନ ମଣ୍ଡଳୀ ଲଟକି ରହିଛି। ଏଠାରେ ବର୍ତ୍ତମାନର ବିଧାୟକ ଅନନ୍ତ ନାରାୟଣ ଜେନା ପୁଣିଥରେ ଟିକେଟ ପାଇବା ପାଇଁ ଜୋର୍‌ସୋର ଉଦ୍ୟମ ଚଳାଇଥିବା ବେଳେ କର୍ପୋରେଟର ଅମରେଶ ଜେନା ଏବଂ ରୁଦ୍ର ସାମନ୍ତରାୟ ମିଳିତ ଭାବେ ଅଭିଯାନ ଜାରି ରଖିଛନ୍ତି। ଉଭୟ ଅନନ୍ତଙ୍କ ପ୍ରାର୍ଥିତ୍ୱକୁ କଡ଼ା ବିରୋଧ କରୁଛନ୍ତି। ଉଭୟ ପକ୍ଷଙ୍କୁ ଡାକି ବିଜେଡିର ବରିଷ୍ଠ ନେତାମାନେ ଆଲୋଚନା କରିଥିଲେ ମଧ ଏଯାଏ କୌଣସି ସମାଧାନର ବାଟ ବାହାରି ପାରିନାହିଁ। ଏଭଳି ସ୍ଥିତିରେ ଦଳ ଉଭୟଙ୍କୁ ବାଦ୍ ଦେଇ ଅନ୍ୟ ବିକଳ୍ପ ସନ୍ଧାନରେ ଥିବା ଚର୍ଚ୍ଚା ହେଉଛି। ବିଜେଡି ସାଧାରଣ ସମ୍ପାଦକ ଦୁର୍ଗା ସାମନ୍ତରାୟ ଏବଂ ପୂର୍ବତନ ବିଧାୟକ ବିଜୟ ମହାନ୍ତିଙ୍କ ନାମ ମଧ ଚର୍ଚ୍ଚାର ପରିସରକୁ ଆସିଛି। ଏହା ଭିତରେ ଅନନ୍ତ ଏବଂ ଅମରେଶ-ରୁଦ୍ର ଗୋଷ୍ଠୀ ନିଜର ଶକ୍ତି ପ୍ରଦର୍ଶନରେ ଲାଗିଛନ୍ତି। ରବିବାର ଲକ୍ଷ୍ମୀସାଗର ମେଳଣ ପଡ଼ିଆରେ ଅନନ୍ତ ଏକ ସମାବେଶ ଆୟୋଜନ କରି ନିଜର ଶକ୍ତି ପ୍ରଦର୍ଶନ କରି ଟିକେଟ ପାଇଁ ଦାବି ଦୋହରାଇଛନ୍ତି। ତେବେ ବିଜେଡି ଅବଶିଷ୍ଟ ଆସନ ପାଇଁ ମଙ୍ଗଳବାର ପ୍ରାର୍ଥୀ ଘୋଷଣା କରିବା ନେଇ ଚର୍ଚ୍ଚା ହେଉଛି।

### ଶ୍ରୀଲିଙ୍ଗରାଜଙ୍କୁ ଦର୍ଶନ କଲେ, ରୋଗୀଙ୍କୁ ଫଳ ବାଣ୍ଟିଲେ



ବିଜେଡି ପ୍ରାର୍ଥୀ ମନ୍ମଥ ରାଉତରାୟ ଶ୍ରୀଲିଙ୍ଗରାଜଙ୍କ ଦର୍ଶନ ପାଇଁ ଯାଉଛନ୍ତି।

ପୁରୁଣା ଭୁବନେଶ୍ୱର,୮।୪(ସୁବାସ ଚନ୍ଦ୍ର ପ୍ରଧାନ)

ଭୁବନେଶ୍ୱର ସଂସଦୀୟ କ୍ଷେତ୍ରର ବିଜେଡି ଏମ୍‌ପି ପ୍ରାର୍ଥୀ ମନ୍ମଥ ରାଉତରାୟ ସୋମବାର ପ୍ରଭୁ ଶ୍ରୀଲିଙ୍ଗରାଜଙ୍କୁ ଦର୍ଶନ କରି ପ୍ରଚାର ଆରମ୍ଭ କରିଥିଲେ। ସକାଳ ୭ଟା ୩୦ରେ ମନ୍ମଥ ସମର୍ଥକଙ୍କ ସହ ମନ୍ଦିର ଗର୍ଭଗୃହକୁ ଯାଇ ଠାକୁରଙ୍କ ଦର୍ଶନ କରି ଆଶୀର୍ବାଦ ଭିକ୍ଷା କରିଥିଲେ। ଏମ୍‌ପିଭାବେ ନିର୍ବାଚିତ ହେଲେ ଶ୍ରୀଲିଙ୍ଗରାଜଙ୍କ ଅଟକି ରହିଥିବା ସ୍ୱତନ୍ତ୍ର ଆକ୍ଟ ଲାଗୁ କରାଇବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ପରେ କ୍ୟାପିଟାଲ ହସ୍ପିଟାଲରେ ରୋଗୀଙ୍କୁ ଫଳ ବଣ୍ଟନ କରିଥିଲେ। ଗୋପାଳ ମକଦ୍ଦମ, ଛବି ସ୍ୱାଇଁ, ହେମା ମହାପାତ୍ରଙ୍କ ସମେତ ଦଳୀୟ କର୍ମୀ ଉପସ୍ଥିତ ଥିଲେ।




ହାପି ମୋମେଣ୍ଟ୍ସ ଇଣ୍ଡିଆ ପକ୍ଷରୁ ସୂଚନା ଭବନରେ ସୋମବାର ଆୟୋଜିତ ଉତ୍କଳ ରତ୍ନ ପ୍ରତିଭା ସମ୍ମାନ ପ୍ରଦାନ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ସହ ଅତିଥିମାନେ।

### ଭାଜପା ଛାଡ଼ିଲେ ମାନସୀ ହରିଚନ୍ଦନ

ବ୍ରହ୍ମଗିରି,୮।୪(ସ୍ୱାଧୀନ ଚମ୍ପତିରାୟ)

ବ୍ରହ୍ମଗିରି ରାଜନୀତି ଏବେ ରୋଚକ ମୋଡ଼ ନେଉଛି। ୨ ଦଳର ପ୍ରାର୍ଥୀଙ୍କ ନାମ ଘୋଷଣା ପରେ ଏବେ ରାଜନୀତି ମଇଦାନ ସରଗରମ ହେବାରେ ଲାଗିଛି। ସୂଚନା ଅନୁଯାୟୀ, ବ୍ରହ୍ମଗିରି ଅଞ୍ଚଳରେ ଭାଜପା ପ୍ରାର୍ଥୀ ଘୋଷଣା ପରେ ଦଳରୁ ପୁରାତନ କର୍ମୀମାନେ ଦଳ ଛାଡୁଛନ୍ତି। ସେହିପରି ବ୍ରହ୍ମଗିରି ବ୍ଲକର ଭାଜପା ପୁରାତନ ନାରୀନେତ୍ରୀ ମାନସୀ ହରିଚନ୍ଦନ ରବିବାର ଦଳ ଛାଡ଼ିଛନ୍ତି। ଏନେଇ ସେ ରାଜ୍ୟ ସଭାପତି ମନମୋହନ ସାମଲଙ୍କୁ ତାଙ୍କ ଇସ୍ତଫା ପତ୍ର ପ୍ରଦାନ କରିଛନ୍ତି। ମାନସୀ ତାଙ୍କ ଇସ୍ତଫା ପତ୍ରରେ ଉଲେଖ କରିଛନ୍ତି, ସେ ୧୯୯୨ରୁ କଂଗ୍ରେସରେ ଯୋଗ ଦେଇ ଜିଲା ପରିଷଦ ଭାବେ ନିର୍ବାଚିତ ହୋଇଥିଲେ। ପରେ ଲୁଲୁଙ୍କ ବିୟୋଗ ପରେ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ରଙ୍କ ନେତୃତ୍ୱରେ ଭାଜପାରେ ଯୋଗଦେଇ କଟକ ଜିଲା ସଦରର ପ୍ରଭାରୀ ଭାବେ କାର୍ଯ୍ୟ କରିଥିଲେ। କିନ୍ତୁ ଏବେ ଦାଦା-ଝିଆରୀ (ଲଳିତେନ୍ଦୁ ଓ ଉପାନା)ଙ୍କ ବିବାଦରେ ତାଙ୍କୁ ଅଣଦେଖା କରାଯାଉଥିବାରୁ ସେ ଉଭୟଙ୍କ ଉପରେ ଅସନ୍ତୁଷ୍ଟ ହୋଇ ଦଳର ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ଦେଉଥିବା ଦର୍ଶାଇଛନ୍ତି।

**ଦ.ପୂ. ରେଳପଥ - ଟେଣ୍ଡର**

ଟେଣ୍ଡର ବିଜ୍ଞପ୍ତି ନଂ. ଏସ୍‌ଟି-ସିକେପି-ଓଟି-୧୨-୨୦୨୪, ତାରିଖ ୦୮।୦୪।୨୦୨୪। ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ସିନିୟର ଡିଭିଜନାଲ ସିଗ୍‌ନାଲ ଆଣ୍ଡ ଟେଲିକମ୍ ଇଞ୍ଜିନିୟର/ଚକ୍ରଧରପୁରଙ୍କ ଦ୍ୱାରା **ଟେଣ୍ଡର ନଂ. ଏସ୍‌ଟି-ସିକେପି-ଓଟି-୧୨-୨୦୨୪-୧** ଆହ୍ୱାନ କରାଯାଉଛି, ଯାହା ତା୨୯।୦୪।୨୦୨୪ରିଖ ୧୫.୦୦ ଘଟିକାରେ ଖୋଲାଯିବା ପାଇଁ ଧାର୍ଯ୍ୟ। ଏହି ଟେଣ୍ଡର ପାଇଁ ମାନୁଆଲ ଅଫର ଅନୁମତିଯୋଗ୍ୟ ନୁହେଁ ଏବଂ ପ୍ରାପ୍ତ ହୋଇଥିବା ଏପରି ମାନୁଆଲ ଅଫରଗୁଡ଼ିକୁ ଅଣଦେଖା କରିଦିଆଯିବ। **କାର୍ଯ୍ୟର ନାମ:** ଝାରସୁଗୁଡ଼ା ପାସେଞ୍ଜର ୟାର୍ଡଠାରେ ଟ୍ରାଫିକ୍ ସୁବିଧାର ଉନ୍ନତୀକରଣ ପାଇଁ ଇଆଇର ପୁନଃ-ଡିଜାଇନିଂ ଲାଗି ସଂଶୋଧନ/ପରିବର୍ତ୍ତନ। **ଟେଣ୍ଡର ମୂଲ୍ୟ:** ₹୧,୦୫,୨୧,୫୫୭.୭୦। **ଅମାନତ ରାଶି:** ₹୨,୦୨,୬୦୦/- । **ସମାପ୍ତି ଅବଧି:** ୦୬ (ଛଅ) ମାସ। ଟେଣ୍ଡର ବିବରଣୀ ୱେବ୍‌ସାଇଟ୍ **http://www.ireps.gov.in**ରେ ଦେଖାଯାଇପାରିବ। ଟେଣ୍ଡରଦାତା/ବିଡରମାନଙ୍କ ନିକଟରେ କ୍ଲାସ୍-III ଡିଜିଟାଲ ସିଗ୍‌ନେଚର୍ ସାର୍ଟିଫିକେଟ୍ ରହିଥିବା ଓ ସେ ଆଇଆର୍‌ଇପିଏସ୍ ପୋର୍ଟାଲ୍‌ରେ ପଞ୍ଜୀକୃତ ହୋଇଥିବା ନିହାତି ଜରୁରୀ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡରମାନେ ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ। ଇ-ଟେଣ୍ଡର ଫର୍ମଗୁଡ଼ିକ ବିନା ମୂଲ୍ୟରେ ଜାରି କରାଯିବ। (PR-16)

# କିଟ୍, ୟୁଏନ୍ ଭଲ୍ୟୁଣ୍ଟିଅର୍ସ ଇଣ୍ଡିଆ ମଧ୍ୟରେ ବୁଝାମଣା

ଭୁବନେଶ୍ୱର, ୮।୪(ଅସମାପିକା ସାହୁ)

କିଟ୍ ବିଶ୍ୱବିଦ୍ୟାଳୟ ଓ ୟୁଏନ୍ ଭଲ୍ୟୁଣ୍ଟିଅର୍ସ (ୟୁଏନ୍‌ଭି) ମଧ୍ୟରେ ସୋମବାର ଏକ ବୁଝାମଣା ସ୍ୱାକ୍ଷରିତ ହୋଇଯାଇଛି। କିଟ୍ ଓ କିସ୍ ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତ, ଭାରତରେ ଅବସ୍ଥାପିତ ଜାତିସଂଘ ଆବାସିକ ସଂଯୋଜକ ସୋମ୍ବି ସାର୍ପଙ୍କ ଉପସ୍ଥିତିରେ କିଟ୍ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଶରଣଜିତ ସିଂହ ଓ ୟୁଏନ୍‌ଭିର ଭାରତ ସଂଯୋଜକ ସୁଶୀଲ ଚୌଧୁରୀଙ୍କ ମଧ୍ୟରେ ଏହି ବୁଝାମଣାପତ୍ର ଆଦାନପ୍ରଦାନ ହୋଇଥିଲା। ଉକ୍ତ ବୁଝାମଣା ଅନୁଯାୟୀ, କିଟ୍ ବିଶ୍ୱବିଦ୍ୟାଳୟର ଛାତ୍ରୀଛାତ୍ର ଜାତିସଂଘର ବିଭିନ୍ନ ସଂସ୍ଥା ଦ୍ୱାରା କରାଯାଉଥିବା ବିକାଶମୂଳକ କାର୍ଯ୍ୟରେ ନିୟୋଜିତ ହେବେ। ଏଥିପାଇଁ ସେମାନଙ୍କୁ ମଧ ଷ୍ଟାଇପେଣ୍ଡ ପ୍ରଦାନ କରାଯିବ। ଏହି ସୁଯୋଗ ଛାତ୍ରୀଛାତ୍ରଙ୍କୁ ଅନ୍ତର୍ଜାତୀୟ ବିକାଶ କ୍ଷେତ୍ରରେ ମୂଲ୍ୟବାନ୍ ବୃତ୍ତିଗତ ଅଭିଜ୍ଞତା ଆହରଣରେ



ସହାୟକ ହେବା ସହ ସେମାନଙ୍କ ଭବିଷ୍ୟତ କ୍ୟାରିଅର ଗଢ଼ି ତୋଳିବାରେ ସାହାଯ୍ୟ କରିବ। କୌଣସି ଘରୋଇ ବିଶ୍ୱବିଦ୍ୟାଳୟ ସହ ୟୁଏନ୍‌ଭି ଭଳି ସମ୍ମାନଜନକ ସଂସ୍ଥା ବୁଝାମଣା କରିବା କ୍ଷେତ୍ରରେ ଏହା ହେଉଛି ସମଗ୍ର ଦକ୍ଷିଣ ଏସିଆରେ ପ୍ରଥମ। କିଟ୍ ବିଶ୍ୱବିଦ୍ୟାଳୟ ସହ ଏହି ବୁଝାମଣପତ୍ର ସ୍ୱାକ୍ଷର କରିଥିବାରୁ ସାମନ୍ତ ୟୁଏନ୍‌ଭି ଏବଂ ଭାରତରେ ଏହାର ଆବାସିକ ସଂଯୋଜକ ସୋମ୍ବି ସାର୍ପଙ୍କୁ ଧନ୍ୟବାଦ ଜଣାଇଛନ୍ତି।

ଡ. ସାମନ୍ତ କହିଛନ୍ତି, ଏହି ବୁଝାମଣା କେବଳ ଦୁଇ ଅନୁଷ୍ଠାନ ମଧ୍ୟରେ ସହଭାଗିତା ନୁହେଁ, ଏହା ଛାତ୍ରୀଛାତ୍ରଙ୍କୁ ସେମାନଙ୍କ ସ୍ୱପ୍ନ ପୂରଣ କରିବାରେ ସୁଯୋଗ ପ୍ରଦାନରେ ସହାୟକ ହେବା ସହ ବିଶ୍ୱ ବିକାଶରେ ସେମାନଙ୍କ ଯୋଗଦାନ ନିମନ୍ତେ ପ୍ରତିଭା ଓ ଦକ୍ଷତା ବିକାଶ ହୋଇପାରିବ ବୋଲି ସେ କହିଛନ୍ତି। ସାର୍ପ କହିଛନ୍ତି, ଏହି ପ୍ରୟାସ ଛାତ୍ରୀଛାତ୍ରଙ୍କୁ ୟୁଏନ୍‌ରେ କାର୍ଯ୍ୟ କରିବାର ପ୍ରତ୍ୟକ୍ଷ ଅଭିଜ୍ଞତା ପ୍ରଦାନ କରିବା ସହ ବିଭିନ୍ନ ସଂସ୍ଥା ଓ ସ୍ଥାନୀୟ ସମ୍ପ୍ରଦାୟ ସହ ମିଶି ସ୍ଥାୟୀ ବିକାଶ ପ୍ରୟାସରେ ସଫଳ ହେବେ। ଏହି କାର୍ଯ୍ୟକ୍ରମରେ ନୂଆଦିଲ୍ଲୀସ୍ଥିତ ଜାତିସଂଘ ଆଞ୍ଚଳିକ ସଂଯୋଜକ କାର୍ଯ୍ୟାଳୟର ଚିଫ୍ ଅଫ୍ ଷ୍ଟାଫ୍ ରାଧିକା କାଉଲ ବାତ୍ରା, ୟୁଏନ୍‌ଡିପିର ଓଡ଼ିଶା ମୁଖ୍ୟ ଆଭା ମିଶ୍ର, ଜାତିସଂଘ ବିଶ୍ୱ ଖାଦ୍ୟ କାର୍ଯ୍ୟକ୍ରମର ଓଡ଼ିଶା ମୁଖ୍ୟ ହିମାଂଶୁ ବଳ, ୟୁନିସେଫର ଓଡ଼ିଶା ମୁଖ୍ୟ ଉଇଲିୟମ୍ ହାନଲନ୍, କିସ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଦୀପକ କୁମାର ବେହେରା, କିଟ୍ ବିଶ୍ୱବିଦ୍ୟାଳୟ କୁଳସଚିବ ପ୍ରଫେସର ଜ୍ଞାନ ରଞ୍ଜନ ମହାନ୍ତି ଓ କିସ ବିଶ୍ୱବିଦ୍ୟାଳୟର କୁଳସଚିବ ଡ, ପ୍ରଶାନ୍ତ କୁମାର ରାଉତରାୟ ପ୍ରମୁଖ ଉପସ୍ଥିତ ଥିଲେ।

**TPCODL**

**ବିଶେଷ ସୂଚନା**

ନିୟମିତ ମରାମତି କାର୍ଯ୍ୟ ପାଇଁ ଆଜି ଭୁବନେଶ୍ୱର ସ୍ଥିତ ଚକେଇସିଆଣି, ସମେଇଗଡ଼ିଆ, ଜୋରାକୂଳ, ତ୍ରିଶୁଳିଆ ମାର୍କେଟ, ବେଲଗଛିଆ ଓ ମଧୁପୁର ଅଞ୍ଚଳରେ ସକାଳ ୮ ଘଟିକାରୁ ଦିନ ୧୧ ଘଟିକା ପର୍ଯ୍ୟନ୍ତ, ଜଇଶପାଟଣା ଅଞ୍ଚଳରେ ସକାଳ ୭ ଘଟିକାରୁ ଦିନ ୧୦ ଘଟିକା ପର୍ଯ୍ୟନ୍ତ ଏବଂ ଗଙ୍ଗନଗର ଓ ଭୀମପୁର ଅଞ୍ଚଳରେ ସକାଳ ୮ ଘଟିକାରୁ ମଧ୍ୟାହ୍ନ ୧୨ ଘଟିକା ପର୍ଯ୍ୟନ୍ତ ବିଦ୍ୟୁତ ଯୋଗାଣ ବନ୍ଦ ରହିବ।

**ଅସୁବିଧା ପାଇଁ ଦୁଃଖିତ - ଟିପିସିଓଡିଏଲ**

**ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା**

ସଚିବାଳୟ ମାର୍ଗ, ଭୁବନେଶ୍ୱର - ୭୫୧୦୦୧
ଫୋନ୍: (୦୬୭୪) ୨୩୯୩୫୨୪, ଇପିବିଏକ୍ସ: (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ: (୦୬୭୪) ୨୩୯୩୯୫୨, ୱେବ୍‌ସାଇଟ୍: https://oshb.org

ପତ୍ର ସଂଖ୍ୟା: ୮୭ — **ବିଜ୍ଞାପନ** — ତା:୦୪।୦୪।୨୦୨୪

No. CAD-39: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଘର ନଂ. ଏଲ୍.ସି.ଆର୍-୩୦୩, ଛେଣ୍ଡ କଲୋନୀ, ଫେଜ୍-୧, ରାଉରକେଲା, ଛେଣ୍ଡ ଗୃହ ନିର୍ମାଣ ପ୍ରକଳ୍ପରେ, ଶ୍ରୀ ଗୋକୁଳାନନ୍ଦ ପାଣିଗ୍ରାହୀ, ପିତା: ୰ଅଭିମନ୍ୟୁ ପାଣିଗ୍ରାହୀ, ସ୍ଥାନ: ପ୍ଲଟ ନଂ. ଏଫ୍-୩୩୫, ସେକ୍ଟର-୭, ସି.ଡି.ଏ., ପୋଷ୍ଟ: ମର୍କତ ନଗର, ଥାନା: ବିଡ଼ାନାସୀ (କଟକ ସଦର), ଜିଲ୍ଲା: କଟକ (ଓଡ଼ିଶା), ପିନ୍: ୭୫୩୦୧୪ଙ୍କୁ ଆବଣ୍ଟନ କରାଯାଇଥିଲା। ବର୍ତ୍ତମାନ ଆବଣ୍ଟନ ଗ୍ରହୀତା ଶ୍ରୀ ଗୋକୁଳାନନ୍ଦ ପାଣିଗ୍ରାହୀ ଉକ୍ତ ଗୃହଟିକୁ ବିକ୍ରି ଆଧାରରେ ଶ୍ରୀ ମନୋଜ କୁମାର ବେହେରା, ପିତା: ଶ୍ରୀ ମାନଗୋବିନ୍ଦ ବେହେରା, ସ୍ଥାନ: ଗୋଳିହା, ପୋଷ୍ଟ: ଡେଙ୍ଗୁରା, ଥାନା: ଖଇରା, ଜିଲ୍ଲା: ବାଲେଶ୍ୱରଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ ଏହି କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଅଛନ୍ତି।

ଉକ୍ତ ପ୍ରକଳ୍ପ ଗୃହର ମାଲିକାନା ସ୍ୱତ୍ୱ ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ, ତା'ହେଲେ ଏହି ବିଜ୍ଞାପନ ପ୍ରକାଶନର ୧୫ ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତଭାବେ ଜଣାଇବେ। ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି/ଅଭିଯୋଗ ଗ୍ରହଣଯୋଗ୍ୟ ନୁହେଁ ଏବଂ ଗୃହଟିର ମାଲିକାନା ସ୍ୱତ୍ୱ ପରିବର୍ତ୍ତନ ଆଇନ ଅନୁଯାୟୀ କରାଯାଇପାରେ।

ସ୍ୱା./- ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

OIPR-13030/11/0033/2425

# ବକେୟା ଦରମା ପ୍ରଦାନ ଦାବିରେ ବିକ୍ଷୋଭ



ବକେୟା ଦରମା ପ୍ରଦାନ ଦାବିରେ କଟକ ମହାନଗର ନିଗମ କାର୍ଯ୍ୟାଳୟ ସମ୍ମୁଖରେ ସୋମବାର କର୍ମଚାରୀମାନେ ବିକ୍ଷୋଭ କରୁଛନ୍ତି।

କଟକ,୮।୪ (କାର୍ତ୍ତିକ ସାହୁ)

କଟକ ମହାନଗର ନିଗମ(ସିଏମ୍‌ସି) ପକ୍ଷରୁ ନିୟୋଜିତ ଏକ ନିର୍ଦ୍ଦିଷ୍ଟ ଠିକା ସଂସ୍ଥା ଅଧୀନରେ କାର୍ଯ୍ୟ କରୁଥିବା କର୍ମଚାରୀଙ୍କୁ ସମ୍ପୃକ୍ତ ସଂସ୍ଥା ଠକୁଛି। ମାସ ମାସ ଧରି କର୍ମଚାରୀଙ୍କୁ କାମ କରାଇବା ପରେ ମଧ୍ୟ ବେତନ ଓ ଅନ୍ୟାନ୍ୟ ପ୍ରାପ୍ୟ ଦେଉନାହିଁ। ଏହାର ପ୍ରତିବାଦରେ କର୍ମଚାରୀମାନେ ସୋମବାର କଟକ ମହାନଗର ନିଗମ(ସିଏମ୍‌ସି) କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ପରେ ସେମାନେ ସିଏମ୍‌ସି କମିଶନରଙ୍କୁ ସ୍ମାରକପତ୍ର ପ୍ରଦାନ କରିଛନ୍ତି।

## ସିଏମ୍‌ସି କମିଶନରଙ୍କୁ ସ୍ମାରକପତ୍ର

ମିଳିଥିବା ସୂଚନା ଅନୁଯାୟୀ, ଉକ୍ତ ଠିକା ସଂସ୍ଥା ମାଧ୍ୟମରେ କର୍ମଚାରୀମାନେ ସହରରେ ପରିମଳ, ପାର୍କର ରକ୍ଷଣାବେକ୍ଷଣ ଭଳି ବିଭିନ୍ନ କାର୍ଯ୍ୟରେ ନିୟୋଜିତ ହୋଇଛନ୍ତି। ହେଲେ ସେମାନଙ୍କୁ ଦରମା ମିଳୁନାହିଁ। ଏ ନେଇ ସମ୍ପୃକ୍ତ ସଂସ୍ଥାକୁ ବାରମ୍ବାର ଜଣାଇଲେ ମଧ୍ୟ ସୁଫଳ ମିଳୁନି। ୩ ମାସ ଧରି କର୍ମଚାରୀମାନେ ଦରମା ପାଇନାହାନ୍ତି। ଏପରି କି ମାସ ମାସ ଧରି ସେମାନଙ୍କ ଇପିଏଫ୍ ଓ ଇଏସ୍‌ଆଇ ଡିପୋଜିଟ୍ କରାଯାଉନାହିଁ। ଏ ନେଇ ବିଭାଗୀୟ କର୍ତ୍ତୃପକ୍ଷ ପଦକ୍ଷେପ ନ ନେବାରୁ ସିଏମ୍‌ସି କମିଶନର ବିଜୟ କୁମାର ଦାସ ନ୍ୟାୟ ପ୍ରଦାନ କରନ୍ତୁ ବୋଲି କର୍ମଚାରୀମାନେ ଦାବି କରିଛନ୍ତି। କର୍ମଚାରୀଙ୍କ ଅଭିଯୋଗ ଶୁଣିବା ପରେ ତୁରନ୍ତ ସମସ୍ୟାର ସମାଧାନ କରିବା ନିମନ୍ତେ ପଦକ୍ଷେପ ନେବେ ବୋଲି କମିଶନର ପ୍ରତିଶ୍ରୁତି ଦେବା ପରେ ବିକ୍ଷୋଭ ପ୍ରତ୍ୟାହୃତ ହୋଇଥିଲା।

# 'ରାଷ୍ଟ୍ରର ହିତ ପାଇଁ ଭୋଟ ଦେବା ଜରୁରୀ'



ସମାବେଶରେ ଲୋକ ସଭା ପ୍ରାର୍ଥୀ ଭର୍ତ୍ତୃହରି ମହତାବ ବକ୍ତବ୍ୟ ଦେଉଛନ୍ତି।

କଟକ, ୮।୪(ଶିଲ୍ପା ପ୍ରିୟଦର୍ଶିନୀ)

ବାରବାଟୀ-କଟକ ଭାଜପାର ଯୁବ ସଂକଳ୍ପ ସମାବେଶ କଟକ ସାରଳା ଭବନରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଭାଜପା ରାଜ୍ୟ ଯୁବମୋର୍ଚ୍ଚା ସମ୍ପାଦକ ଗଗନ ଓଝାଙ୍କ ନେତୃତ୍ୱରେ ଅନୁଷ୍ଠିତ ସମାବେଶରେ ଭାଜପା କଟକ ଲୋକ ସଭା ପ୍ରାର୍ଥୀ ଭର୍ତ୍ତୃହରି ମହତାବ, ପୂର୍ବତନ କଟକ ନଗର ଜିଲା ସଭାପତି

## ବାରବାଟୀ-କଟକ ଭାଜପାର ଯୁବ ସଂକଳ୍ପ ସମାବେଶ

ଲକ୍ଷ୍ମୀଧର ପ୍ରଧାନ, କର୍ପୋରେଟର ଲକ୍ଷ୍ମୀଧର ବେହେରା, ଦୀପକ ଦାସ ଯୋଗଦେଇଥିଲେ। ବିଶେଷକରି ରାଷ୍ଟ୍ରର ହିତ ପାଇଁ ଭୋଟ ଦେବା ନିମନ୍ତେ ସମାବେଶରେ ଯୁବଗୋଷ୍ଠୀକୁ ଏକଜୁଟ କରାଯାଇ ଆଲୋଚନା ହୋଇଥିଲା। ଏନେଇ ଗଗନ କହିଛନ୍ତି, ଆଜିର ଯୁବପିଢ଼ି ଆସନ୍ତାକାଲିର ଭବିଷ୍ୟତ। ରାଷ୍ଟ୍ରର ହିତ ପାଇଁ ଯୁବବର୍ଗ ଭୋଟ ଦେବା ଜରୁରୀ ବୋଲି ସେ କହିଛନ୍ତି। ସେହିପରି ଭର୍ତ୍ତୃହରି କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିକଶିତ ଭାରତ ସମ୍ପର୍କରେ ସମସ୍ତ ଭୋଟର ଅବଗତ ହେବା ଆବଶ୍ୟକ। ଏହି ସମାବେଶରେ ଭାଜପାର ବରିଷ୍ଠ ନେତୃବୃନ୍ଦ ଓ ଶତାଧିକ କର୍ମୀ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ବିଜେଡିରେ ମିଶିଲେ ଭାଜପା କର୍ମୀ

ଖୁଣ୍ଟୁଣୀ,୮।୪(ସଚ୍ଚିଦାନନ୍ଦ ପଣ୍ଡା)

ଖୁଣ୍ଟୁଣୀସ୍ଥିତ ବିଜେଡି କାର୍ଯ୍ୟାଳୟରେ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆଠଗଡ଼ ନିର୍ବାଚନ ମଣ୍ଡଳୀର ଭାଜପା ନେତା ମନୋଜ କୁମାର ରାଉତ, ତାଙ୍କ ସହଯୋଗୀ ଲିପକ ମହାନ୍ତି, ରଞ୍ଜନ କୁମାର ସାହୁଙ୍କ ସମେତ ୨୦ରୁ ଊର୍ଦ୍ଧ୍ୱ ସମର୍ଥକ ବିଜେଡିରେ ଯୋଗ ଦେଇଛନ୍ତି। ଆଠଗଡ ବିଧାୟକ ତଥା କୃଷିମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ଉପସ୍ଥିତିରେ ଭାଜପା କର୍ମୀମାନେ ବିଧିବଦ୍ଧ ଭାବେ ବିଜେଡିରେ ଯୋଗ ଦେଇଥିଲେ। ବିଜେଡି ସଭାପତି ନବୀନ ପଟ୍ଟନାୟକ ଓ କୃଷିମନ୍ତ୍ରୀ ସ୍ୱାଇଁଙ୍କ ନେତୃତ୍ୱ ଉପରେ ଆସ୍ଥା ପ୍ରକଟ କରି ସେମାନେ ବିଜେଡିରେ ଯୋଗଦେଇଥିବା ମନୋଜ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ବିଜେଡିର କଖଡି ପଞ୍ଚାୟତ ସଭାପତି ରଞ୍ଜନ କୁମାର ମୁଦୁଲି, କଖଡି ସରପଞ୍ଚଙ୍କ ପ୍ରତିନିଧି ଦିଲୀପ କୁମାର ଛତାରଙ୍କ ସମେତ ଅନ୍ୟ ନେତୃମଣ୍ଡଳୀ ଉପସ୍ଥିତ ଥିଲେ।

### ମଦ୍ରାସାରେ ଇଫ୍‌ତାର ପାର୍ଟି

ଚୌଦ୍ୱାର,୮।୪(ଆଶୁତୋଷ ଦାସ)

ଚୌଦ୍ୱାର ମୁସ୍‌ଲିମ୍ ପଞ୍ଚାୟତ ପକ୍ଷରୁ ଇଫ୍‌ତାର ପାର୍ଟି ସୋମବାର ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତ ସଭାପତି ସେକ୍ ସାଜିଦ୍ ଚାନ୍ଦଙ୍କ ପୌରୋହିତ୍ୟରେ ପୌରପାଳିକା ୨ ନମ୍ବର ୱାର୍ଡସ୍ଥିତ ମଦ୍ରାସାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଧାୟକ ସୌଭିକ୍ ବିଶ୍ୱାଳ, ପୌର ଉପାଧ୍ୟକ୍ଷ ଶୁଭେନ୍ଦୁ ସାମଲ, ପୂର୍ବତନ ନଗରପାଳ ପ୍ରେମଚାନ୍ଦ ନାୟକ, କାଉନସିଲର ସବିତା ମାହାଳି, ଅଜୟ ବେହେରା ପ୍ରମୁଖ ଅତିଥି ଭାବେ ଯୋଗଦେଇ ମୁସଲମାନ ଭଉଣୀ ଓ ଭାଇଙ୍କୁ ଇଦ୍‌ର ଶୁଭେଚ୍ଛା ଜଣାଇଥିଲେ। ସେକ୍ ଖାଲିଦ୍ ଚାନ୍ଦ, ସେକ୍ ସଫିକ୍, ସେକ୍ ତମନ୍ନାଙ୍କ ସମେତ ଅନ୍ୟମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ଡ୍ରିମ୍ସ ମେଡିକାଲ କଲେଜରେ ରଙ୍ଗୋଲି ପ୍ରତିଯୋଗିତା

କଟକ,୮।୪ (କାର୍ତ୍ତିକ ସାହୁ)

ଡ୍ରିମ୍‌ସ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ହେଲ୍‌ଥ ସାଇନ୍ସ ଆଣ୍ଡ୍ ହସ୍ପିଟାଲ ପକ୍ଷରୁ ବିଶ୍ୱ ସ୍ୱାସ୍ଥ୍ୟ ଦିବସ ଉପଲକ୍ଷେ ରଙ୍ଗୋଲି ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ଅନ୍‌ଲାଇନ୍ ଜରିଆରେ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି ଛାତ୍ରୀଛାତ୍ରଙ୍କୁ ଶୁଭେଚ୍ଛା ଜଣାଇଥିଲେ। ବିଶ୍ୱ ସ୍ୱାସ୍ଥ୍ୟ ଦିବସ ଚଳିତ ବର୍ଷର ଥିମ୍ ମୋ ସ୍ୱାସ୍ଥ୍ୟ, ମୋ ଅଧିକାର ଉପରେ ନିଜର ସୃଜନଶୀଳ ଦୃଷ୍ଟିଭଙ୍ଗୀ ରଙ୍ଗୋଲି ପ୍ରତିଯୋଗୀତାରେ ଏମ୍‌ବିବିଏସ୍ ପ୍ରଥମ ବର୍ଷ ଛାତ୍ରୀଛାତ୍ରମାନେ ଅଂଶଗ୍ରହଣ କରିଥିଲେ। ଅଂଶଗ୍ରହଣ କରିଥିବା ୧୧ଟି ଦଳ ମଧ୍ୟରୁ ଆକାଂକ୍ଷା ସାହୁ, ପ୍ରିୟଦର୍ଶିନୀ ବିଶୋଇ, ମୋନାଲିସା ଦେବ ଓ ଜ୍ୟୋତିର୍ମୟୀ କର କୃତୀ ପ୍ରତିଯୋଗୀ ଭାବେ ବିବେଚିତ ହୋଇଥିଲେ। ଶିକ୍ଷାନୁଷ୍ଠାନର ଡିନ୍ ପ୍ରଫେସର ଡା. ବିରଞ୍ଚି ନାରାୟଣ ମହାପାତ୍ର, ଡା. ମୃତ୍ୟୁଞ୍ଜୟ ପଣ୍ଡା, ଡା. ବୁଲୁ ମହାନ୍ତିଙ୍କ ସମେତ ବିଭିନ୍ନ ବିଭାଗର ଅଧ୍ୟାପିକା, ଅଧ୍ୟାପକ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ସ୍ୱାସ୍ଥ୍ୟ ଦିବସ ପାଳନର ତାତ୍ପର୍ଯ୍ୟ ସମ୍ପର୍କରେ କହିଥିଲେ। ଡା. ଅର୍ପିତା ପ୍ରିୟଦର୍ଶିନୀ ଓ ଡା. ପ୍ରଜ୍ଞାଦା ରୀତା ଯୋଶୀ ବିଚାରକ ଭାବେ ଛାତ୍ରୀଛାତ୍ରଙ୍କ କଳାକୃତିର ମୂଲ୍ୟାଙ୍କନ କରିଥିଲେ।



କଟକ ବିଡାନାସୀସ୍ଥିତ ଶୋଭନୀୟ ଶିକ୍ଷା ଆଶ୍ରମରେ କୁମାର ଭାଇଙ୍କ ଜୟନ୍ତୀ ଓ ଅଶୋଭନୀୟତା ନିରୋଧ ଦିବସର ବାର୍ଷିକ ଉତ୍ସବରେ ଯୋଗଦେଇଥିବା ଅତିଥିବୃନ୍ଦ।

# ଫ୍ୟାନ୍‌ରେ ଝୁଲି ମହିଳାଙ୍କ ଆତ୍ମହତ୍ୟା

କଟକ,୮।୪ (କାର୍ତ୍ତିକ ସାହୁ)

ମଧୁପାଟଣା ଥାନା ଅନ୍ତର୍ଗତ ପୋପରଡ଼ା ଅଞ୍ଚଳରେ ଘରୋଇ କଳିକୁ କେନ୍ଦ୍ରକରି ଜଣେ ମହିଳା ବେକରେ ଶାଢ଼ୀ ବାନ୍ଧି ଫ୍ୟାନ୍‌ରେ ଝୁଲି ଆତ୍ମହତ୍ୟା କରିଛନ୍ତି। ସେ ହେଲେ ପୂଜା ଜେନା(୨୨)। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଛି। ମଙ୍ଗଳବାର ସକାଳେ ମୃତଦେହ ବ୍ୟବଚ୍ଛେଦ କରାଯିବ ବୋଲି ଥାନା ଅଧିକାରୀ ଚିତ୍ତରଞ୍ଜନ ରାଉତ ସୂଚନା ଦେଇଛନ୍ତି।

ସୂଚନା ଅନୁସାରେ, ନୟାଗଡ଼ ଅଞ୍ଚଳର ପୂଜା କେନ୍ଦ୍ରାପଡ଼ାର ସୁକାନ୍ତ ଜେନାଙ୍କୁ ୪ ବର୍ଷ ତଳେ ବିବାହ କରିଥିଲେ। ସେମାନେ କଟକ ସାର୍ତ୍ତୋଳରେ ନୂଆଘର ନିର୍ମାଣ କରିବା ପରେ ସପରିବାର ଆସି

## ଘରୋଇ କଳିର କରୁଣ ପରିଣତି

ରହୁଥିଲେ। ସେଠାରେ ଶାଶୂ ଓ ବୋହୂଙ୍କ ମଧ୍ୟରେ କଳିଝଗଡ଼ା ଲାଗିରହିଥିଲା। ସୁକାନ୍ତ ଅନ୍ୟ ଉପାୟ ନ ପାଇ ତାଙ୍କ ସ୍ତ୍ରୀ ଓ ପୁଅକୁ ଧରି ପୋପରଡ଼ା ଅଞ୍ଚଳରେ ଘରଭଡ଼ା ନେଇ ରହୁଥିଲେ। ମାତ୍ର ଏଠାକୁ ଆସିବା ପରେ କୌଣସି କାରଣରୁ ପୂଜା ଓ ସୁକାନ୍ତଙ୍କ ମଧ୍ୟରେ ମନାନ୍ତର ଲାଗିରହିଥିଲା। ସୋମବାର ଅପରାହ୍ନ ୪ଟାରେ ସୁକାନ୍ତ ତାଙ୍କ ପୁଅକୁ ସାଙ୍ଗରେ ନେଇ କିଣାକିଣି କରିବା ପାଇଁ ବଜାରକୁ ଯାଇଥିଲେ। ସେଠାରୁ ଫେରିବା ପରେ ଘର ଭିତରପଟୁ ବନ୍ଦ ଥିବା ଦେଖିଥିଲେ। ସେ ପୂଜାଙ୍କୁ ଯେତେ ଡାକିଥିଲେ ବି ଭିତରପଟୁ କୌଣସି ଉତ୍ତର ମିଳି ନ ଥିଲା। ସୁକାନ୍ତଙ୍କ ମନରେ ସନ୍ଦେହ ହୋଇଥିଲା। ସେ ତୁରନ୍ତ ସ୍ଥାନୀୟ ଥାନା ଓ ପଡ଼ୋଶୀ ଲୋକଙ୍କୁ ଏ ବାବଦରେ ଜଣାଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି କବାଟ ଭାଙ୍ଗିବା ପରେ ପୂଜାଙ୍କୁ ଫ୍ୟାନ୍‌ରେ ଝୁଲନ୍ତା ଅବସ୍ଥାରେ ଦେଖିବାକୁ ପାଇଥିଲା। ତାଙ୍କୁ ଉଦ୍ଧାର କରାଯାଇ ତୁରନ୍ତ ଏସ୍‌ସିବି ମେଡିକାଲକୁ ନିଆଯାଇଥିଲା। ହେଲେ ତାଙ୍କର ମୃତ୍ୟୁ ଘଟିଥିବା ଡାକ୍ତର କହିଥିଲେ। ଏ ନେଇ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ପରିବାର ଲୋକଙ୍କୁ ପଚରାଉଚରା କରୁଛି। ବ୍ୟବଚ୍ଛେଦ ରିପୋର୍ଟ ମିଳିବା ମୃତ୍ୟୁର କାରଣ ଜଣାପଡିବ ବୋଲି ଥାନା ଅଧିକାରୀ ରାଉତ କହିଛନ୍ତି।




କଟକ ନୂଆବଜାରରେ ନୂଆବଜାର ବ୍ୟବସାୟୀ ସଂଘ ପକ୍ଷରୁ ଅନୁଷ୍ଠିତ ଭଜନ ସନ୍ଧ୍ୟା କାର୍ଯ୍ୟକ୍ରମରେ କଣ୍ଠଶିଳ୍ପୀ ରବି ମହାପାତ୍ର ଭଜନ ପରିବେଷଣ କରୁଛନ୍ତି।

# କଂଗ୍ରେସର ନିର୍ବାଚନ ପ୍ରସ୍ତୁତି ବୈଠକ

ଚୌଦ୍ୱାର,୮।୪(ଆଶୁତୋଷ ଦାସ)

ଟାଙ୍ଗୀ-ଚୌଦ୍ୱାର ବ୍ଲକ ଅନ୍ତର୍ଗତ ବାଣୀପଦା ପଞ୍ଚାୟତରେ କଂଗ୍ରେସ ପକ୍ଷରୁ ନିର୍ବାଚନ ସମ୍ପର୍କିତ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବ୍ଲକ କଂଗ୍ରେସ ସଭାପତି ଆଶୁତୋଷ ବରାଳଙ୍କ ପରିଚାଳନାରେ ଆୟୋଜିତ ବୈଠକରେ ପ୍ରଦେଶ କମିଟି ସମ୍ପାଦକ ମାନସ ନାୟକ, ବାଣୀପଦା ପଞ୍ଚାୟତ ସଭାପତି ସୁବାସ ସୁବୁଦ୍ଧିରାୟ, ଅବନୀ ନାୟକ, ଅକ୍ଷୟ ମହାନ୍ତି, ଦେବାଶିଷ ବରାଳଙ୍କ ସମେତ ବିଭିନ୍ନ ପଞ୍ଚାୟତର ସଭାପତି, ସମ୍ପାଦକ ଓ କର୍ମୀମାନେ ଯୋଗଦେଇଥିଲେ। ଆସନ୍ତା ନିର୍ବାଚନରେ ଦଳ କିପରି ଭଲ ପ୍ରଦର୍ଶନ କରିବା, ସେ ସମ୍ପର୍କରେ ବୈଠକରେ ଆଲୋଚନା ହୋଇଥିଲା। ଏଥିସହ ବୁଥ୍‌ସ୍ତରରେ କମିଟି ଗଠନ, ଦଳର ଆଭିମୁଖ୍ୟ ସମ୍ପର୍କରେ ଭୋଟରଙ୍କୁ ସଚେତନ କରିବା, ଦଳର ପୁରୁଣା କର୍ମୀ ଓ ସମର୍ଥକଙ୍କୁ ଏକତ୍ରିତ କରିବା ପାଇଁ କୁହାଯାଇଥିଲା। ସେହିପରି କଂଗ୍ରେସ ପକ୍ଷରୁ ଇନ୍ଦାଣୀପାଟଣା ପଞ୍ଚାୟତରେ ଅନୁରୂପ ଭାବେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ସଙ୍ଗଠନକୁ ମଜଭୁତ କରିବା ପାଇଁ ଆଗାମୀ ଦିନରେ ପ୍ରତି ପଞ୍ଚାୟତରେ ବୈଠକର ଆୟୋଜନ କରାଯାଇ ସ୍ଥାନୀୟ ଲୋକଙ୍କୁ ସାମିଲ କରିବା ପାଇଁ ବୈଠକରେ ସ୍ଥିର ହୋଇଥିଲା।

# ପ୍ରେମରେ ବିଫଳ ହେବାରୁ ଛାତ୍ରୀଙ୍କ ଫଟୋ ଭାଇରାଲ: ଯୁବକ ଗିରଫ

କଟକ,୮।୪ (କାର୍ତ୍ତିକ ସାହୁ)

ଏକତରଫା ପ୍ରେମ କରି ଫେସ୍‌ବୁକ୍‌ରେ ସାଇବର ଅପରାଧ ଘଟାଇବା ଘଟଣାର ପର୍ଦ୍ଦାଫାସ ହୋଇଛି। ଜଣେ ଯୁବତୀଙ୍କୁ ଯୌନ କାରବାର ନିମନ୍ତେ ବାଧ୍ୟ କରାଯାଇଛି। ଏହା ନ କଲେ ଅଶ୍ଳୀଳ ଫଟୋ ଭାଇରାଲ୍ କରିଦେବାର ଧମକ ଦେବା ଅଭିଯୋଗରେ କଟକ ସାଇବର ଥାନା ପୋଲିସ ଜଣେ ଯୁବକଙ୍କୁ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି। ସେ ହେଲେ କେନ୍ଦ୍ରାପଡ଼ା ଜିଲା ଡେରାବିଶ ଅଞ୍ଚଳର ରବିନାରାୟଣ ପଣ୍ଡା।

ସୂଚନା ଅନୁସାରେ, ଯାଜପୁର ଅଞ୍ଚଳର ଜଣେ ଯୁବତୀ ୪ ବର୍ଷ ପୂର୍ବେ କେନ୍ଦ୍ରାପଡ଼ାର ଏକ କଲେଜରେ ଡିଗ୍ରୀ ପାଠ ପଢୁଥିଲେ। ସେହି କଲେଜରେ ରବିନାରାୟଣ ବି ପଢୁଥିଲେ। ତେଣୁ ଦୁହେଁ ପରସ୍ପରକୁ ଜାଣିଥିଲେ। ରବିନାରାୟଣ ସେତେବେଳେ ଯୁବତୀଙ୍କୁ ଏକତରଫା ପ୍ରେମ କରୁଥିଲେ। ଯୁବତୀ ଜଣକ ପଢ଼ା ସରିବା ପରେ କଟକ ଆସି ଆଇନ ପାଠ ପଢ଼ିଲେ। ଗତ ସେପ୍ଟେମ୍ବରରେ ରବିନାରାୟଣ ଫେସ୍‌ବୁକ୍‌ରେ ଉକ୍ତ ଛାତ୍ରୀଙ୍କୁ ଫ୍ରେଣ୍ଡ୍ ରିକ୍ୱେଷ୍ଟ ପଠାଇଲେ। ଛାତ୍ରୀ ଜଣଙ୍କ ତାହାକୁ ଗ୍ରହଣ କରିଦେଲେ। ଏହାପରେ ରବିନାରାୟଣ ତାଙ୍କ ସହ ଚାଟିଂ ଆରମ୍ଭ କରିଦେଇଥିଲେ। ଏହି ଚାଟିଂ ମାଧ୍ୟମରେ ସେ ଛାତ୍ରୀଙ୍କୁ ଭିଡିଓରେ ଯୌନ କାରବାର କରିବାକୁ କହିଥିଲେ। ଏହା ନ କଲେ ଅଶ୍ଳୀଳ ଫଟୋ ଭାଇରାଲ୍ କରିଦେବାକୁ ଧମକ ଦେଲେ। ମାତ୍ର ଛାତ୍ରୀ ଜଣକ ଏହାକୁ ଖାତିର କରି ନ ଥିଲେ। ଫଳରେ ରବିନାରାୟଣ ଫେସ୍‌ବୁକ୍‌ରେ ସମ୍ପୃକ୍ତ ଛାତ୍ରୀଙ୍କର କିଛି ଅଶ୍ଳୀଳ ଏଡିଟେଡ୍ ଫଟୋ ଓ ଭିଡିଓ ଛାଡ଼ିଥିଲେ। ଏହା ଜାଣିବା ପରେ ଛାତ୍ରୀ ଜଣଙ୍କ କଟକ ସାଇବର ଥାନାରେ ଏତଲା ଦେଇଥିଲେ। ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ରବିନାରାୟଣ ଭୁବନେଶ୍ୱରରେ ରହୁଥିବା ପୋଲିସ ଜାଣିବାକୁ ପାଇଥିଲା। ସେଠାରେ ସେ ଏକ ଆପାର୍ଟମେଣ୍ଟର ସୁପରଭାଇଜର ଭାବେ କାମ କରୁଥିଲେ। ସାଇବର ଥାନା ପୋଲିସ ଭୁବନେଶ୍ୱରରୁ ଅଭିଯୁକ୍ତଙ୍କୁ ଗିରଫ କରିବା ସହିତ ତାଙ୍କ ମୋବାଇଲ୍ ଫୋନ୍ ଜବତ କରିଥିବା ଥାନା ଅଧିକାରୀ ରଶ୍ମୀତା ଜେନା ସୂଚନା ଦେଇଛନ୍ତି।

# ବଜ୍ରପାତ: ବିଦ୍ୟୁତ୍ ସେବା ବ୍ୟାହତ

କଟକ ସଦର, ୮।୪(ସୁଶାନ୍ତ କୁମାର ଜେନା)

କାଳବୈଶାଖୀ ଓ ବଜ୍ରପାତ ଯୋଗୁ କଟକ ସଦର ବ୍ଲକ ଅନ୍ତର୍ଗତ କନ୍ଦରପୁର, କିଶନ ନଗର ଓ ୪୨ ମୌଜା ବିଦ୍ୟୁତ୍ ସେକ୍ସନ ଅଞ୍ଚଳରେ ରବିବାର ସନ୍ଧ୍ୟାରୁ ବିଦ୍ୟୁତ୍ ସେବା ବ୍ୟାହତ ହୋଇଥିଲା। ବିଶେଷକରି ବଜ୍ରପାତ ହେବାରୁ ଅନେକ ସ୍ଥାନରେ ବିଦ୍ୟୁତ୍ ଟ୍ରାନ୍ସଫର୍ମର ପୋଡ଼ି ଯାଇଥିଲା। ଫଳରେ ଲୋକମାନଙ୍କୁ ରବିବାର ରାତିତମାମ ଅନ୍ଧାରରେ ରହିବାକୁ ପଡ଼ିଥିଲା। ପାଣିପାଗ ବିଭାଗ ପକ୍ଷରୁ ସନ୍ଧ୍ୟା ୬ଟା ମଧ୍ୟରେ ବଜ୍ରପାତ ହେବ ବୋଲି ସୂଚନା ଦିଆଯାଇଥିଲା। ମାତ୍ର ବିଦ୍ୟୁତ୍ ବିତରଣ କମ୍ପାନୀ ପକ୍ଷରୁ କାଳବୈଶାଖୀ ସମୟରେ ଉଚ୍ଚଚାପ ବିଦ୍ୟୁତ୍ ଲାଇନ୍‌ରେ କରେଣ୍ଟ ପ୍ରବାହ ଚାଲୁ ରଖାଯିବା ଦ୍ୱାରା ଟ୍ରାନ୍ସଫର୍ମର ପୋଡ଼ି ଯାଇଥିବା କୁହାଯାଉଛି। ଏହାଛଡା ଘରେ ଥିବା ବୈଦ୍ୟୁତିକ ଉପକରଣର କ୍ଷତି ଘଟିଥିବା ଜଣାପଡିଛି। ବଜ୍ରପାତ ସମୟରେ ବିଦ୍ୟୁତ୍ ସରବରାହ ବନ୍ଦ ରଖିବା ପାଇଁ ଉପଭୋକ୍ତାମାନଙ୍କ ପକ୍ଷରୁ ଦାବି ହେଉଛି। ତେବେ ୨୪ ଘଣ୍ଟା ପରେ ଅର୍ଥାତ୍ ସୋମବାର ସନ୍ଧ୍ୟାରେ ବିଦ୍ୟୁତ୍ ସରବରାହ ସ୍ୱାଭାବିକ ହୋଇଥିଲା।

**ଦ.ପୂ. ରେଳପଥ - ଟେଣ୍ଡର**

**ଟେଣ୍ଡର ବିଜ୍ଞପ୍ତି ନଂ. ଏସ୍‌ଟି-ସିକେପି-ଓଟି-୧୨-୨୦୨୪, ତାରିଖ ୦୮।୦୪।୨୦୨୪।** ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ସିନିୟର ଡିଭିଜନାଲ ସିଗ୍‌ନାଲ ଆଣ୍ଡ ଟେଲିକମ୍ ଇଞ୍ଜିନିୟର/ଚକ୍ରଧରପୁରଙ୍କ ଦ୍ୱାରା **ଟେଣ୍ଡର ନଂ. ଏସ୍‌ଟି-ସିକେପି-ଓଟି-୧୨-୨୦୨୪-୧** ଆହ୍ୱାନ କରାଯାଉଛି, ଯାହା **ତା୨୯।୦୪।୨୦୨୪ରିଖ ୧୫.୦୦ ଘଟିକା**ରେ ଖୋଲାଯିବା ପାଇଁ ଧାର୍ଯ୍ୟ। ଏହି ଟେଣ୍ଡର ପାଇଁ ମାନୁଆଲ ଅଫର ଅନୁମତିଯୋଗ୍ୟ ନୁହେଁ ଏବଂ ପ୍ରାପ୍ତ ହୋଇଥିବା ଏପରି ମାନୁଆଲ ଅଫରଗୁଡ଼ିକୁ ଅଣଦେଖା କରିଦିଆଯିବ। **କାର୍ଯ୍ୟର ନାମ:** ଝାରସୁଗୁଡ଼ା ପାସେଞ୍ଜର ୟାର୍ଡଠାରେ ଟ୍ରାଫିକ୍ ସୁବିଧାର ଉନ୍ନତୀକରଣ ପାଇଁ ଇଆଇର ପୁନଃ-ଡିଜାଇନିଂ ଲାଗି ସଂଶୋଧନ/ପରିବର୍ତ୍ତନ। **ଟେଣ୍ଡର ମୂଲ୍ୟ:** ₹୧,୦୫,୨୧,୫୫୭.୭୦। **ଅମାନତ ରାଶି:** ₹୨,୦୨,୬୦୦/- । **ସମାପ୍ତି ଅବଧି:** ୦୬ (ଛଅ) ମାସ। ଟେଣ୍ଡର ବିବରଣୀ ୱେବ୍‌ସାଇଟ୍ **http://www.ireps.gov.in**ରେ ଦେଖାଯାଇପାରିବ। ଟେଣ୍ଡରଦାତା/ବିଡର୍‌ମାନଙ୍କ ନିକଟରେ କ୍ଲାସ୍-III ଡିଜିଟାଲ ସିଗ୍‌ନେଚର୍ ସାର୍ଟିଫିକେଟ୍ ରହିଥିବା ଓ ସେ ଆଇଆର୍‌ଇପିଏସ୍ ପୋର୍ଟାଲ୍‌ରେ ପଞ୍ଜୀକୃତ ହୋଇଥିବା ନିହାତି ଜରୁରୀ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡରମାନେ ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ। ଇ-ଟେଣ୍ଡର ଫର୍ମଗୁଡ଼ିକ ବିନା ମୂଲ୍ୟରେ ଜାରି କରାଯିବ। (PR-16)

# ବିକାଶର ପ୍ରସଙ୍ଗ ନେଇ ରଣକ୍ଷେତ୍ରକୁ ଓହ୍ଲାଇବି: ପ୍ରକାଶ

## ବାରବାଟୀ-କଟକ ବିଜେଡିର କର୍ମୀ ସମ୍ମିଳନୀ

କଟକ, ୮।୪(ଶିଲ୍ପା ପ୍ରିୟଦର୍ଶିନୀ)



କର୍ମୀ ସମ୍ମିଳନୀରେ ରାଜ୍ୟ ସଭା ସଦସ୍ୟ ଦେବାଶିଷ ସାମନ୍ତରାୟ, ବିଧାୟକ ପ୍ରାର୍ଥୀ ପ୍ରକାଶ ବେହେରାଙ୍କ ସମେତ ଅନ୍ୟମାନେ।

କଟକ ସାରଳା ଭବନରେ ବାରବାଟୀ-କଟକ ବିଜେଡିର କର୍ମୀ ସମ୍ମିଳନୀ ସୋମବାର ଅନୁଷ୍ଠିତ ହୋଇଯାଇଛି। ବିଜେଡି କଟକ ଜିଲା ସଭାପତି ତଥା ରାଜ୍ୟ ସଭା ସଦସ୍ୟ ଦେବାଶିଷ ସାମନ୍ତରାୟଙ୍କ ନେତୃତ୍ୱରେ ଅନୁଷ୍ଠିତ ସମ୍ମିଳନୀରେ ବାରବାଟୀ-କଟକ ବିଧାୟକ ପ୍ରାର୍ଥୀ ପ୍ରକାଶ ବେହେରା ଯୋଗଦେଇ ସମସ୍ତ ଦଳୀୟ କର୍ମୀଙ୍କୁ ସାକ୍ଷାତ୍ କରିଛନ୍ତି। ଏଥିରେ କଟକ ମହାନଗର ନିଗମ(ସିଏମ୍‌ସି) ମେୟର ସୁବାସ ସିଂ ଯୋଗଦେଇ ନିର୍ବାଚନ ପାଇଁ ବସ୍ତିବାସିନ୍ଦାଙ୍କ ପାଖରେ ପହଞ୍ଚିବାକୁ ପ୍ରକାଶଙ୍କୁ ପରାମର୍ଶ ଦେଇଛନ୍ତି। ଏହାସହ ପ୍ରତ୍ୟେକ ୱାର୍ଡର କର୍ପୋରେଟର ଓ ୱାର୍ଡ ସଭାପତି ନିଜ ୱାର୍ଡରେ ପ୍ରଚାର କରିବା ପାଇଁ ଦାୟିତ୍ୱ ନେବାକୁ କହିଛନ୍ତି। ମୁଖ୍ୟମନ୍ତ୍ରୀ କଟକର ବହୁ ବିକାଶ କରିଛନ୍ତି। ଆଗାମୀ ଦିନରେ ଅନ୍ୟାନ୍ୟ ବିକାଶମୂଳକ କାର୍ଯ୍ୟ କରାଯିବ। ସେହି ବିକାଶ ପାଇଁ ବାରବାଟୀ-କଟକ ଭୋଟର ଦଳୀୟ ପ୍ରାର୍ଥୀଙ୍କୁ ଜୟଯୁକ୍ତ କରାଇବେ ବୋଲି ମେୟର କହିଛନ୍ତି। ସେହିପରି ବିଜେଡି ପ୍ରାର୍ଥୀ ପ୍ରକାଶ ସମସ୍ତ କର୍ମୀଙ୍କ ସହଯୋଗ ଲୋଡି କହିଛନ୍ତି, ବାରବାଟୀ-କଟକ ନିର୍ବାଚନମଣ୍ଡଳୀରେ ବିଜେଡି ଶକ୍ତିଶାଳୀ ଦଳ ରହିଛି। ଦଳର ପ୍ରତ୍ୟେକ କର୍ମୀଙ୍କୁ ନେଇ ନିର୍ବାଚନ ଲଢ଼ିବି। ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା କରାଯାଇଥିବା ବିକାଶର ପ୍ରସଙ୍ଗ ନେଇ ରଣକ୍ଷେତ୍ରକୁ ଓହ୍ଲାଇବି ବୋଲି ସେ କହିଛନ୍ତି। ଏହି ସମ୍ମିଳନୀରେ ନଗର ବିଜେଡି ସଭାପତି ମଧୁସୂଦନ ସାହୁ, ପ୍ରଫୁଲ୍ଲ ବେହେରା, କଟକ ନଗର ମହିଳା ସଭାନେତ୍ରୀ ପୂର୍ଣ୍ଣିମା ସିଂ, ରାଜ୍ୟ ମହିଳା ମୋର୍ଚ୍ଚା ଉପସଭାପତି ସମ୍ପତ୍ତି ମୋଡା, ଜିଲା ପରିଷଦ ଉପାଧ୍ୟକ୍ଷା ସୁଭଦ୍ରା ବେହେରା, କଟକ ଜିଲା ଲିଗାଲ ସେଲ୍ ସଭାପତି ଶଶିଭୂଷଣ ଦାସ, ନିରାମୟ ଉପଦେଷ୍ଟା ରଞ୍ଜନ ବିଶ୍ୱାଳ ମଞ୍ଚାସୀନ ଥିଲେ।

ସମ୍ମିଳନୀ ପରେ ପ୍ରକାଶ ବେହେରା ବିଶାଳ ବାଇକ୍ ଶୋଭାଯାତ୍ରାରେ କଟକ ଚଣ୍ଡୀ ମନ୍ଦିରରେ ପହଞ୍ଚିଥିଲେ। ପରେ ବାଇକ୍ ଶୋଭାଯାତ୍ରା ସହର ପରିକ୍ରମା କରି କଦମ-ଇ-ରସୁଲ, ନେତାଜୀ ସଂଗ୍ରହାଳୟ ପରିସରରେ ପହଞ୍ଚିଥିଲା। ସେଠାରେ ନେତୃବୃନ୍ଦ ନେତାଜୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଏହାପରେ ଶୋଭାଯାତ୍ରା ଦୋଳମୁଣ୍ଡାଇସ୍ଥିତ ଜଗନ୍ନାଥ ମନ୍ଦିରରେ ପହଞ୍ଚିଥିଲା। ଏଥିରେ ଯୁବକ, ଛାତ୍ର, ମହିଳା ମୋର୍ଚ୍ଚା କର୍ମୀ, ୱାର୍ଡ ସଭାପତି, କର୍ପୋରେଟର, ବରିଷ୍ଠ ନେତାଙ୍କ ସମେତ କର୍ମୀମାନେ ଉପସ୍ଥିତ ଥିଲେ।

**TPCODL**

**ବିଶେଷ ସୂଚନା**

ନିୟମିତ ମରାମତି କାର୍ଯ୍ୟ ପାଇଁ ଆଜି ଭୁବନେଶ୍ୱର ସ୍ଥିତ ଚକେଇସିଆଣି, ସମେଇଗଡ଼ିଆ, ଜୋରାକୂଳ, ତ୍ରିଶୁଳିଆ ମାର୍କେଟ, ବେଲଗଛିଆ ଓ ମଧୁପୁର ଅଞ୍ଚଳରେ ସକାଳ ୮ ଘଟିକାରୁ ଦିନ ୧୧ ଘଟିକା ପର୍ଯ୍ୟନ୍ତ, ଜଇଶପାଟଣା ଅଞ୍ଚଳରେ ସକାଳ ୭ ଘଟିକାରୁ ଦିନ ୧୦ ଘଟିକା ପର୍ଯ୍ୟନ୍ତ ଏବଂ ଗଙ୍ଗନଗର ଓ ଭୀମପୁର ଅଞ୍ଚଳରେ ସକାଳ ୮ ଘଟିକାରୁ ମଧ୍ୟାହ୍ନ ୧୨ ଘଟିକା ପର୍ଯ୍ୟନ୍ତ ବିଦ୍ୟୁତ ଯୋଗାଣ ବନ୍ଦ ରହିବ।

**ଅସୁବିଧା ପାଇଁ ଦୁଃଖିତ - ଟିପିସିଓଡିଏଲ**

**ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା**

ସଚିବାଳୟ ମାର୍ଗ, ଭୁବନେଶ୍ୱର - ୭୫୧୦୦୧
ଫୋନ୍: (୦୬୭୪) ୨୩୯୩୫୨୪, ଇପିବିଏକ୍ସ: (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ: (୦୬୭୪) ୨୩୯୩୯୫୨, ୱେବ୍‌ସାଇଟ୍: https://oshb.org

ପତ୍ର ସଂଖ୍ୟା: ୮୭ — ତା:୦୪।୦୪।୨୦୨୪

**ବିଜ୍ଞାପନ**

No. CAD-39: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଘର ନଂ. ଏଲ୍.ସି.ଆର୍-୩୦୩, ଛେଣ୍ଡ କଲୋନୀ, ଫେଜ୍-୧, ରାଉରକେଲା, ଛେଣ୍ଡ ଗୃହ ନିର୍ମାଣ ପ୍ରକଳ୍ପରେ, ଶ୍ରୀ ଗୋକୁଳାନନ୍ଦ ପାଣିଗ୍ରାହୀ, ପିତା: ୰ଅଭିମନ୍ୟୁ ପାଣିଗ୍ରାହୀ, ସ୍ଥାନ: ଫ୍ଲାଟ ନଂ. ଏଫ୍-୩୩୫, ସେକ୍ଟର-୭, ସି.ଡି.ଏ., ପୋଷ୍ଟ: ମର୍କତ ନଗର, ଥାନା: ବିଡ଼ାନାସୀ (କଟକ ସଦର), ଜିଲ୍ଲା: କଟକ (ଓଡ଼ିଶା), ପିନ୍: ୭୫୩୦୧୪ଙ୍କୁ ଆବଣ୍ଟନ କରାଯାଇଥିଲା। ବର୍ତ୍ତମାନ ଆବଣ୍ଟନ ଗ୍ରହୀତା ଶ୍ରୀ ଗୋକୁଳାନନ୍ଦ ପାଣିଗ୍ରାହୀ ଉକ୍ତ ଗୃହଟିକୁ ବିକ୍ରି ଆଧାରରେ ଶ୍ରୀ ମନୋଜ କୁମାର ବେହେରା, ପିତା: ଶ୍ରୀ ମାନଗୋବିନ୍ଦ ବେହେରା, ସ୍ଥାନ: ଗୋଳିହା, ପୋଷ୍ଟ: ଡେଙ୍ଗୁରା, ଥାନା: ଖଇରା, ଜିଲ୍ଲା: ବାଲେଶ୍ୱରଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ ଏହି କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଅଛନ୍ତି।

ଉକ୍ତ ପ୍ରକଳ୍ପ ଗୃହର ମାଲିକାନା ସ୍ୱତ୍ୱ ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ, ତା'ହେଲେ ଏହି ବିଜ୍ଞାପନ ପ୍ରକାଶନର ୧୫ ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତଭାବେ ଜଣାଇବେ। ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି/ଅଭିଯୋଗ ଗ୍ରହଣଯୋଗ୍ୟ ନୁହେଁ ଏବଂ ଗୃହଟିର ମାଲିକାନା ସ୍ୱତ୍ୱ ପରିବର୍ତ୍ତନ ଆଇନ ଅନୁଯାୟୀ କରାଯାଇପାରେ।

ସ୍ୱା./- ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

OIPR-13030/11/0033/2425

## ସଂକ୍ଷେପରେ

### ଭାଜପାରୁ ଇସ୍ତଫା ଦେଲେ ରାଧାମୋହନ



ପିପିଲି/ଡେଲାଙ୍ଗ, ୮।୪(ଦୁର୍ଗାମାଧବ ମିଶ୍ର/ ରଶ୍ମିରଞ୍ଜନ ପ୍ରଧାନ):

ପିପିଲି-ଡେଲାଙ୍ଗ ନିର୍ବାଚନ ମଣ୍ଡଳୀରେ ଭାଜପା ଯୁବନେତା ରାଧାମୋହନ ପ୍ରାଥମିକ ସଭ୍ୟପଦରୁ ଇସ୍ତଫା ଦେଇଛନ୍ତି। ସେ ଇସ୍ତଫା ପତ୍ରକୁ ରାଜ୍ୟ ସଭାପତିଙ୍କ ନିକଟକୁ ପଠାଇ ଦେଇଛନ୍ତି। ରାଧାମୋହନ ଦଳରେ ୩ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ଲୋକଙ୍କ ବିଭିନ୍ନ ସମସ୍ୟାକୁ ନେଇ ଭିନ୍ନ ଭିନ୍ନ ସମୟରେ ଧାରଣା, ପ୍ରତିବାଦ କରି ଦାବି ଉପସ୍ଥାପନ କରି ଆସୁଥିଲେ। ଦଳ ତାଙ୍କୁ ବିଭିନ୍ନ ସମୟରେ ପଦପଦବୀରେ ରହିବା ପାଇଁ ସୁଯୋଗ ଦେଇଥିଲେ ମଧ୍ୟ ସେ ଗ୍ରହଣ କରି ନ ଥିଲେ। ଚଳିତ ନିର୍ବାଚନରେ ପିପିଲି-ଡେଲାଙ୍ଗ ନିର୍ବାଚନମଣ୍ଡଳୀରୁ ସେ ଭାଜପାରୁ ବିଧାୟକ ପ୍ରାର୍ଥୀ ପାଇଁ ଆଶାୟୀ ଥିଲେ। କିନ୍ତୁ ଏଥିରୁ ନିରାଶ ହେବା ପରେ ସେ ସ୍ୱାଧୀନ ପ୍ରାର୍ଥୀ ଭାବେ ନିର୍ବାଚନ ଲଢ଼ିବେ ବୋଲି ରାଧାମୋହନ ପ୍ରକାଶ କରିଥିଲେ।

### ୨୨ରେ ମାଇପି ମେଳା

ଚାରିଛକ,୮।୪(ଶିଶିର ସ୍ୱାଇଁ):

ଚାରିଛକ ନିକଟସ୍ଥ କାହ୍ନପୁର ବଟଗୋସେଇଁ ପୀଠରେ ଆସନ୍ତା ୨୨ ତାରିଖରେ ମାଇପି ମେଳା ଅନୁଷ୍ଠିତ ହେବ। ଏନେଇ ମାଇପି ମେଳା ଫାଉଣ୍ଡେଶନ ଟ୍ରଷ୍ଟ ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ସୋମବାର ଅନୁଷ୍ଠିତ ହୋଇଯାଇଛି। ମେଳାରେ ପୁରୀ, କଟକ, ଖୋର୍ଦ୍ଧା ଜିଲାରୁ ଭକ୍ତଙ୍କ ସମାଗମ ହୋଇଥାଏ। ଏହି ପୀଠକୁ ନିରବଚ୍ଛିନ୍ନ ବିଦ୍ୟୁତ୍ ସେବା, ଭକ୍ତଙ୍କ ପାଇଁ ପ୍ରସାଦ ସେବା, ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ପ୍ରସ୍ତୁତି ବୈଠକରେ ଆଲୋଚନା ହୋଇଥିଲା। ସନ୍ଧ୍ୟା ସମୟରେ ଲୋକଙ୍କ ଭିଡ଼କୁ ଦୃଷ୍ଟିରେ ରଖି ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯିବ ବୋଲି ଟ୍ରଷ୍ଟର ରମେଶ ସାହୁ, ଭାସ୍କର ଚନ୍ଦ୍ର ସ୍ୱାଇଁ, ଭରତ ପ୍ରଧାନ, ରଞ୍ଜିତ ସାହୁ, ଯୁଧିଷ୍ଠିର ଖୁଣ୍ଟିଆ, ହରିହର ବେହେରା, ବାବୁଲି ସ୍ୱାଇଁ, କୈଳାସ ଭୋଇ, ମୁଖ୍ୟ ପୂଜକ କ୍ଷୀରୋଦ ଦାସ ପ୍ରମୁଖ ପ୍ରକାଶ କରିଛନ୍ତି।

### ଅଘୋଷିତ ବିଜୁଳିକାଟ୍, ଜନଜୀବନ ଅସ୍ତବ୍ୟସ୍ତ

ଅସ୍ତରଙ୍ଗ,୮।୪(ପ୍ରଦୀପ୍ତ ଦୀକ୍ଷିତ):

ଅସ୍ତରଙ୍ଗରେ ଗତ କିଛି ଦିନ ହେବ ଘନଘନ ବିଜୁଳି କାଟ୍ ହେବା ଫଳରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଲାଣି। ଗତ ୫ ଦିନ ହେଲା ପ୍ରଚଣ୍ଡ ରୌଦ୍ରତାପ ସାଙ୍ଗକୁ ଅସହ୍ୟ ଗୁଳୁଗୁଳି ହେତୁ ଲୋକେ ହନ୍ତସନ୍ତ ହେଉଛନ୍ତି। ଏଭଳି ପରିସ୍ଥିତିରେ ଟାଟା ପାୱାରର ବାରମ୍ବାର ବିଦ୍ୟୁତ୍ କାଟ ଲୋକଙ୍କୁ ଅସହ୍ୟ ଯନ୍ତ୍ରଣା ଦେଉଛି। ଦିନସାରା ବାରମ୍ବାର ବିଦ୍ୟୁତ୍ କାଟ ସହିତ ଲାଇନ୍ ସଜାଡ଼ିବା ନାମରେ ବିଦ୍ୟୁତ୍ କାଟ୍ ହେଉଛି। ପୁଣି ରାତିରେ ବାରମ୍ବାର ଲାଇନ୍ କାଟୁଛନ୍ତି। ଗ୍ରୀଷ୍ମଋତୁରେ ବିଦ୍ୟୁତ୍ କାଟ ହେବ ନାହିଁ ବୋଲି ରାଜ୍ୟ ସରକାର ଘୋଷଣା କରିଥିବାବେଳେ ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହ ଓ ଗୁଳୁଗୁଳି ସମୟରେ ଏଭଳି ବିଦ୍ୟୁତ୍ କାଟ ଯୋଗୁ ଲୋକେ ନାହିଁ ନ ଥିବା ଯାତନା ଭୋଗୁଛନ୍ତି। ଗ୍ରୀଷ୍ମକାଳରେ ଲାଇନ ସଜଡ଼ା ନାମରେ ବିଜୁଳିକାଟ କରାଯିବା ଟାଟା ପାୱାରର ଏକ ଚାଲ୍ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି। ଏଭଳି ବିଦ୍ୟୁତ୍‌କାଟ ବନ୍ଦ ନ କଲେ ସ୍ଥାନୀୟ ଲୋକେ ଟାଟା ପାୱାର ଅଫିସ୍ ଘେରାଉ କରିବେ ବୋଲି ଚେତାବନୀ ଦେଇଛନ୍ତି।

### ଜଳ ନିଷ୍କାସନ ନାଳରେ ବର୍ଜ୍ୟବସ୍ତୁ



କଣାସ,୮।୪(ବିଭୂତି ଭୂଷଣ ତ୍ରିପାଠୀ)

କଣାସ ପଞ୍ଚାୟତ ସମିତି ନିକଟରେ ଥିବା ଜଳ ନିଷ୍କାସନ ନାଳରେ ବର୍ଜ୍ୟବସ୍ତୁ ଜମା ହେବାରୁ ପରିବେଷ ପ୍ରଦୂଷଣ ହେଉଛି। କଣାସ ବଜାରର କେତେଜଣ ବ୍ୟକ୍ତି କୁକୁଡ଼ା ପର ଓ ଅନ୍ୟାନ୍ୟ ଆବର୍ଜନା ଦୈନନ୍ଦିନ ପକାଉବା ଫଳରେ ତାହା ପଚି ଶଢ଼ି ଯିବାରୁ ଅଞ୍ଚଳରେ ଦୁର୍ଗନ୍ଧ ହେଉଛି। ଯେଉଁଥିରେ ସେହି ବାଟ ଦେଇ ଯାଉଥିବା ଲୋକେ ଦୁର୍ଗନ୍ଧରେ ଅତିଷ୍ଠ ହୋଇଗଲେଣି। ଏ ସମ୍ପର୍କରେ କଣାସ ତହସିଲଦାର ସନ୍ତୋଷ ପାଣିଗ୍ରାହୀଙ୍କୁ ପଚାରିବାରେ, ତୁରନ୍ତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଥିଲେ।

# ପ୍ରଦୂଷିତ ହୋଇପଡୁଛି ମଙ୍ଗଳା ନଦୀ

ପୁରୀ, ୮।୪(ଅଜିତ୍ ମହାନ୍ତି):



ସମ୍ପ୍ରତି ମଙ୍ଗଳା ନଦୀର ଜଳ ପ୍ରଦୂଷିତ ହୋଇପଡୁଛି। ପୁରୀ ସହରର ବର୍ଜ୍ୟଜଳ ସିଧାସଳଖ ମଙ୍ଗଳା ନଦୀରେ ପ୍ରବେଶ କରୁଛି। ସେହିପରି ଏହି ବର୍ଜ୍ୟ ଜଳ ମଙ୍ଗଳା ନଦୀ ଦେଇ ସମୁଦ୍ରରେ ମିଶୁଥିବାରୁ ସମୁଦ୍ର ଜଳ ମଧ୍ୟ ପ୍ରଦୂଷିତ ହେବାରେ ଲାଗିଛି। ମଙ୍ଗଳା ନଦୀ ମୁହାଣ ନିକଟ ବେଳାଭୂମିରେ ପର୍ଯ୍ୟଟକମାନେ ସ୍ନାନ କରିବାକୁ ଅନିଚ୍ଛା ପ୍ରକାଶ କରୁଛନ୍ତି। ଦୁର୍ଗନ୍ଧ ଯୋଗୁ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହୋଇଛି। ଅନେକ ସମୟରେ ମଙ୍ଗଳା ନଦୀ ମୁହାଣ ଅଞ୍ଚଳରେ ମାଛ ମଡ଼କ ଦେଖିବାକୁ ମିଳୁଛି। ନଦୀର ଜଳ ପ୍ରଦୂଷିତ ହୋଇଥିବାରୁ ଏଭଳି ଘଟୁଥିବା ଅଭିଯୋଗ ହୋଇଆସୁଛି। ସ୍ଥାନୀୟ ବାସିନ୍ଦା ମଙ୍ଗଳା ନଦୀର ଜଳକୁ ବ୍ୟବହାର କରିପାରୁନାହାନ୍ତି। ଉକ୍ତ ଜଳକୁ କେବଳ ଚାଷ କାର୍ଯ୍ୟରେ ଲଗାଯାଉଛି। ଗୋରୁ, ଛେଳି ମଧ୍ୟ ରୋଗାକ୍ରାନ୍ତ ହୋଇପଡୁଛନ୍ତି। ଏଥିଯୋଗୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଉଛି। ପୁରୀ ବେଳାଭୂମିର ପେଣ୍ଟକଟା ସମୁଦ୍ରରେ ମଧ୍ୟ ସମାନ ସ୍ଥିତି ଦେଖିବାକୁ ମିଳିଛି। ସହରର ବର୍ଜ୍ୟଜଳ ସିଧାସଳଖ ସମୁଦ୍ରରେ ଯାଇ ମିଶୁଛି। ଦୁର୍ଗନ୍ଧମୟ ପରିବେଶ ଯୋଗୁ ପେଣ୍ଟକଟା ବେଳାଭୂମିରେ ପର୍ଯ୍ୟଟକଙ୍କ ବୁଲିବା ଏକପ୍ରକାର ଅସମ୍ଭବ ହୋଇପଡିଥିବା ବେଳେ ସମୁଦ୍ର ଜଳ ପ୍ରଦୂଷିତ ଯୋଗୁ ସ୍ନାନ କରିବା ପାଇଁ ପର୍ଯ୍ୟଟକମାନେ ଉଚିତ ମନେ କରୁନାହାନ୍ତି। ତେବେ ମଙ୍ଗଳା ନଦୀ ଏବଂ ପେଣ୍ଟକଟା ବିଚ୍ ଦେଇ ସମୁଦ୍ରରେ ମିଶୁଥିବା ବର୍ଜ୍ୟଜଳର ବିଶୋଧନ ପାଇଁ ପ୍ରଶାସନ ତୁରନ୍ତ ପଦକ୍ଷେପ ନେବାକୁ ବିଭିନ୍ନ ମହଲରେ ଦୃଢ଼ ଦାବି ହୋଇଛି। ଏ ବିଷୟରେ ପ୍ରଶାସନ ଅବଗତ ଥିବାବେଳେ ଖୁବଶୀଘ୍ର ଏହି ସମସ୍ୟାର ନିରାକରଣ ଲାଗି ପଦକ୍ଷେପ ନିଆଯିବ ବୋଲି ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ କହିଛନ୍ତି।

## କୁମ୍ଭାରପଡ଼ା ଆଞ୍ଚଳିକ ମହିଳା ମହାସଂଘର ୭ମ ବାର୍ଷିକ ଉତ୍ସବ




ଉତ୍ସବରେ ଅତିଥିଙ୍କ ଗହଣରେ ପୁରସ୍କୃତ ପ୍ରତିଯୋଗୀମାନେ।

ପୁରୀ,୮।୪(ଅଜିତ୍ ମହାନ୍ତି)

କୁମ୍ଭାରପଡ଼ା ଆଞ୍ଚଳିକ ମହିଳା ମହାସଂଘର ୭ମ ବାର୍ଷିକ ଉତ୍ସବ ସୋମବାର ଶରଧାବାଲିସ୍ଥିତ ରାଣୀସତୀ ଭବନ ପରିସରରେ ପାଳିତ ହୋଇଯାଇଛି। ପୁରୀ ସଦର ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ପୂର୍ବତନ ପୌରସଦସ୍ୟ ସୁଦର୍ଶନ ସାହୁ, କୁମ୍ଭାରପଡ଼ା ଆଞ୍ଚଳିକ ମହିଳା ମହାସଂଘ ସମ୍ପାଦିକା ମାମିନା ସିହ୍ନା, ବୈଷ୍ଣବୀ ଏ.ଏଲ୍. ଏଫ୍‌ର ଅପର୍ଣ୍ଣା ଗୋଚ୍ଛାୟତ, ପ୍ରତିଧ୍ୱନି ଏଏଲ୍ଏଫ୍‌ର ଜ୍ୟୋତ୍ସ୍ନାରାଣୀ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ମହିଳାଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଓ କାର୍ଯ୍ୟକ୍ରମ ଦ୍ୱାରା ପ୍ରତିଭା ଲୋକଲୋଚନକୁ ଆସିପାରିବ ବୋଲି ଅତିଥିମାନେ କହିଥିଲେ। ପୂର୍ବରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ସେହିପରି ସ୍ଥାନୀୟ ଅଞ୍ଚଳରେ ଭିନ୍ନ ଭିନ୍ନ କ୍ଷେତ୍ରରେ ସମାଜ ପ୍ରତି ନିଜ କର୍ତ୍ତବ୍ୟ କରି ସ୍ୱତନ୍ତ୍ର ପରିଚୟ ପାଇଥିବା ଶେଖ୍ ବାବୁ, ଅଜଗର ଅଲ୍ଲୀ, ଦୟାନିଧି ବାରିକ, ହାଡ଼ିବନ୍ଧୁ ମହାନ୍ତି, ପୂର୍ଣ୍ଣଚନ୍ଦ୍ର ମହାନ୍ତି, ନୀଳକଣ୍ଠ ସାହୁ, ଲକ୍ଷ୍ମୀଧର ପ୍ରଧାନ, ବେଣୁଧର ସାହୁ, ଗୋପୀନାଥ ତ୍ରିପାଠୀ, ନାରାୟଣ ଦକ୍ଷିଣରାୟ, ଏନ୍. ସେଠୀ ଏବଂ ରାମଚନ୍ଦ୍ର ପାତ୍ରଙ୍କୁ ସମ୍ମାନିତ କରାଯାଇଥିଲା। ସମସ୍ତ କାର୍ଯ୍ୟକ୍ରମକୁ ବିକ୍ରମ ବରାଳ, ସଂଯୁକ୍ତା ସ୍ୱାଇଁ, ଶୁଭଲକ୍ଷ୍ମୀ ରାୟ, ପୂର୍ଣ୍ଣିମା ସାହୁ, ନମିତା ମିଶ୍ର, ଝୁନା ସିଂ, ପୁଷ୍ପାଞ୍ଜଳି ମିଶ୍ର ପ୍ରମୁଖ ପରିଚାଳନା କରିଥିଲେ।

## ଭାଜପା ଛାଡ଼ିଲେ ମାନସୀ ହରିଚନ୍ଦନ

ବ୍ରହ୍ମଗିରି,୮।୪(ସ୍ୱାଧୀନ ଚମ୍ପତିରାୟ):

ବ୍ରହ୍ମଗିରି ରାଜନୀତି ଏବେ ରୋଚକ ମୋଡ଼ ନେଉଛି। ୨ ଦଳର ପ୍ରାର୍ଥୀଙ୍କ ନାମ ଘୋଷଣା ପରେ ଏବେ ରାଜନୀତି ମଇଦାନ ସରଗରମ ହେବାରେ ଲାଗିଛି। ଏହାକୁ ନେଇ ସୋସିଆଲ ମିଡିଆରେ ବେଶ ଚର୍ଚ୍ଚା ଚାଲିଛି। ସୂଚନା ଅନୁଯାୟୀ, ବ୍ରହ୍ମଗିରି ଅଞ୍ଚଳରେ ଭାଜପା ପ୍ରାର୍ଥୀ ଘୋଷଣା ପରେ ଦଳରୁ ପୁରାତନ କର୍ମୀମାନେ ଦଳ ଛାଡୁଛନ୍ତି। ସେହିପରି ବ୍ରହ୍ମଗିରି ବ୍ଲକର ଭାଜପା ପୁରାତନ ନାରୀନେତ୍ରୀ ମାନସୀ ହରିଚନ୍ଦନ ରବିବାର ଦଳ ଛାଡ଼ିଛନ୍ତି। ଏନେଇ ସେ ରାଜ୍ୟ ସଭାପତି ମନମୋହନ ସାମଲଙ୍କୁ ତାଙ୍କ ଇସ୍ତଫା ପତ୍ର ପ୍ରଦାନ କରିଛନ୍ତି। ମାନସୀ ତାଙ୍କ ଇସ୍ତଫା ପତ୍ରରେ ଉଲେଖ କରିଛନ୍ତି, ସେ ୧୯୯୨ରୁ କଂଗ୍ରେସରେ ଯୋଗ ଦେଇ ଜିଲା ପରିଷଦ ଭାବେ ନିର୍ବାଚିତ ହୋଇଥିଲେ। ପରେ ଲୁଲୁଙ୍କ ବିୟୋଗ ପରେ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ରଙ୍କ ନେତୃତ୍ୱରେ ଭାଜପାରେ ଯୋଗଦେଇ କଟକ ଜିଲା ସଦରର ପ୍ରଭାରୀ ଭାବେ କାର୍ଯ୍ୟ କରିଥିଲେ। କିନ୍ତୁ ଏବେ ଦାଦା-ଝିଆରୀ (ଲଳିତେନ୍ଦୁ ଓ ଉପାନା)ଙ୍କ ବିବାଦରେ ତାଙ୍କୁ ଅଣଦେଖା କରାଯାଉଥିବାରୁ ସେ ଉଭୟଙ୍କ ଉପରେ ଅସନ୍ତୁଷ୍ଟ ହୋଇ ଦଳର ପ୍ରାଥମିକ ସଦସ୍ୟ ପଦରୁ ଇସ୍ତାଫା ଦେଉଥିବା ଦର୍ଶାଇଛନ୍ତି। ମାନସୀଙ୍କ ଏହି ଇସ୍ତଫା ପତ୍ର ସୋସିଆଲ ମିଡିଆରେ ଘୂରି ବୁଲୁଥିବାରୁ ବ୍ରହ୍ମଗିରିରେ ଏନେଇ ବେଶ ଚର୍ଚ୍ଚା ଚାଲିଛି।

## ମେଧାବୃତ୍ତି ପରୀକ୍ଷା ଦେଲେ ୧୪୩ ଛାତ୍ରୀଛାତ୍ର



ପୁରୀ, ୮।୪(ଅଜିତ୍ ମହାନ୍ତି)

ଶିକ୍ଷା ବିକାଶ ପରିଷଦ ଓଡ଼ିଶା ପକ୍ଷରୁ ୨୦୨୩-୨୪ ଶିକ୍ଷା ବର୍ଷ ନିମନ୍ତେ ରାଜ୍ୟସ୍ତରୀୟ ମେଧାବୃତ୍ତି ପରୀକ୍ଷା ପୁରୀର ଲୋକନାଥ ରୋଡସ୍ଥିତ ସାରସ୍ୱତ ବିଦ୍ୟା ନିକେତନ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଡେଲାଙ୍ଗର ନବଜ୍ୟୋତି ବିଦ୍ୟାମନ୍ଦିର, ନିମାପଡ଼ାର ନୀଳାଚଳ ଆଦର୍ଶ ଶିକ୍ଷାଶ୍ରମ, ପୁରୀ ଲୋକନାଥ ରୋଡ୍‌ସ୍ଥିତ ସାରସ୍ୱତ ବିଦ୍ୟା ନିକେତନ, ମଧୁବନର ବିନାୟକ ବିଦ୍ୟା ମନ୍ଦିର, ବାଲିଘାଟର ରାମକୃଷ୍ଣ ବିଦ୍ୟା ନିକେତନ ଏବଂ ଶ୍ରୀଗୋପାଳଜୀ ବିଦ୍ୟା ନିକେତନର ତୃତୀୟ, ପଞ୍ଚମ ଓ ସପ୍ତମ ଶ୍ରେଣୀର ଛାତ୍ରୀଛାତ୍ର ଏହି ପରୀକ୍ଷା କେନ୍ଦ୍ରରେ ପରୀକ୍ଷା ଦେଇଛନ୍ତି। ତୃତୀୟ ଶ୍ରେଣୀର ୫୦,ପଞ୍ଚମ ଶ୍ରେଣୀର ୫୦, ସପ୍ତମ ଶ୍ରେଣୀର ୪୩ ଜଣ ମିଶି ସମୁଦାୟ ୧୪୩ ଜଣ ମେଧାବୀ ପରୀକ୍ଷାର୍ଥୀ ବୃତ୍ତି ପରୀକ୍ଷା ଦେଇଛନ୍ତି। ପ୍ରକାଶଥାଉ କି, ଶିକ୍ଷା ବିକାଶ ପରିଷଦ ପକ୍ଷରୁ ପ୍ରାୟ ୩୦ଟି ଜିଲାରେ ଗୋଟିଏ ଦିନରେ ପରୀକ୍ଷା କରାଯାଇଥିଲା। ଶିକ୍ଷା ବିକାଶ ପରିଷଦ ଭୁବନେଶ୍ୱରର ସମ୍ପାଦକ ସୁରେଶ ଚନ୍ଦ୍ର ସାମନ୍ତରାୟ ଓ ପରୀକ୍ଷା ନିୟନ୍ତ୍ରକ ପ୍ରଦ୍ୟୁମ୍ନ କୁମାର ମିଶ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି କାର୍ଯ୍ୟ ପରିଚାଳିତ ହୋଇଥିଲା। ବିନାୟକ ବିଦ୍ୟା ମନ୍ଦିର ପ୍ରଧାନ ଶିକ୍ଷକ ମନୋରଞ୍ଜନ ତ୍ରିପାଠୀ, ସାରସ୍ୱତ ବିଦ୍ୟା ନିକେତନର ପ୍ରଧାନ ଶିକ୍ଷୟିତ୍ରୀ ସୁଜାତା ମହାପାତ୍ର, ମିଳନ କୁମାର ବିଶୋଇଙ୍କ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟ ପରିଚାଳିତ ହୋଇଥିଲା। ହରିହର ନାୟକ, ମାନିନୀ ମିଶ୍ର, ରଜନୀକାନ୍ତ ଜୟସିଂହ, ଗଙ୍ଗାଧର ବରାଳ, ମନୋରମା ବରାଳ, ଦେବଯାନୀ ଜେନା, ଅଳିଭା ମାଝୀ, ନିହାରିକା ଦାସ, ନଳିନୀପ୍ରଭା ଓଝା, ପୂର୍ଣ୍ଣିମା ଜେନା, ଭାନୁଲତା ସେନାପତି, ସୌରଭ ନାୟକ, ରଶ୍ମିତା ମିଶ୍ର, ଗୌରମଣି ମହାପାତ୍ର, ସସ୍ମିତା ଦାସ, ଚିତ୍ତରଞ୍ଜନ ତ୍ରିପାଠୀ, ଅର୍ପିତା ମିଶ୍ର, କପିଳେଶ୍ୱର କର, ରଘୁନାଥ ସ୍ୱାଇଁ, ରଶ୍ମି ରଞ୍ଜନ ମିଶ୍ର, ବିଶ୍ୱଜିତ୍ ସ୍ୱାଇଁ ପ୍ରମୁଖ ବିଭିନ୍ନ ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକ ପରୀକ୍ଷା ପରିଚାଳନାରେ ସହଯୋଗ କରିଥିଲେ। ଉକ୍ତ ମେଧାବୃତ୍ତି ପରୀକ୍ଷାରେ ଉତ୍ତୀର୍ଣ୍ଣ ବିଦ୍ୟାର୍ଥୀମାନଙ୍କୁ ପରବର୍ତ୍ତୀ ସମୟରେ ଭୁବନେଶ୍ୱର ପରିଷଦ କାର୍ଯ୍ୟାଳୟରେ ଭବ୍ୟ ସମ୍ବର୍ଦ୍ଧନା ପ୍ରଦାନ କରାଯିବ।

## ରକ୍ତଦାନ କଲେ ଛାତ୍ରୀଛାତ୍ର, ଅଧ୍ୟାପିକା ଅଧ୍ୟାପକ




ଜଣେ ବ୍ୟକ୍ତିଙ୍କଠାରୁ ରକ୍ତ ସଂଗ୍ରହ କରାଯାଉଛି।

ପୁରୀ, ୮।୪(ଅଜିତ ମହାନ୍ତି):

ପୁରୀ-କୋଣାର୍କ ବେଳାଭୂମି ମାର୍ଗସ୍ଥିତ କଲେଜ ଅଫ୍ ଫାର୍ମାସ୍ୟୁଟିକାଲ ସାଇନ୍‌ସେସ୍ ପରିସରରେ ସୋମବାର ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। କଲେଜର ପୂର୍ବତନ ଚେୟାରମ୍ୟାନ ସ୍ୱର୍ଗତଃ ପ୍ରଫୁଲ୍ଲ ଚନ୍ଦ୍ର ମିଶ୍ରଙ୍କ ସ୍ମୃତିରେ ଏହି ଶିବିର ଅନୁଷ୍ଠିତ ହୋଇଥିଲା। କଲେଜ ଅଧ୍ୟକ୍ଷ ପ୍ରଫେସର ଡ. ଅମୀୟକାନ୍ତ ମିଶ୍ରଙ୍କ ଅଧ୍ୟକ୍ଷତା ଏବଂ ଡାଇରେକ୍ଟର ଡ. ସନ୍ତୋଷ କୁମାର ମହାପାତ୍ର, ଭୁବନେଶ୍ୱରସ୍ଥିତ ଫାର୍ମାକଲୋଜି ଓ ଟକ୍ସିକଲୋଜି ବିଭାଗର ଅଧ୍ୟାପକ ଡ. ଅଜିତ କୁମାର ନାୟକ ପ୍ରମୁଖଙ୍କ ଉପସ୍ଥିତିରେ ଶିବିର ଉଦ୍‌ଘାଟିତ ହୋଇଥିଲା। ୭୦ ଜଣ ଛାତ୍ରୀଛାତ୍ର, ଅଧ୍ୟାପିକା ଅଧ୍ୟାପକ ଓ କର୍ମଚାରୀ ରକ୍ତ ଦାନ କରିଥିଲେ। ପରେ ଆୟୋଜିତ ସଭାରେ କଲେଜର ଚେୟାରପର୍ସନ୍ ଅନିମା ଦାସ, ସମ୍ମାନିତ ଅତିଥି ଭାବେ ହୋମିଓପାଥିକ୍ ଡାକ୍ତର ପ୍ରଫୁଲ୍ଲ କୁମାର ମହାପାତ୍ର, ସାମାଜିକ କର୍ମୀ ପ୍ରଦୀପ୍ତ କୁମାର ମହାନ୍ତି ଏବଂ ମୁଖ୍ୟ ଅତିଥି ଭାବେ ବରିଷ୍ଠ ଆଇନଜୀବୀ ଓ ପୁରୀ ବାର୍ କାଉନ୍‌ସିଲ୍‌ର ପୂର୍ବତନ ସଭାପତି ପୁଷ୍କର ମହାପାତ୍ର ଯୋଗଦେଇଥିଲେ। ସ୍ୱର୍ଗତଃ ମିଶ୍ରଙ୍କ ସ୍ମୃତିଚାରଣ କରାଯାଇଥିଲା। ରକ୍ତଦାନ ଶିବିର ଓ ସଭାକୁ କଲେଜ ଉପାଧ୍ୟକ୍ଷ ଡ. ସଞ୍ଜୟ କୁମାର ନାୟକ, ଅଧ୍ୟାପିକା ସୁନୀତା ମିଶ୍ର, ଡ. ନିକୁଞ୍ଜ କିଶୋର ମିଶ୍ର, ଦେବାଶିଷ ପାଣିଗ୍ରାହୀ, ସିଦ୍ଧେଶ୍ୱର ପାଢୀଯୋଶୀ, ବସନ୍ତ କୁମାର ବେହେରା, ଡ. ଚିନ୍ମୟ କେଶରୀ ସାହୁ, ଅସିତ୍‌କୁମାର ଷଡଙ୍ଗୀ ଓ ସରୋଜବିହାରୀ ମିଶ୍ର ପ୍ରମୁଖ ପରିଚାଳନା କରିଥିଲେ।

## ଭାଜପାରେ ମିଶିଲେ ଧ୍ରୁବ, ଶଙ୍କର୍ଷଣଙ୍କ ସମେତ ୩୦ ବିଜେଡି କର୍ମୀ

ସାକ୍ଷୀଗୋପାଳ,୮।୪
(ପ୍ରଶାନ୍ତ କୁମାର ବାରିକ/କିଶୋର ମହାପାତ୍ର)



ପୂର୍ବ ସତ୍ୟବାଦୀ ୩୩ ନମ୍ବର ଜୋନ୍‌ର ପୂର୍ବତନ ଜିଲା ପରିଷଦ ସଭ୍ୟ ଧ୍ରୁବ ଚରଣ ଦାସ, ସଙ୍ଗଠକ ସତୀଶ୍ ମିଶ୍ର, ପୂର୍ବତନ ବ୍ଲକ ଅଧ୍ୟକ୍ଷଙ୍କ ପ୍ରତିନିଧି ଶଙ୍କର୍ଷଣ ପ୍ରଧାନ, ନାରୀ ନେତ୍ରୀ ସ୍ୱର୍ଣ୍ଣଲତା ଜେନାଙ୍କ ସମେତ ୩୦ ଜଣ ବିଜେଡି କର୍ମୀ ଦଳ ଛାଡ଼ି ସୋମବାର ଭାଜପାରେ ସାମିଲ ହୋଇଛନ୍ତି। ପୁରୀ ଭାଜପା କାର୍ଯ୍ୟାଳୟରେ ଏହି ଉପଲକ୍ଷେ ମିଶ୍ରଣ ପର୍ବ ଆୟୋଜିତ ହୋଇଥିଲା। ଏଥିରେ ପୁରୀ ଭାଜପା ଲୋକ ସଭା ପ୍ରାର୍ଥୀ ସମ୍ବିତ୍ ପାତ୍ର, ସତ୍ୟବାଦୀ ବିଧାନସଭା ଆସନ ପ୍ରାର୍ଥୀ ଓମ୍‌ପ୍ରକାଶ ମିଶ୍ର, ୩୩ ନମ୍ବର ଜୋନ୍ ଜିଲା ପରିଷଦ ସଭ୍ୟ ରତିକାନ୍ତ ମିଶ୍ର, ସତ୍ୟବାଦୀ ଭାଜପା ମୁଖପାତ୍ର ତ୍ରିଲୋଚନ ରଥ, ମଣ୍ଡଳ ସଭାପତି କମଳାକାନ୍ତ ମିଶ୍ର, ନେତା ମଧୁ ସିଂହାରୀ ଏବଂ ଦୀପକ ଶତପଥୀ ପ୍ରମୁଖ ଉପସ୍ଥିତ ଥିଲେ।

ଭାଜପାରେ ଯୋଗଦେବା ପରେ ଧ୍ରୁବଚରଣ କହିଛନ୍ତି, ସେ ଦୀର୍ଘବର୍ଷ ହେବ ବିଜେଡିର ବିଭିନ୍ନ ପଦପଦବୀରେ ରହି ଶୃଙ୍ଖଳିତ କର୍ମୀ ଭାବେ କାର୍ଯ୍ୟ କରୁଥିଲେ। ମାତ୍ର ସତ୍ୟବାଦୀ ନିର୍ବାଚନମଣ୍ଡଳୀରେ ଏବେ ବିଶୃଙ୍ଖଳା ଦେଖାଦେଉଥିବାବେଳେ ତାଙ୍କ ଭଳି କର୍ମୀଙ୍କୁ ଅବହେଳା କରାଯାଉଥିବାରୁ ସେ ବିଜେଡିର ସମସ୍ତ ପଦପଦବୀ ଓ ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ଦେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ସତ୍ୟବାଦୀର ବିକାଶ ଲାଗି ଭାଜପାରେ ସାମିଲ ହୋଇଛନ୍ତି। ପୂର୍ବ ସତ୍ୟବାଦୀ ଭାଜପାର ଗଡ଼ କୁହାଯାଉଥିବାବେଳେ ୩୩ ନମ୍ବର ଜୋନ୍‌ରେ ରହିଛି ୮ ପଞ୍ଚାୟତ। ଏହି ପଞ୍ଚାୟତ ମଧ୍ୟରୁ ୬ଟି ସରପଞ୍ଚ ଓ ଗୋଟିଏ ସମିତିସଭ୍ୟ ପଦବୀ ଭାଜପା ଅକ୍ତିଆରରେ ରହିଛି। ଅନ୍ୟପକ୍ଷରେ ଏହି ମିଶ୍ରଣ ପ୍ରକ୍ରିୟା ଭାଜପା କ୍ଷେତ୍ରରେ ଭଲ ପ୍ରଭାବ ପକାଇବ ବୋଲି ପୁରୀ ଲୋକ ସଭା ପ୍ରାର୍ଥୀ ପାତ୍ର ପ୍ରକାଶ କରିଛନ୍ତି।

## ଇଭିଏମ୍, ଭିଭିପିଏଟିର ପ୍ରଥମ ରାଣ୍ଡୋମାଇଜେଶନ

ପୁରୀ,୮।୪(ଅଜିତ ମହାନ୍ତି):

ପୁରୀ ଜିଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ରାଷ୍ଟ୍ରୀୟ ବିଜ୍ଞାନ କେନ୍ଦ୍ର ସମ୍ମିଳନୀ କକ୍ଷରେ ସୋମବାର ଇଭିଏମ୍ ଏବଂ ଭିଭିପିଏଟିର ପ୍ରଥମ ରାଣ୍ଡୋମାଇଜେଶନ କରାଯାଇଛି। ଭାରତର ମୁଖ୍ୟ ନିର୍ବାଚନ କମିଶନର ଏବଂ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ ପୁରୀ ଜିଲା ନିର୍ବାଚନ ଅଧିକାରୀ ତଥା ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ସମସ୍ତ ରାଜନୈତିକ ଦଳର ପ୍ରତିନିଧିଙ୍କ ଉପସ୍ଥିତିରେ ଏହି ପ୍ରକ୍ରିୟା ସମ୍ପନ୍ନ କରାଯାଇଥିଲା। ଜିଲାପାଳ କହିଥିଲେ, ପୂର୍ବରୁ ନିର୍ବାଚନ କମିଶନଙ୍କଠାରୁ ମିଳିଥିବା ଇଭିଏମ୍ ଓ ଭିଭିପିଏଟି ଗୁଡ଼ିକୁ ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧିମାନଙ୍କ ଉପସ୍ଥିତିରେ ଷ୍ଟ୍ରଙ୍ଗରୁମ୍‌ରେ ରଖାଯାଇଥିଲା। ବର୍ତ୍ତମାନ ସମସ୍ତ ଇଭିଏମ୍ ଓ ଭିଭିପିଏଟିର ପ୍ରଥମ ରାଣ୍ଡୋମାଇଜେଶନ କମ୍ପ୍ୟୁଟର ମାଧ୍ୟମରେ କରାଯାଉଛି। ମୋଟ ଇଭିଏମ୍ ଓ ଭିଭିପିଏଟି ମଧ୍ୟରୁ ରାଣ୍ଡୋମାଇଜେଶନ ପରେ ଏହାକୁ ଲୋକ ସଭା ଓ ବିଧାନସଭା ୱାରୀ ବଛାଯାଇଛି। ପରବର୍ତ୍ତୀ ସମୟରେ ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶ କ୍ରମେ ପୁନଃ ରାଣ୍ଡୋମାଇଜେଶନ ମାଧ୍ୟମରେ ବାଲାଟ ୟୁନିଟ, କଣ୍ଟ୍ରୋଲ ୟୁନିଟ ଓ ଭିଭିପାଟ୍‌ର ସଂଯୁକ୍ତ ଏବଂ ନିର୍ଦ୍ଦିଷ୍ଟ ବୁଥ୍‌ୱାରୀ ରାଣ୍ଡୋମାଇଜେଶନ କରାଯିବ। ଏହି ପ୍ରକ୍ରିୟା ସମ୍ପୂର୍ଣ୍ଣ ଭାବେ କମ୍ପ୍ୟୁଟର ମାଧ୍ୟମରେ କରାଯାଉଛି ବୋଲି ଜିଲାପାଳ ସୂଚନା ଦେବା ସହ ଉକ୍ତ ପ୍ରକ୍ରିୟାରେ ସମସ୍ତ ରାଜନୈତିକ ଦଳର ପ୍ରତିନିଧି ଓ ସଂପୃକ୍ତ ବିଧାନସଭା ନିର୍ବାଚନ ମଣ୍ଡଳୀର ରିଟର୍ନିଂ ଅଫିସରମାନେ ଉପସ୍ଥିତ ରହିବାକୁ ଅନୁରୋଧ କରିଥିଲେ। ପରେ ରାଜନୈତିକ ଦଳର ପ୍ରତିନିଧିମାନଙ୍କ ଉପସ୍ଥିତିରେ ରାଣ୍ଡୋମାଇଜେଶନ ତାଲିକା ଆଧାରରେ ଇଭିଏମ୍ ଗୋଦାମ ବା ଷ୍ଟ୍ରଙ୍ଗ ରୁମ୍ ଖୋଲାଯାଇ ବିଧାନସଭା ୱାରୀ ପ୍ରସ୍ତୁତ ହୋଇଥିବା ଷ୍ଟ୍ରଙ୍ଗ ରୁମ୍‌ରେ ସଂପୃକ୍ତ ଇଭିଏମ୍ ଓ ଭିଭିପିଏଟିକୁ ରଖାଯାଇଥିଲା। କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ (ରାଜସ୍ୱ) ତଥା ୧୦୫-କାକଟପୁର ବିଧାନସଭା ନିର୍ବାଚନମଣ୍ଡଳୀର ରିଟର୍ନିଂ ଅଫିସର କୈଳାସ ଚନ୍ଦ୍ର ନାୟକ, ଅତିରିକ୍ତ ଜିଲାପାଳ (ପ୍ରଶାସନ) ତଥା ୧୦୯- ସତ୍ୟବାଦୀ ବିଧାନସଭା ନିର୍ବାଚନ ମଣ୍ଡଳୀର ରିଟର୍ନିଂ ଅଫିସର ଶରତ ଚନ୍ଦ୍ର ବେହେରା, ଅତିରିକ୍ତ ଜିଲାପାଳ (ପ୍ରୋଟୋକଲ) ତଥା ୧୦୬-ନିମାପଡ଼ା ବିଧାନସଭା ନିର୍ବାଚନ ମଣ୍ଡଳୀର ରିଟର୍ନିଂ ଅଫିସର ନୀଳମାଧବ ଭୋଇ, ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ୧୦୮-ବ୍ରହ୍ମଗିରି ବିଧାନସଭା ନିର୍ବାଚନମଣ୍ଡଳୀର ରିଟର୍ନିଂ ଅଫିସର ପ୍ରିୟରଞ୍ଜନ ପୃଷ୍ଟି, ଅତିରିକ୍ତ ଉପଜିଲାପାଳ ତଥା ୧୧୦-ପିପିଲି ବିଧାନସଭା ନିର୍ବାଚନମଣ୍ଡଳୀର ରିଟର୍ନିଂ ଅଫିସର ନୀଳମାଧବ ମାଝୀ, ଡେପୁଟି କଲେକ୍ଟର ରାକେଶ କୁମାର ପଣ୍ଡା, ମନୀଷା ଷଡ଼ଙ୍ଗୀ, ରାଷ୍ଟ୍ରୀୟ ବିଜ୍ଞାନ କେନ୍ଦ୍ରର ଡିଆଇଓ ବିଶ୍ୱନାଥ ପଣ୍ଡା, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ ଏବଂ ନିର୍ବାଚନ ବିଭାଗର କର୍ମଚାରୀ ଉପସ୍ଥିତ ଥିଲେ।




ବୈଠକରେ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ଏବଂ ଅନ୍ୟମାନେ।


**ଦ.ପୂ. ରେଳପଥ - ଟେଣ୍ଡର**

**ଟେଣ୍ଡର ବିଜ୍ଞପ୍ତି ନଂ. ଏସ୍‌ଟି-ସିକେପି-ଓଟି-୧୨-୨୦୨୪, ତାରିଖ ୦୮।୦୪।୨୦୨୪।** ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ସିନିୟର ଡିଭିଜନାଲ ସିଗ୍‌ନାଲ ଆଣ୍ଡ ଟେଲିକମ୍ ଇଞ୍ଜିନିୟର/ଚକ୍ରଧରପୁରଙ୍କ ଦ୍ୱାରା **ଟେଣ୍ଡର ନଂ. ଏସ୍‌ଟି-ସିକେପି-ଓଟି-୧୨-୨୦୨୪-୧** ଆହ୍ୱାନ କରାଯାଉଛି, ଯାହା **ତା୨୯।୦୪।୨୦୨୪ରିଖ ୧୫.୦୦ ଘଟିକା**ରେ ଖୋଲାଯିବା ପାଇଁ ଧାର୍ଯ୍ୟ। ଏହି ଟେଣ୍ଡର ପାଇଁ ମାନୁଆଲ ଅଫର ଅନୁମତିଯୋଗ୍ୟ ନୁହେଁ ଏବଂ ପ୍ରାପ୍ତ ହୋଇଥିବା ଏପରି ମାନୁଆଲ ଅଫରଗୁଡ଼ିକୁ ଅଣଦେଖା କରିଦିଆଯିବ। **କାର୍ଯ୍ୟର ନାମ:** ଝାରସୁଗୁଡ଼ା ପାସେଞ୍ଜର ୟାର୍ଡଠାରେ ଟ୍ରାଫିକ୍ ସୁବିଧାର ଉନ୍ନତୀକରଣ ପାଇଁ ଇଆଇର ପୁନଃ-ଡିଜାଇନିଂ ଲାଗି ସଂଶୋଧନ/ପରିବର୍ତ୍ତନ। **ଟେଣ୍ଡର ମୂଲ୍ୟ:** ₹୧,୦୫,୨୧,୫୫୭.୭୦। **ଅମାନତ ରାଶି:** ₹୨,୦୨,୬୦୦/- । **ସମାପ୍ତି ଅବଧି:** ୦୬ (ଛଅ) ମାସ। ଟେଣ୍ଡର ବିବରଣୀ ୱେବ୍‌ସାଇଟ୍ **http://www.ireps.gov.in**ରେ ଦେଖାଯାଇପାରିବ। ଟେଣ୍ଡରଦାତା/ବିଡର୍‌ମାନଙ୍କ ନିକଟରେ କ୍ଲାସ୍-III ଡିଜିଟାଲ ସିଗ୍‌ନେଚର୍ ସାର୍ଟିଫିକେଟ୍ ରହିଥିବା ଓ ସେ ଆଇଆର୍‌ଇପିଏସ୍ ପୋର୍ଟାଲ୍‌ରେ ପଞ୍ଜୀକୃତ ହୋଇଥିବା ନିହାତି ଜରୁରୀ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡରମାନେ ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ। ଇ-ଟେଣ୍ଡର ଫର୍ମଗୁଡ଼ିକ ବିନା ମୂଲ୍ୟରେ ଜାରି କରାଯିବ। (PR-16)



**TPCODL**

**ବିଶେଷ ସୂଚନା**

ନିୟମିତ ମରାମତି କାର୍ଯ୍ୟ ପାଇଁ ଆଜି ଭୁବନେଶ୍ୱର ସ୍ଥିତ ଚକେଇସିଆଣି, ସମେଇଗଡ଼ିଆ, ଜୋରାକୂଳ, ତ୍ରିଶୁଳିଆ ମାର୍କେଟ, ବେଲଗଛିଆ ଓ ମଧୁପୁର ଅଞ୍ଚଳରେ ସକାଳ ୮ ଘଟିକାରୁ ଦିନ ୧୧ ଘଟିକା ପର୍ଯ୍ୟନ୍ତ, ଜଇଶପାଟଣା ଅଞ୍ଚଳରେ ସକାଳ ୭ ଘଟିକାରୁ ଦିନ ୧୦ ଘଟିକା ପର୍ଯ୍ୟନ୍ତ ଏବଂ ଗଙ୍ଗନଗର ଓ ଭୀମପୁର ଅଞ୍ଚଳରେ ସକାଳ ୮ ଘଟିକାରୁ ମଧ୍ୟାହ୍ନ ୧୨ ଘଟିକା ପର୍ଯ୍ୟନ୍ତ ବିଦ୍ୟୁତ ଯୋଗାଣ ବନ୍ଦ ରହିବ।

**ଅସୁବିଧା ପାଇଁ ଦୁଃଖିତ - ଟିପିସିଓଡିଏଲ**



**ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା**

ସଚିବାଳୟ ମାର୍ଗ, ଭୁବନେଶ୍ୱର - ୭୫୧୦୦୧
ଫୋନ୍: (୦୬୭୪) ୨୩୯୩୫୨୪, ଇପିବିଏକ୍ସ: (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ: (୦୬୭୪) ୨୩୯୩୯୫୨, ୱେବ୍‌ସାଇଟ୍: https://oshb.org

ପତ୍ର ସଂଖ୍ୟା: ୮୭ **ବିଜ୍ଞାପନ** ତା:୦୪।୦୪।୨୦୨୪

No. CAD-39: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଘର ନଂ. ଏଲ୍.ସି.ଆର୍-୩୦୩, ଛେଣ୍ଡ କଲୋନୀ, ଫେଜ୍-୧, ରାଉରକେଲା, ଛେଣ୍ଡ ଗୃହ ନିର୍ମାଣ ପ୍ରକଳ୍ପରେ, ଶ୍ରୀ ଗୋକୁଳାନନ୍ଦ ପାଣିଗ୍ରାହୀ, ପିତା: ୰ଅଭିମନ୍ୟୁ ପାଣିଗ୍ରାହୀ, ସ୍ଥାନ: ପ୍ଲଟ ନଂ. ଏଫ୍-୩୩୫, ସେକ୍ଟର-୭, ସି.ଡି.ଏ., ପୋଷ୍ଟ: ମର୍କତ ନଗର, ଥାନା: ବିଡ଼ାନାସୀ (କଟକ ସଦର), ଜିଲ୍ଲା: କଟକ (ଓଡ଼ିଶା), ପିନ୍: ୭୫୩୦୧୪ଙ୍କୁ ଆବଣ୍ଟନ କରାଯାଇଥିଲା। ବର୍ତ୍ତମାନ ଆବଣ୍ଟନ ଗ୍ରହୀତା ଶ୍ରୀ ଗୋକୁଳାନନ୍ଦ ପାଣିଗ୍ରାହୀ ଉକ୍ତ ଗୃହଟିକୁ ବିକ୍ରି ଆଧାରରେ ଶ୍ରୀ ମନୋଜ କୁମାର ବେହେରା, ପିତା: ଶ୍ରୀ ମାନଗୋବିନ୍ଦ ବେହେରା, ସ୍ଥାନ: ଗୋକିହା, ପୋଷ୍ଟ: ଡେଙ୍ଗୁରା, ଥାନା: ଖଇରା, ଜିଲ୍ଲା: ବାଲେଶ୍ୱରଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ ଏହି କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଅଛନ୍ତି।

ଉକ୍ତ ପ୍ରକଳ୍ପ ଗୃହର ମାଲିକାନା ସ୍ୱତ୍ୱ ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ, ତା'ହେଲେ ଏହି ବିଜ୍ଞାପନ ପ୍ରକାଶନର ୧୫ ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତଭାବେ ଜଣାଇବେ। ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି/ଅଭିଯୋଗ ଗ୍ରହଣଯୋଗ୍ୟ ନୁହେଁ ଏବଂ ଗୃହଟିର ମାଲିକାନା ସ୍ୱତ୍ୱ ପରିବର୍ତ୍ତନ ଆଇନ ଅନୁଯାୟୀ କରାଯାଇପାରେ।

ସ୍ୱା./- ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

OIPR-13030/11/0033/2425

## ସଂକ୍ଷେପରେ

### ଆଇଏଏସ ଶିକ୍ଷାନବିସଙ୍କ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ପରିଦର୍ଶନ

**ଭୁବନେଶ୍ୱର, ୮।୪ (ବନ୍ଦନା ସେଠୀ):** ଭାରତୀୟ ପ୍ରଶାସନିକ ସେବାର ୬ଜଣ ଶିକ୍ଷାନବିସ ସୋମବାର ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗକୁ ସେମାନଙ୍କ ଶିକ୍ଷାଗ୍ରହଣ ପରିଦର୍ଶନ (ଏକ୍ସପୋଜର୍ ଭିଜିଟ୍)ରେ ଆସିଥିଲେ। ଏହି ଅବସରରେ ସେମାନେ ଲୋକସେବା ଭବନସ୍ଥିତ ବିଭାଗୀୟ ଦପ୍ତରରେ ପ୍ରମୁଖ ଶାସନ ସଚିବ ବିଷ୍ଣୁପଦ ସେଠୀ ଏବଂ ଅନ୍ୟ ବରିଷ୍ଠ ଅଧିକାରୀଙ୍କ ସହିତ ଆଲୋଚନା କରିଥିଲେ। ଦୃଶ୍ୟଶ୍ରାବ୍ୟ ଉପସ୍ଥାପନା ମାଧ୍ୟମରେ ଶିକ୍ଷାନବିଶମାନଙ୍କୁ ବିଭାଗର ବିଭିନ୍ନ କାର୍ଯ୍ୟକ୍ରମ ଉପରେ ଅବଗତ କରାଯାଇଥିଲା। ବିଭାଗ ଦ୍ୱାରା ପରିଚାଳିତ ବିଭିନ୍ନ ଯୋଜନା ତଥା କାର୍ଯ୍ୟାବଳୀ ନେଇ ସେମାନଙ୍କୁ ବିସ୍ତୃତ ସୂଚନା ପ୍ରଦାନ କରାଯାଇଥିଲା। ଏହାପରେ ସେମାନେ ବିଭାଗ ଅଧୀନରେ ଥିବା ରାଜ୍ୟ ଭିନ୍ନକ୍ଷମ ସଶକ୍ତୀକରଣ ପ୍ରତିଷ୍ଠାନ, ରାଜ୍ୟ ସ୍ୱତନ୍ତ୍ର ଶିକ୍ଷା ଓ ଗବେଷଣା ପ୍ରତିଷ୍ଠାନ (ସାଇଜର୍) ଓ ରାଜ୍ୟ ଭିନ୍ନକ୍ଷମ ପୁନର୍ବାସ ପ୍ରତିଷ୍ଠାନ (ଏସଆଇଡ଼ିଆର୍) ପରଦର୍ଶନ କରିଥିଲେ।

### ୨୨ରେ ମାଇପି ମେଳା

**ଚାରିଛକ,୮।୪(ଶିଶିର ସ୍ୱାଇଁ):**

ଚାରିଛକ ନିକଟସ୍ଥ କାହ୍ନପୁର ବଟଗୋସେଇଁ ପୀଠରେ ଆସନ୍ତା ୨୨ ତାରିଖରେ ମାଇପି ମେଳା ଅନୁଷ୍ଠିତ ହେବ। ଏନେଇ ମାଇପି ମେଳା ଫାଉଣ୍ଡେଶନ ଟ୍ରଷ୍ଟ ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ସୋମବାର ଅନୁଷ୍ଠିତ ହୋଇଯାଇଛି। ମେଳାରେ ପୁରୀ, କଟକ, ଖୋର୍ଦ୍ଧା ଜିଲାରୁ ଭକ୍ତଙ୍କ ସମାଗମ ହୋଇଥାଏ। ଏହି ପୀଠକୁ ନିରବଚ୍ଛିନ୍ନ ବିଦ୍ୟୁତ୍ ସେବା, ଭକ୍ତଙ୍କ ପାଇଁ ପ୍ରସାଦ ସେବା, ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ପ୍ରସ୍ତୁତି ବୈଠକରେ ଆଲୋଚନା ହୋଇଥିଲା। ସନ୍ଧ୍ୟା ସମୟରେ ଲୋକଙ୍କ ଭିଡ଼କୁ ଦୃଷ୍ଟିରେ ରଖି ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯିବ ବୋଲି ଟ୍ରଷ୍ଟର ରମେଶ ସାହୁ, ଭାସ୍କର ଚନ୍ଦ୍ର ସ୍ୱାଇଁ, ଭରତ ପ୍ରଧାନ, ରଞ୍ଜିତ ସାହୁ, ଯୁଧିଷ୍ଠିର ଖୁଣ୍ଟିଆ, ହରିହର ବେହେରା, ବାବୁଲି ସ୍ୱାଇଁ, କୈଳାସ ଭୋଇ, ମୁଖ୍ୟ ପୂଜକ କ୍ଷୀରୋଦ ଦାସ ପ୍ରମୁଖ ପ୍ରକାଶ କରିଛନ୍ତି।

### ଗଙ୍ଗାଧର ମେହେରଙ୍କ ଶ୍ରାଦ୍ଧୋତ୍ସବ

**ଭୁବନେଶ୍ୱର, ୮।୪ (ବନ୍ଦନା ସେଠୀ):** ଗଙ୍ଗାଧର ମେହେର ପ୍ରତିଷ୍ଠାନ, ସ୍ମୃତି କମିଟି ଓ ଉତ୍କଳ ସମ୍ମିଳନୀ ପକ୍ଷରୁ ଗଙ୍ଗାଧର ମେହେରଙ୍କ ଶ୍ରାଦ୍ଧୋତ୍ସବ ପାଳିତ ହୋଇଯାଇଛି। ଏହି ଅବସରରେ ସ୍ଥାନୀୟ ଗଙ୍ଗାଧର ମେହେର ମାର୍ଗରେ ଥିବା ସ୍ୱଭାବ କବିଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ସ୍ମୃତି କମିଟି ଅଧ୍ୟକ୍ଷ ସଂଜୀବ ଚନ୍ଦ୍ର ହୋତାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କମିଟିର ଉପଦେଷ୍ଟା ନରେନ୍ଦ୍ର କୁମାର ମିଶ୍ର ଓ ସମ୍ମାନିତ ଅତିଥି ଭାବେ ଚୂଡାମଣୀ ସେଠ୍ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ବରପୁତ୍ରଙ୍କ ଗୁଣାବଳି ବର୍ଣ୍ଣନା କରିଥିଲେ। ପ୍ରତିଷ୍ଠାନର ଅଧ୍ୟକ୍ଷ ତଥା ସ୍ମୃତି କମିଟିର ଆବାହକ ମିହିର ମେହେର ସ୍ୱାଗତ ଭାଷଣ ଦେଇଥିବାବେଳେ ସମ୍ପାଦକ ତଥା ଉତ୍କଳ ସମ୍ମିଳନୀର ସାଧାରଣ ସମ୍ପାଦକ ଦିଲୀପ ଦାଶଶର୍ମା ସଂଯୋଜନା କରିଥିଲେ। କାର୍ଯ୍ୟକ୍ରମରେ ସଂସ୍କୃତି ବିଭାଗର ପଦାଧିକାରୀ ଦେବନନ୍ଦ ବରିହା ଓ ଅଶ୍ୱିନୀ ଶତପଥୀ, ସ୍ମୃତି କମିଟିର ଉପଦେଷ୍ଟା ସୁକଦେବ ମେହେର, ଉତ୍କଳ ସମ୍ମିଳନୀର ଉପସଭାପତି ଡ. ସୁରେନ୍ଦ୍ର ମୋହନ ମିଶ୍ର, ଶାଖା ଉପସଭାପତି ଶିତଳ ଚନ୍ଦ୍ର ମହାନ୍ତି, କମିଟିର ସାଙ୍ଗଠନିକ-ସମ୍ପାଦକ ମଣିକର ମେହେର ପ୍ରମୁଖ ଯୋଗଦେଇ ବରପୁତ୍ରଙ୍କ ଗୁଣଗାନ କରିଥିଲେ।

### ଭାଜପା ଛାଡ଼ିଲେ ଯୁବନେତା ରାଧାମୋହନ

**ପିପିଲି/ଡେଲାଙ୍ଗ, ୮।୪(ଦୁର୍ଗାମାଧବ ମିଶ୍ର/ ରଶ୍ମିରଞ୍ଜନ ପ୍ରଧାନ):** ପିପିଲି-ଡେଲାଙ୍ଗ ନିର୍ବାଚନ ମଣ୍ଡଳୀରେ ଭାଜପା ଯୁବନେତା ରାଧାମୋହନ ପ୍ରାଥମିକ ସଭ୍ୟପଦରୁ ଇସ୍ତଫା ଦେଇଛନ୍ତି। ସେ ଇସ୍ତଫା ପତ୍ରକୁ ରାଜ୍ୟ ସଭାପତିଙ୍କ ନିକଟକୁ ପଠାଇ ଦେଇଛନ୍ତି। ରାଧାମୋହନ ଦଳରେ ୩ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ଲୋକଙ୍କ ବିଭିନ୍ନ ସମସ୍ୟାକୁ ନେଇ ଭିନ୍ନ ଭିନ୍ନ ସମୟରେ ଧାରଣା, ପ୍ରତିବାଦ କରି ଦାବି ଉପସ୍ଥାପନ କରି ଆସୁଥିଲେ। ଦଳ ତାଙ୍କୁ ବିଭିନ୍ନ ସମୟରେ ପଦପଦବୀରେ ରହିବା ପାଇଁ ସୁଯୋଗ ଦେଇଥିଲେ ମଧ୍ୟ ସେ ଗ୍ରହଣ କରି ନ ଥିଲେ। ଚଳିତ ନିର୍ବାଚନରେ ପିପିଲି-ଡେଲାଙ୍ଗ ନିର୍ବାଚନମଣ୍ଡଳୀରୁ ସେ ଭାଜପାରୁ ବିଧାୟକ ପ୍ରାର୍ଥୀ ପାଇଁ ଆଶାୟୀ ଥିଲେ। କିନ୍ତୁ ଏଥିରୁ ନିରାଶ ହେବା ପରେ ସେ ସ୍ୱାଧୀନ ପ୍ରାର୍ଥୀ ଭାବେ ନିର୍ବାଚନ ଲଢ଼ିବେ ବୋଲି ରାଧାମୋହନ ପ୍ରକାଶ କରିଥିଲେ।

# ପ୍ରଦୂଷିତ ହୋଇପଡ଼ିଛି ମଙ୍ଗଳା ନଦୀ

**ପୁରୀ, ୮।୪(ଅଜିତ୍ ମହାନ୍ତି):**



ସମ୍ପ୍ରତି ମଙ୍ଗଳା ନଦୀର ଜଳ ପ୍ରଦୂଷିତ ହୋଇପଡ଼ିଛି। ପୁରୀ ସହରର ବର୍ଜ୍ୟଜଳ ସିଧାସଳଖ ମଙ୍ଗଳା ନଦୀରେ ପ୍ରବେଶ କରୁଛି। ସେହିପରି ଏହି ବର୍ଜ୍ୟ ଜଳ ମଙ୍ଗଳା ନଦୀ ଦେଇ ସମୁଦ୍ରରେ ମିଶୁଥିବାରୁ ସମୁଦ୍ର ଜଳ ମଧ୍ୟ ପ୍ରଦୂଷିତ ହେବାରେ ଲାଗିଛି। ମଙ୍ଗଳା ନଦୀ ମୁହାଣ ନିକଟ ବେଳାଭୂମିରେ ପର୍ଯ୍ୟଟକମାନେ ସ୍ନାନ କରିବାକୁ ଅନିଚ୍ଛା ପ୍ରକାଶ କରୁଛନ୍ତି। ଦୁର୍ଗନ୍ଧ ଯୋଗୁ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହୋଇଛି। ଅନେକ ସମୟରେ ମଙ୍ଗଳା ନଦୀ ମୁହାଣ ଅଞ୍ଚଳରେ ମାଛ ମଡ଼କ ଦେଖିବାକୁ ମିଳୁଛି। ନଦୀର ଜଳ ପ୍ରଦୂଷିତ ହୋଇଥିବାରୁ ଏଭଳି ଘଟୁଥିବା ଅଭିଯୋଗ ହୋଇଆସୁଛି। ସ୍ଥାନୀୟ ବାସିନ୍ଦା ମଙ୍ଗଳା ନଦୀର ଜଳକୁ ବ୍ୟବହାର କରିପାରୁନାହାନ୍ତି। ଉକ୍ତ ଜଳକୁ କେବଳ ଚାଷ କାର୍ଯ୍ୟରେ ଲଗାଯାଉଛି। ଗୋରୁ, ଛେଳି ମଧ୍ୟ ରୋଗାକ୍ରାନ୍ତ ହୋଇପଡୁଛନ୍ତି। ଏଥିଯୋଗୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଉଛି। ପୁରୀ ବେଳାଭୂମିର ପେଣ୍ଠକଟା ସମୁଦ୍ରରେ ମଧ୍ୟ ସମାନ ସ୍ଥିତି ଦେଖିବାକୁ ମିଳିଛି। ସହରର ବର୍ଜ୍ୟଜଳ ସିଧାସଳଖ ସମୁଦ୍ରରେ ଯାଇ ମିଶୁଛି। ଦୁର୍ଗନ୍ଧମୟ ପରିବେଶ ଯୋଗୁ ପେଣ୍ଠକଟା ବେଳାଭୂମିରେ ପର୍ଯ୍ୟଟକଙ୍କ ବୁଲିବା ଏକପ୍ରକାର ଅସମ୍ଭବ ହୋଇପଡିଥିବା ବେଳେ ସମୁଦ୍ର ଜଳ ପ୍ରଦୂଷିତ ଯୋଗୁ ସ୍ନାନ କରିବା ପାଇଁ ପର୍ଯ୍ୟଟକମାନେ ଉଚିତ ମନେ କରୁନାହାନ୍ତି। ତେବେ ମଙ୍ଗଳା ନଦୀ ଏବଂ ପେଣ୍ଠକଟା ବିଚ୍ ଦେଇ ସମୁଦ୍ରରେ ମିଶୁଥିବା ବର୍ଜ୍ୟଜଳର ବିଶୋଧନ ପାଇଁ ପ୍ରଶାସନ ତୁରନ୍ତ ପଦକ୍ଷେପ ନେବାକୁ ବିଭିନ୍ନ ମହଲରେ ଦୃଢ଼ ଦାବି ହୋଇଛି। ଏ ବିଷୟରେ ପ୍ରଶାସନ ଅବଗତ ଥିବାବେଳେ ଖୁବଶୀଘ୍ର ଏହି ସମସ୍ୟାର ନିରାକରଣ ଲାଗି ପଦକ୍ଷେପ ନିଆଯିବ ବୋଲି ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ କହିଛନ୍ତି।

# କୁମ୍ଭାରପଡ଼ା ଆଞ୍ଚଳିକ ମହିଳା ମହାସଂଘର ୭ମ ବାର୍ଷିକ ଉତ୍ସବ



ଅତିଥିଙ୍କ ଗହଣରେ ପୁରସ୍କୃତ ପ୍ରତିଯୋଗୀମାନେ।

**ପୁରୀ,୮।୪(ଅଜିତ୍ ମହାନ୍ତି)**

କୁମ୍ଭାରପଡ଼ା ଆଞ୍ଚଳିକ ମହିଳା ମହାସଂଘର ୭ମ ବାର୍ଷିକ ଉତ୍ସବ ସୋମବାର ଶରଧାବାଲିସ୍ଥିତ ରାଣୀସତୀ ଭବନ ପରିସରରେ ପାଳିତ ହୋଇଯାଇଛି। ପୁରୀ ସଦର ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉତ୍ସବକୁ ଉଦଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ପୂର୍ବତନ ପୌର ସଦସ୍ୟ ସୁଦର୍ଶନ ସାହୁ, କୁମ୍ଭାରପଡ଼ା ଆଞ୍ଚଳିକ ମହିଳା ମହାସଂଘ ସମ୍ପାଦିକା ମାମିନା ସିହ୍ନା, ବୈଷ୍ଣବୀ ଏ.ଏଲ୍. ଏଫ୍‌ର ଅପର୍ଣ୍ଣା ଗୋଛାୟତ, ପ୍ରତିଧ୍ୱନି ଏଏଲ୍‌ଏଫ୍‌ର ଜ୍ୟୋସ୍ନାରାଣୀ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ମହିଳାଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଓ କାର୍ଯ୍ୟକ୍ରମ ଦ୍ୱାରା ପ୍ରତିଭା ଲୋକଲୋଚନକୁ ଆସିପାରିବ ବୋଲି ଅତିଥିମାନେ କହିଥିଲେ। ପୂର୍ବରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ସେହିପରି ସ୍ଥାନୀୟ ଅଞ୍ଚଳରେ ଭିନ୍ନ ଭିନ୍ନ କ୍ଷେତ୍ରରେ ସମାଜ ପ୍ରତି ନିଜ କର୍ତ୍ତବ୍ୟ ପାଳନ କରି ସ୍ୱତନ୍ତ୍ର ପରିଚୟ ପାଇଥିବା ଶେଖ୍ ବାବୁ, ଅଜଗର ଅଲ୍ଲୀ, ଦୟାନିଧି ବାରିକ, ହାଡ଼ିବନ୍ଧୁ ମହାନ୍ତି, ପୂର୍ଣ୍ଣଚନ୍ଦ୍ର ମହାନ୍ତି, ନୀଳକଣ୍ଠ ସାହୁ, ଲକ୍ଷ୍ମୀଧର ପ୍ରଧାନ, ବେଣୁଧର ସାହୁ, ଗୋପୀନାଥ ତ୍ରିପାଠୀ, ନାରାୟଣ ଦକ୍ଷିଣରାୟ, ଏନ୍. ସେଠୀ ଏବଂ ରାମଚନ୍ଦ୍ର ପାତ୍ରଙ୍କୁ ସମ୍ମାନିତ କରାଯାଇଥିଲା। ସମସ୍ତ କାର୍ଯ୍ୟକ୍ରମକୁ ବିକ୍ରମ ବରାଳ, ସଂଯୁକ୍ତା ସ୍ୱାଇଁ, ଶୁଭଲକ୍ଷ୍ମୀ ରାୟ, ପୂର୍ଣ୍ଣିମା ସାହୁ, ନମିତା ମିଶ୍ର, ଝୁନା ସିଂ, ପୁଷ୍ପାଞ୍ଜଳି ମିଶ୍ର ପ୍ରମୁଖ ପରିଚାଳନା କରିଥିଲେ।

### ଭାଜପା ଛାଡ଼ିଲେ ନାରୀନେତ୍ରୀ ମାନସୀ

**ବ୍ରହ୍ମଗିରି,୮।୪(ସ୍ୱାଧୀନ ଚମ୍ପତିରାୟ):**

ବ୍ରହ୍ମଗିରି ରାଜନୀତି ଏବେ ରୋଚକ ମୋଡ଼ ନେଉଛି। ୨ ଦଳର ପ୍ରାର୍ଥୀଙ୍କ ନାମ ଘୋଷଣା ପରେ ଏବେ ରାଜନୀତି ମଇଦାନ ସରଗରମ ହେବାରେ ଲାଗିଛି। ଏହାକୁ ନେଇ ସୋସିଆଲ ମିଡିଆରେ ବେଶ ଚର୍ଚ୍ଚା ଚାଲିଛି। ସୂଚନା ଅନୁଯାୟୀ, ବ୍ରହ୍ମଗିରି ଅଞ୍ଚଳରେ ଭାଜପା ପ୍ରାର୍ଥୀ ଘୋଷଣା ପରେ ଦଳରୁ ପୁରାତନ କର୍ମୀମାନେ ଦଳ ଛାଡୁଛନ୍ତି। ସେହିପରି ବ୍ରହ୍ମଗିରି ବ୍ଲକର ଭାଜପା ପୁରାତନ ନାରୀନେତ୍ରୀ ମାନସୀ ହରିଚନ୍ଦନ ରବିବାର ଦଳ ଛାଡ଼ିଛନ୍ତି। ଏନେଇ ସେ ରାଜ୍ୟ ସଭାପତି ମନମୋହନ ସାମଲଙ୍କୁ ତାଙ୍କ ଇସ୍ତଫା ପତ୍ର ପ୍ରଦାନ କରିଛନ୍ତି। ମାନସୀ ତାଙ୍କ ଇସ୍ତଫା ପତ୍ରରେ ଉଲେଖ କରିଛନ୍ତି, ସେ ୧୯୯୨ରୁ କଂଗ୍ରେସରେ ଯୋଗ ଦେଇ ଜିଲା ପରିଷଦ ଭାବେ ନିର୍ବାଚିତ ହୋଇଥିଲେ। ପରେ ଲୁଲୁଙ୍କ ବିୟୋଗ ପରେ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ରଙ୍କ ନେତୃତ୍ୱରେ ଭାଜପାରେ ଯୋଗଦେଇ କଟକ ଜିଲା ସଦରର ପ୍ରଭାରୀ ଭାବେ କାର୍ଯ୍ୟ କରିଥିଲେ। କିନ୍ତୁ ଏବେ ଦାଦା-ଝିଆରୀ (ଲଳିତେନ୍ଦୁ ଓ ଉପାନା)ଙ୍କ ବିବାଦରେ ତାଙ୍କୁ ଅଣଦେଖା କରାଯାଉଥିବାରୁ ସେ ଉଭୟଙ୍କ ଉପରେ ଅସନ୍ତୁଷ୍ଟ ହୋଇ ଦଳର ପ୍ରାଥମିକ ସଦସ୍ୟ ପଦରୁ ଇସ୍ତାଫା ଦେଉଥିବା ଦର୍ଶାଇଛନ୍ତି। ମାନସୀଙ୍କ ଏହି ଇସ୍ତଫା ପତ୍ର ସୋସିଆଲ ମିଡିଆରେ ଘୂରି ବୁଲୁଥିବାରୁ ବ୍ରହ୍ମଗିରିରେ ଏନେଇ ବେଶ ଚର୍ଚ୍ଚା ଚାଲିଛି।

# ୪୦୦ତମ ଅଧ୍ୟାୟରେ 'ତୁ ଖରା ମୁଁ ଛାଇ'



**ଭୁବନେଶ୍ୱର,୮।୪**

ରାଜ୍ୟର ଅଗ୍ରଣୀ ତଥା ଘରୋଇ ଓଡ଼ିଆ ଚ୍ୟାନେଲ ଜୀ ସାର୍ଥକରେ ପ୍ରସାରିତ ମେଗା ଧାରାବାହିକ 'ତୁ ଖରା ମୁଁ ଛାଇ' ସଫଳତାର ସହିତ ୪୦୦ତମ ଅଧ୍ୟାୟରେ ପହଞ୍ଚିଛି। ଉଲ୍ଲେଖଯୋଗ୍ୟ, ଜୀ ସାର୍ଥକରେ ପ୍ରତି ସୋମବାରରୁ ଶନିବାର ରାତି ୮ ଟା ୩୦ରେ ପ୍ରସାରିତ 'ତୁ ଖରା ମୁଁ ଛାଇ' ଏକ ଭିନ୍ନ ଧରଣର ଧାରାବାହିକ ହୋଇଥିବା ବେଳେ ଉକ୍ତ ଧାରାବାହିକ(କାହାଣୀ)ର ମୁଖ୍ୟ ଚରିତ୍ରରେ ଲୋକପ୍ରିୟ କଳାକାର ଏଜେ ଓ ମାନିନୀ ବେଶ୍ ଦମ୍‌ଦାର ଓ ହୃଦୟସ୍ପର୍ଶୀ ଅଭିନୟ ଜାରି ରଖିଛନ୍ତି। ଏପରି କି ସମୟର ଅଗ୍ରଗତି ସହ କାହାଣୀର ଗତି ମଧ୍ୟ ଆଗକୁ ଆଗକୁ ବଢି ଚାଲିଛି। ଅନେକ ରୋଚକ ମୋଡ଼ ସହ ଦର୍ଶକଙ୍କ ମନ ଜିଣିବାରେ 'ତୁ ଖରା ମୁଁ ଛାଇ' ସକ୍ଷମ ହେବା ସହିତ ସଫଳତାର ୪୦୦ତମ ଅଧ୍ୟାୟର ନିକଟରେ ପୂର୍ଣ୍ଣ କରିଛି। ବିଶେଷକରି ଜଣେ ଅଜଣା ଝିଅ ମୟୂରୀ ହୋଇ ମାନିନୀକୁ ମାରିବାକୁ ଚେଷ୍ଟା କରିଛି, ସେପଟେ ମାନିନୀ ତା'ର ସବୁପ୍ରକାରର ଚେଷ୍ଟା ଜାରି ରଖିଛି, କିପରି ଏଜେ ଓ ତା' ପରିବାର ଖୁସିରେ ରହିବେ। ଏପରି କି ସେ ଏଜେକୁ ମୟୂରୀ ସହ ଏକ ଡେଟରେ ପଠାଇବାକୁ ଯୋଜନା କରିଛି କିନ୍ତୁ ମୟୂରୀ ଯିବା ପାଇଁ ମନା କରିଛି ; ଯାହା ଏଜେକୁ ବହୁତ ଦୁଃଖ ଦେଇଛି। ମାନିନୀ ଏଜେକୁ ବୁଝାଇଛନ୍ତି ଓ ସରସ୍ୱତୀଙ୍କ ଆଭ୍ୟନ୍ତରୀଣ ବିରୋଧ ସତ୍ତ୍ୱେ ଦୁଇ ଜଣ ଏକ ସାଙ୍ଗରେ ରାତ୍ରିଭୋଜନ କରନ୍ତି ଓ ସ୍ୱାମୀଙ୍କ ପାଇଁ ଏକ ବିଶେଷ ପୂଜା କରିବା ମଧ୍ୟରେ ବିଭିନ୍ନ ରୋଚକ ଘଟଣା ସବୁ ମଧ୍ୟ ଘଟିଛି। ଏପରି କି ମୟୂରୀ ଏହା ଦେଖିଲା ପରେ ମାନିନୀ ଓ ଏଜେଙ୍କ ମଧ୍ୟରେ କିପରି ଦୂରତା ସୃଷ୍ଟି କରିବ ତାହା ପାଇଁ ଚକ୍ରାନ୍ତ ମଧ୍ୟ କରିଛି। କିପରି ମୟୂରୀର ଏହି ଚକ୍ରାନ୍ତଙ୍କୁ ସମସ୍ତଙ୍କ ସାମନାରେ ମାନିନୀ ପର୍ଦ୍ଦାଫାଶ କରିବା ସହ ଏଜେ ଓ ତା'ର ପରିବାରକୁ ଖୁସିରେ ରଖିବ, ତାହା ଏହି କାହାଣୀକୁ ଏକ ରୋଚକ ମୋଡରେ ପହଞ୍ଚାଇବ ବୋଲି ଆକଳନ କରାଯାଉଛି। ସେହିଭଳି ଅକ୍ଷୟ ପରିଜା ଓ କ୍ଷୀରୋଦ ପଟ୍ଟନାୟକ ପ୍ରଯୋଜିତ ଓ ବିଶ୍ୱରଞ୍ଜନ ମହାନ୍ତିଙ୍କ ନିର୍ଦ୍ଦେଶିତ 'ତୁ ଖରା ମୁଁ ଛାଇ' ନଟ ଖଟି ଅଭିନେତ୍ରୀ ସ୍ମୃତିରେଖାଙ୍କୁ ମୁଖ୍ୟ ଭୂମିକା ମାନିନୀ ଚରିତ୍ରରେ ଦେଖିବାକୁ ମିଳିଥିବା ବେଳେ ମଡେଲିଂରୁ ନିଜର କ୍ୟାରିଅର ଆରମ୍ଭ କରିଥିବା ରଞ୍ଜନ ଏଜେ ଚରିତ୍ରରେ ଓ ମୟୂରୀ ଚରିତ୍ରରେ ଥିବା ଅନନ୍ୟା ଶର୍ମା ନିଜର ଅଭିନୟର ଯାଦୁରେ ଓଡ଼ିଆ ଦର୍ଶକଙ୍କ ମନ ଜିଣିପାରିଛନ୍ତି। ଅପରପକ୍ଷରେ ସ୍ମୃତିରେଖା ଓ ରଞ୍ଜନଙ୍କ ସହ ସୌମ୍ୟା କାନୁନ୍‌ଗୋ, ସନ୍ଧ୍ୟାରଣୀ ବେହେରା, ପ୍ରୀତି ଓ ରାକେଶ ଏହି କାହାଣୀରେ ଏକ ଦମ୍‌ଦାର ଭୂମିକାରେ ଅଛନ୍ତି। ପୂର୍ବରୁ ଜୀ ସାର୍ଥକରେ ପ୍ରସାରିତ ପ୍ରତିଟି ମେଗା ଧାରାବାହିକକୁ ଦର୍ଶକଙ୍କ ଆଦୃତି ମିଳିଛି।

ଏ ନେଇ ଜୀ ସାର୍ଥକର ଚିଫ୍ ଚ୍ୟାନେଲ ଅଫିସର ପ୍ରତୀକ ସିଲ୍ କହିଛନ୍ତି, ତୁ ଖରା ମୁଁ ଛାଇକୁ ଓଡ଼ିଆ ଦର୍ଶକ ଭଲ ପାଇବା ଦେବା ସହିତ ଆଗକୁ ମଧ୍ୟ ଏହି ଧାରା ଜାରି ରହିବ ବୋଲି ସେ ମତପ୍ରକାଶ କରିଛନ୍ତି।

# ରକ୍ତଦାନ କଲେ, ଅଙ୍ଗଦାନ ପାଇଁ ସ୍ୱୀକୃତି ଦେଲେ ଅଭିନେତ୍ରୀ ପିଙ୍କି

**ଭୁବନେଶ୍ୱର, ୮।୪ (ବନ୍ଦନା ସେଠୀ)**

ବିବାହ ବାର୍ଷିକୀକୁ ଭିନ୍ନ ଏବଂ ମହତ ଢଙ୍ଗରେ ପାଳନ କରିଛନ୍ତି ଅଭିନେତ୍ରୀ ତଥା ଭାଜପା ନେତ୍ରୀ ପିଙ୍କି ପ୍ରଧାନ ଓ ତାଙ୍କର ସ୍ୱାମୀ କଲୋନେଲ୍ ସବ୍ୟସାଚୀ ଦାଶ। ସେମାନେ ଅଙ୍ଗଦାନ କରିବା ପାଇଁ ପ୍ରତିବଦ୍ଧ ହେବା ସହ କ୍ୟାପିଟାଲ ହସ୍ପିଟାଲରେ ଅଙ୍ଗଦାନର ଫର୍ମ ପୂରଣ କରି ନିଜର ସ୍ୱୀକୃତି ପ୍ରଦାନ କରିଛନ୍ତି। ଏଥିସହ ରକ୍ତ ଦାନ ମଧ୍ୟ କରିଛନ୍ତି। ଦେଶରେ ୧୦ ଲକ୍ଷରୁ ଉର୍ଦ୍ଧ୍ୱ ଲୋକ ଅଙ୍ଗ ରୋପଣ ପାଇଁ ଅପେକ୍ଷା କରିଥିବାବେଳେ ଡୋନରଙ୍କ ସଂଖ୍ୟା ବହୁତ କମ୍ ରହିଛି। ମାତ୍ର ୫୦ହଜାର ଲୋକ ଅଙ୍ଗଦାନ କରିବା ପାଇଁ ପ୍ରତିବଦ୍ଧ ଥିବାବେଳେ ଓଡିଶାରେ ୧୫ଜଣ ଲୋକ ଅଙ୍ଗ ଦାନ କରିପାରିଛନ୍ତି। ଅତୀତରେ କିଡ୍‌ନୀ ଟ୍ରାନ୍ସପ୍ଲାଣ୍ଟ ନ ହେବାରୁ ପିଙ୍କି ନିଜ ବାପାଙ୍କୁ ହରାଇଥିଲେ। ତେଣୁ ନିଜ ଅନ୍ତରଙ୍ଗଙ୍କୁ ହରାଇବାର ଦୁଃଖ ଯେପରି ଆଉ କାହାକୁ ନ ହେଉ ଏଭଳି ଚିନ୍ତା କରି ଅଙ୍ଗଦାନ କରିବାକୁ ନିଷ୍ପତ୍ତି ନେଇଥିବା ପିଙ୍କି କହିଛନ୍ତି। ଏଥିସହ ଜନ୍ମଦିନ, ବିବାହ ବର୍ଷିକୀ ବା କୌଣସି ଶୁଭ କାର୍ଯ୍ୟରେ ଲୋକମାନଙ୍କୁ ଅଙ୍ଗଦାନ କରିବା ପାଇଁ ଅନୁରୋଧ କରିବା ସହ ରକ୍ତଦାନ କରିବାକୁ ପରାମର୍ଶ ଦେଇଛନ୍ତି। ସେଠାରେ ଉପସ୍ଥିତ ଥିବା ହସ୍ପିଟାଲର ରକ୍ତ ଭଣ୍ଡାର ନିର୍ଦ୍ଦେଶକ ଦେବାଶିଷ ମିଶ୍ର କହିଛନ୍ତି, ବିଶେଷ ଭାବରେ ରକ୍ତ ଅଭାବ ରହୁଥିବାବେଳେ ଖରାଦିନେ ଡୋନର୍‌ଙ୍କ ସଂଖ୍ୟା କମ୍ ରହୁଛି। ତେବେ ସମସ୍ତେ ରକ୍ତଦାନ ସହ ଅଙ୍ଗଦାନ କରିବାକୁ ଆଗେଇ ଆସିବାକୁ ଅନୁରୋଧ କରିଥିଲେ। ଏଥିସହ ରକ୍ତ ପାଇଁ କ୍ୟାପିଟାଲ ହସ୍ପିଟାଲ ସମ୍ପୂର୍ଣ୍ଣ ରୂପରେ ପ୍ରସ୍ତୁତ ଥିବା ସେ କହିଥିଲେ।


**ଦ.ପୂ. ରେଳପଥ - ଟେଣ୍ଡର**

**ଟେଣ୍ଡର ବିଜ୍ଞପ୍ତି ନଂ. ଏସଟି-ସିକେପି-ଓଟି-୧୨-୨୦୨୪, ତାରିଖ ୦୮।୦୪।୨୦୨୪।** ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ସିନିୟର ଡିଭିଜନାଲ ସିଗ୍ନାଲ ଆଣ୍ଡ ଟେଲିକମ୍ ଇଞ୍ଜିନିୟର/ଚକ୍ରଧରପୁରଙ୍କ ଦ୍ୱାରା **ଟେଣ୍ଡର ନଂ. ଏସଟି-ସିକେପି-ଓଟି-୧୨-୨୦୨୪-୧** ଆହ୍ୱାନ କରାଯାଉଛି, ଯାହା **ତା୨୯।୦୪।୨୦୨୪ରିଖ ୧୫.୦୦ ଘଟିକା**ରେ ଖୋଲାଯିବା ପାଇଁ ଧାର୍ଯ୍ୟ। ଏହି ଟେଣ୍ଡର ପାଇଁ ମାନୁଆଲ ଅଫର ଅନୁମତିଯୋଗ୍ୟ ନୁହେଁ ଏବଂ ପ୍ରାପ୍ତ ହୋଇଥିବା ଏପରି ମାନୁଆଲ ଅଫରଗୁଡ଼ିକୁ ଅଣଦେଖା କରିଦିଆଯିବ। **କାର୍ଯ୍ୟର ନାମ:** ଝାରସୁଗୁଡ଼ା ପାସେଞ୍ଜର ୟାର୍ଡଠାରେ ଟ୍ରାଫିକ୍ ସୁବିଧାର ଉନ୍ନତୀକରଣ ପାଇଁ ଇଆଇର ପୁନଃ-ଡିଜାଇନିଂ ଲାଗି ସଂଶୋଧନ/ପରିବର୍ତ୍ତନ। **ଟେଣ୍ଡର ମୂଲ୍ୟ:** ₹୧,୦୫,୨୧,୫୫୭.୭୦। **ଅମାନତ ରାଶି:** ₹୨,୦୨,୬୦୦/- । **ସମାପ୍ତି ଅବଧି:** ୦୬ (ଛଅ) ମାସ। ଟେଣ୍ଡର ବିବରଣୀ ୱେବ୍‌ସାଇଟ୍ **http://www.ireps.gov.in**ରେ ଦେଖାଯାଇପାରିବ। ଟେଣ୍ଡରଦାତା/ବିଡରମାନଙ୍କ ନିକଟରେ କ୍ଲାସ୍-III ଡିଜିଟାଲ ସିଗ୍ନେଚର୍ ସାର୍ଟିଫିକେଟ୍ ରହିଥିବା ଓ ସେ ଆଇଆରଇପିଏସ୍ ପୋର୍ଟାଲ୍‌ରେ ପଞ୍ଜୀକୃତ ହୋଇଥିବା ନିହାତି ଜରୁରୀ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡରମାନେ ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ। ଇ-ଟେଣ୍ଡର ଫର୍ମଗୁଡ଼ିକ ବିନା ମୂଲ୍ୟରେ ଜାରି କରାଯିବ। **(PR-16)**


# ଭାଜପାରେ ମିଶିଲେ ଧ୍ରୁବ, ଶଙ୍କର୍ଷଣଙ୍କ ସମେତ ୩୦ ବିଜେଡି କର୍ମୀ

**ସାକ୍ଷୀଗୋପାଳ,୮।୪ (ପ୍ରଶାନ୍ତ କୁମାର ବାରିକ/କିଶୋର ମହାପାତ୍ର)**



ବିଜେଡି ଛାଡ଼ି ଭାଜପାରେ ସାମିଲ ହୋଇଥିବା ବ୍ୟକ୍ତିବିଶେଷ।

ପୂର୍ବ ସତ୍ୟବାଦୀ ୩୩ ନମ୍ବର ଜୋନ୍‌ର ପୂର୍ବତନ ଜିଲାପରିଷଦ ସଭ୍ୟ ଧ୍ରୁବ ଚରଣ ଦାସ, ସଙ୍ଗଠକ ସତୀଶ ମିଶ୍ର, ପୂର୍ବତନ ବ୍ଲକ ଅଧ୍ୟକ୍ଷଙ୍କ ପ୍ରତିନିଧି ଶଙ୍କର୍ଷଣ ପ୍ରଧାନ, ନାରୀ ନେତ୍ରୀ ସ୍ୱର୍ଣ୍ଣଲତା ଜେନାଙ୍କ ସମେତ ୩୦ ଜଣ ବିଜେଡି କର୍ମୀ ଦଳ ଛାଡ଼ି ସୋମବାର ଭାଜପାରେ ସାମିଲ ହୋଇଛନ୍ତି। ପୁରୀ ଭାଜପା କାର୍ଯ୍ୟାଳୟରେ ଏହି ଉପଲକ୍ଷେ ମିଶ୍ରଣ ପର୍ବ ଆୟୋଜିତ ହୋଇଥିଲା। ଏଥିରେ ପୁରୀ ଭାଜପା ଲୋକ ସଭା ପ୍ରାର୍ଥୀ ସମ୍ବିତ ପାତ୍ର, ସତ୍ୟବାଦୀ ବିଧାନସଭା ଆସନ ପ୍ରାର୍ଥୀ ଓମ୍‌ପ୍ରକାଶ ମିଶ୍ର, ୩୩ ନମ୍ବର ଜୋନ୍ ଜିଲାପରିଷଦ ସଭ୍ୟ ରତିକାନ୍ତ ମିଶ୍ର, ସତ୍ୟବାଦୀ ଭାଜପା ମୁଖପାତ୍ର ତ୍ରିଲୋଚନ ରଥ, ମଣ୍ଡଳ ସଭାପତି କମଳାକାନ୍ତ ମିଶ୍ର, ନେତା ମଧୁ ସିଂହାରୀ ଏବଂ ଦୀପକ ଶତପଥୀ ଉପସ୍ଥିତ ଥିଲେ।

ଭାଜପାରେ ଯୋଗଦେବା ପରେ ଧ୍ରୁବଚରଣ କହିଛନ୍ତି, ସେ ଦୀର୍ଘବର୍ଷ ହେବ ବିଜେଡିର ବିଭିନ୍ନ ପଦପଦବୀରେ ରହି ଶୃଙ୍ଖଳିତ କର୍ମୀ ଭାବେ କାର୍ଯ୍ୟ କରୁଥିଲେ। ମାତ୍ର ସତ୍ୟବାଦୀ ନିର୍ବାଚନମଣ୍ଡଳୀରେ ଏବେ ବିଶୃଙ୍ଖଳା ଦେଖାଦେଉଥିବାବେଳେ ତାଙ୍କ ଭଳି କର୍ମୀଙ୍କୁ ଅବହେଳା କରାଯାଉଥିବାରୁ ସେ ବିଜେଡିର ସମସ୍ତ ପଦପଦବୀ ଓ ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ଦେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ସତ୍ୟବାଦୀର ବିକାଶ ଲାଗି ଭାଜପାରେ ସାମିଲ ହୋଇଛନ୍ତି। ପୂର୍ବସତ୍ୟବାଦୀ ଭାଜପାର ଗଡ଼ କୁହାଯାଉଥିବାବେଳେ ୩୩ ନମ୍ବର ଜୋନରେ ରହିଛି ୮ ପଞ୍ଚାୟତ। ଏହି ପଞ୍ଚାୟତ ମଧ୍ୟରୁ ୬ଟି ସରପଞ୍ଚ ଓ ଗୋଟିଏ ସମିତି ସଭ୍ୟ ପଦବୀ ଭାଜପା ଅକ୍ତିଆରରେ ରହିଛି। ଅନ୍ୟପକ୍ଷରେ ଏହି ମିଶ୍ରଣ ପକ୍ରିୟା ଭାଜପା କ୍ଷେତ୍ରରେ ଭଲ ପ୍ରଭାବ ପକାଇବ ବୋଲି ପୁରୀ ଲୋକ ସଭା ପ୍ରାର୍ଥୀ ପାତ୍ର ପ୍ରକାଶ କରିଛନ୍ତି।

# ଅଗ୍ନିକାଣ୍ଡରେ ଗାଈ ମୃତ, ଟଙ୍କା ସହ ସୁନା ଗହଣା ଜଳିଗଲା

**ଗୋପ,୮।୪(ଭାରତୀ ଭୂଷଣ ଉପାଧ୍ୟାୟ):**



ଗୋପ ବ୍ଲକ ବୀରତୁଙ୍ଗ ପଞ୍ଚାୟତ ଅଧୀନ ଚେଙ୍ଗେଇଲ ଗ୍ରାମର ପ୍ରମୋଦ ମଲ୍ଲିକଙ୍କ ଘରେ ରବିବାର ବିଳମ୍ବିତ ରାତିରେ ଅଗ୍ନିକାଣ୍ଡ ଘଟିଛି। ଏଥିରେ ପୋଡ଼ିଯାଇ ଏକ ଗାଈର ମୃତ୍ୟୁ ହୋଇଥିବାବେଳେ ଅନ୍ୟ ଏକ ଗାଈ ଆହତ ହୋଇଛି। ଏଥିସହ ୫ ଲକ୍ଷ ଟଙ୍କା ସହ ରୁପା ଅଳଙ୍କାର ଓ ଆସବାବପତ୍ର ନଷ୍ଟ ଏବଂ ୨ଟି ବାଇକ୍, ୫ଟି ସାଇକେଲ ଜଳିଯାଇଛି। ତାଙ୍କୁ ସରକାରୀ ସହାୟତା ମିଳି ନ ଥିବାବେଳେ ସମ୍ପର୍କ, ସେବକ ସ୍ୱେଚ୍ଛାସେବୀ ସଂଗଠନ ପକ୍ଷରୁ ବସ୍ତ୍ର ସହିତ ଶୁଖିଲା ଖାଦ୍ୟ ଯୋଗାଇ ଦିଆଯାଇଛି।

ପ୍ରକାଶ ଯେ, ସବୁଦିନ ପରି ରବିବାର ରାତିରେ ପ୍ରମୋଦଙ୍କ ପରିବାର ଖାଇପିଇ ଶୋଇଥିଲେ। କୌଣସି ଏକ କାରଣରୁ ଗୁହାଳ ଘରୁ ଅଗ୍ନିକାଣ୍ଡ ଘଟି ଆଉ ୩ ବଖରା ଚାଳ ଘରେ ନିଆଁ ଲାଗିଯାଇଥିଲା। ପ୍ରମୋଦଙ୍କ ସହ ସମସ୍ତଙ୍କ ନିଦ ଭାଙ୍ଗି ଯାଇଥିଲା। ଗୋପ ଅଗ୍ନିଶମ ବାହିନୀକୁ ଖବର ଦେବାରେ କେନ୍ଦ୍ର ଅଧିକାରୀ ବସନ୍ତ ପାତ୍ର ଓ କର୍ମଚାରୀମାନେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଏଥିରେ ତାଙ୍କ ଝିଅ ବିବାହ ପାଇଁ ରଖିଥିବା ସମସ୍ତ ସୁନା ଗହଣା ଜଳି ପାଉଁଶ ହୋଇଯାଇଛି। ତେବେ ଆହତ ଗାଈର ଚିକିତ୍ସା ନିମନ୍ତେ ୧୯୬୨କୁ ଫୋନ ଲଗାଇଥିଲେ ମଧ୍ୟ ଘଣ୍ଟା ଘଣ୍ଟା ଧରି ତାହା ବ୍ୟସ୍ତ ଦେଖାଇଥିଲା। ସମ୍ପର୍କ ସଙ୍ଗଠନର ସଭାପତି ଧନେଶ୍ୱର ଦାସ, ସେବକ ସଙ୍ଗଠନ ସଭାପତି ଆଲୋକ ଜେନାଙ୍କ ସହିତ ସଭ୍ୟାସଭ୍ୟ ପହଞ୍ଚି ପ୍ରମୋଦଙ୍କ ପରିବାରକୁ ଖାଦ୍ୟ ବସ୍ତ୍ର ଯୋଗାଇଛନ୍ତି।


**TPCODL**

**ବିଶେଷ ସୂଚନା**

ନିୟମିତ ମରାମତି କାର୍ଯ୍ୟ ପାଇଁ ଆଜି ଭୁବନେଶ୍ୱର ସ୍ଥିତ ଚକେଇସିଆଣି, ସମେଇଗଡ଼ିଆ, ଜୋରାକୂଳ, ତ୍ରିଶୁଳିଆ ମାର୍କେଟ, ବେଲଗଛିଆ ଓ ମଧୁପୁର ଅଞ୍ଚଳରେ ସକାଳ ୮ ଘଟିକାରୁ ଦିନ ୧୧ ଘଟିକା ପର୍ଯ୍ୟନ୍ତ, ଜଇଶପାଟଣା ଅଞ୍ଚଳରେ ସକାଳ ୭ ଘଟିକାରୁ ଦିନ ୧୦ ଘଟିକା ପର୍ଯ୍ୟନ୍ତ ଏବଂ ଗଙ୍ଗନଗର ଓ ଭୀମପୁର ଅଞ୍ଚଳରେ ସକାଳ ୮ ଘଟିକାରୁ ମଧ୍ୟାହ୍ନ ୧୨ ଘଟିକା ପର୍ଯ୍ୟନ୍ତ ବିଦ୍ୟୁତ ଯୋଗାଣ ବନ୍ଦ ରହିବ।

**ଅସୁବିଧା ପାଇଁ ଦୁଃଖିତ - ଟିପିସିଓଡିଏଲ**



**ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା**

ସଚିବାଳୟ ମାର୍ଗ, ଭୁବନେଶ୍ୱର – ୭୫୧୦୦୧

ଫୋନ୍: (୦୬୭୪) ୨୩୯୩୫୨୪, ଇପିବିଏକ୍ସ: (୦୬୭୪) ୨୩୯୧୫୪୨, ୨୩୯୦୧୪୧

ଫାକ୍ସ: (୦୬୭୪) ୨୩୯୩୯୫୨, ୱେବ୍‌ସାଇଟ୍: https://oshb.org

ପତ୍ର ସଂଖ୍ୟା: ୮୭ **ବିଜ୍ଞାପନ** ତା:୦୪।୦୪।୨୦୨୪

No. CAD-39: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଘର ନଂ. ଏଲ୍.ସି.ଆର୍-୩୦୩, ଛେଣ୍ଡ କଲୋନୀ, ଫେଜ୍-୧, ରାଉରକେଲା, ଛେଣ୍ଡ ଗୃହ ନିର୍ମାଣ ପ୍ରକଳ୍ପରେ, ଶ୍ରୀ ଗୋକୁଳାନନ୍ଦ ପାଣିଗ୍ରାହୀ, ପିତା: ୰ଅଭିମନ୍ୟୁ ପାଣିଗ୍ରାହୀ, ସ୍ଥାନ: ପ୍ଲଟ ନଂ. ଏଫ୍-୩୩୫, ସେକ୍ଟର-୭, ସି.ଡି.ଏ., ପୋଷ୍ଟ: ମର୍କତ ନଗର, ଥାନା: ବିଡ଼ାନାସୀ (କଟକ ସଦର), ଜିଲ୍ଲା: କଟକ (ଓଡ଼ିଶା), ପିନ୍: ୭୫୩୦୧୪ଙ୍କୁ ଆବଣ୍ଟନ କରାଯାଇଥିଲା। ବର୍ତ୍ତମାନ ଆବଣ୍ଟନ ଗ୍ରହୀତା ଶ୍ରୀ ଗୋକୁଳାନନ୍ଦ ପାଣିଗ୍ରାହୀ ଉକ୍ତ ଗୃହଟିକୁ ବିକ୍ରି ଆଧାରରେ ଶ୍ରୀ ମନୋଜ କୁମାର ବେହେରା, ପିତା: ଶ୍ରୀ ମାନଗୋବିନ୍ଦ ବେହେରା, ସ୍ଥାନ: ଗୋକିହା, ପୋଷ୍ଟ: ଡେଙ୍ଗୁରା, ଥାନା: ଖଇରା, ଜିଲ୍ଲା: ବାଲେଶ୍ୱରଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ ଏହି କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଅଛନ୍ତି।

ଉକ୍ତ ପ୍ରକଳ୍ପ ଗୃହର ମାଲିକାନା ସ୍ୱତ୍ୱ ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ, ତା'ହେଲେ ଏହି ବିଜ୍ଞାପନ ପ୍ରକାଶନର ୧୫ ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତଭାବେ ଜଣାଇବେ। ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି/ଅଭିଯୋଗ ଗ୍ରହଣଯୋଗ୍ୟ ନୁହେଁ ଏବଂ ଗୃହଟିର ମାଲିକାନା ସ୍ୱତ୍ୱ ପରିବର୍ତ୍ତନ ଆଇନ ଅନୁଯାୟୀ କରାଯାଇପାରେ।

ସ୍ୱା./- ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

OIPR-13030/11/0033/2425

**ସଂକ୍ଷେପରେ**

## ଗଞ୍ଜେଇ ଜବତ, ଜଣେ ଗିରଫ

ଭୁବନେଶ୍ୱର,୮।୪ (ସୂର୍ଯ୍ୟକାନ୍ତ ବେହେରା): ବେଆଇନ ଭାବେ ଗଞ୍ଜେଇ ରଖି ବିକ୍ରି କରିବାକୁ ଯୋଜନା କରୁଥିବାବେଳେ ଭରତପୁର ଥାନା ପୋଲିସ ନପୁଟ ଛକ ନିକଟରେ ଚଢାଉ କରି ଜଣେ ବେପାରୀଙ୍କୁ ଗିରଫ କରିଛି। ଅଭିଯୁକ୍ତ ହେଲେ ରତ୍ନାକର ଚାନ୍ଦ। ତାଙ୍କଠାରୁ ୩ କେଜି ଗଞ୍ଜେଇ ଜବତ ହୋଇଛି। ତାଙ୍କୁ କୋର୍ଟ ଚାଲାଣ ପରେ ଜାମିନ ନ ମିଳିବାରୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି । ତେବେ ଗଞ୍ଜେଇ କେଉଁଠାରୁ ଆଣୁଥିଲେ ନିୟମିତ କାହାକୁ ଯୋଗାଉଥିଲେ ତାହାର ତଥ୍ୟ ଜାଣିବା ପାଇଁ ପୋଲିସ ଅଧିକ ଖୋଲତାଡ ଚଳାଇଛି।

## ଧାନ ଫସଲରେ କାଣ୍ଡବିନ୍ଧା, ପତ୍ରଶଢ଼ା ରୋଗ



ନିରାକାରପୁର,୮।୪(ମାନସ ଚନ୍ଦ୍ର ପଟ୍ଟନାୟକ) ଖୋର୍ଦ୍ଧା ଜିଲା ଓରବରସିଂ ପଞ୍ଚାୟତରେ ପ୍ରତିବର୍ଷ ବନ୍ୟା ପରିସ୍ଥିତି ସୃଷ୍ଟି ହେଉଥିବାରୁ ଧାନ ଫସଲ କ୍ଷତିଗ୍ରସ୍ତ ହୋଇଥାଏ। ତେଣୁ ଏହି ଅଞ୍ଚଳର ଚାଷୀମାନେ ଖରାଦିନିଆ ଧାନ ଚାଷ ଉପରେ ନିର୍ଭର କରିଥାନ୍ତି। ଚଳିତବର୍ଷ ଉକ୍ତ ପଞ୍ଚାୟତର ଶତାଧିକ ଚାଷୀ ଶହେ ଏକରରୁ ଊର୍ଦ୍ଧ୍ୱ ଜମିରେ ଧାନ ଫସଲ କରିଛନ୍ତି। ହେଲେ ଜଳସେଚନ ବ୍ୟବସ୍ଥା ନ ଥିବା ସହ ପାଣି ଅଭାବରୁ ଧାନ କିଆରି ଏବେ ଅନାବନା ଘାସରେ ପରିପୂର୍ଣ୍ଣ ହୋଇରହିଛି। ତେବେ ପାଣି ଅଭାବରୁ ଧାନ ଗଛରେ ଏବେ କାଣ୍ଡବିନ୍ଧା ଓ ପତ୍ର ଶଢା ରୋଗ ଦେଖାଦେଇଛି। ଫସଲରେ ଏଭଳି ରୋଗ ଦେଖି ଚାଷୀଙ୍କୁ ଚିନ୍ତା ଘାରିଛି। ଧାନରେ ରୋଗପୋକ ସମସ୍ୟା ଲାଗି ରହିଥିଲେ ମଧ୍ୟ ସମସ୍ୟା ସମାଧାନ ପାଇଁ କୃଷି ବିଭାଗ ପକ୍ଷରୁ କ୍ଷେତ୍ର ପ୍ରଦର୍ଶନ କରାଯାଉନାହିଁ। ଏନେଇ କୃଷି ବିଭାଗକୁ ବାରମ୍ବାର ଅବଗତ କରାଯାଇଥିଲେ ମଧ୍ୟ କେହି ଏଥିପ୍ରତି କର୍ଣ୍ଣପାତ କରୁନାହାନ୍ତି ବୋଲି ଚାଷୀ ଗୌତମ ପ୍ରଧାନ ପ୍ରକାଶ କରିଛନ୍ତି। ସମସ୍ୟା ନେଇ ଦାୟିତ୍ୱରେ ଥିବା ଗ୍ରାମସେବକଙ୍କୁ ବାରମ୍ବାର ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ ଫୋନ ଉଠାଉନାହାନ୍ତି। ଏଥିସହ ଗ୍ରାମସେବକ କ୍ଷେତ୍ର ପରିଦର୍ଶନ ପାଇଁ ଆସୁନାହାନ୍ତି ବୋଲି କେତେଜଣ ଚାଷୀ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ଜିଲା କୃଷି ଅଧିକାରୀ ପ୍ରଦୀପ୍ତ ପଣ୍ଡା କହିଛନ୍ତି, ମଙ୍ଗଳବାର ଗ୍ରାମସେବକଙ୍କୁ ଉକ୍ତ ଅଞ୍ଚଳ ପରିଦର୍ଶନ ପାଇଁ ପଠାଯିବ। କ'ଣ ହୋଇଛି ତାହା ତଦନ୍ତ କରାଯିବା ପରେ ପଦକ୍ଷପ ନିଆଯିବ ବୋଲି ସେ କହିଛନ୍ତି।

# ସରପାରିରେ ପ୍ରାଚୀନ ଶିଳାଲେଖର ପାଠୋଦ୍ଧାର

ଖୋର୍ଦ୍ଧା,୮।୪(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ଜିଲା ଟାଙ୍ଗୀ ବ୍ଲକ ଅନ୍ତର୍ଗତ ସରପାରି ଗ୍ରାମ ପଞ୍ଚମହାଦେବ ମନ୍ଦିରର ପ୍ରାଚୀନ ଶିଳାଲେଖର ପାଠୋଦ୍ଧାର କରିଛନ୍ତି କଳିଙ୍ଗ ଏପିଗ୍ରାଫିକାଲ ରିସର୍ଚ୍ଚ ଗ୍ରୁପ(କେଇଆର୍‌ଜି)ର ସଦସ୍ୟମାନେ। ପ୍ରତ୍ନଓଡ଼ିଆ ଲିପି ଏବଂ ଓଡ଼ିଆ ଭାଷାରେ ଖୋଦିତ ଏହି ଅଭିଲେଖର ଉତ୍କୀର୍ଣ୍ଣ କାଳ ପ୍ରାୟ ୬୦୦ରୁ ୭୦୦ ବର୍ଷ ପୂର୍ବେ ହୋଇଥାଇପାରେ ବୋଲି କେଇଆର୍‌ଜି ପକ୍ଷରୁ କୁହାଯାଇଛି। ରଣପୁରର ଐତିହ୍ୟପ୍ରେମୀ ଦେବୀପ୍ରସାଦ ସାମନ୍ତରାୟ ପ୍ରଥମେ ଏହି ଶିଳାଲେଖ ସମ୍ବନ୍ଧରେ କେଇଆର୍‌ଜିକୁ ସୂଚନା ଦେଇଥିଲେ। ପରେ ଏହି ଗ୍ରୁପ୍‌ର ସଦସ୍ୟ ବିଷ୍ଣୁମୋହନ ଅଧିକାରୀ, ଦୀପକ କୁମାର ନାୟକ, ମିହିର ବାହିନୀପତି ଓ ବିକ୍ରମ ନାୟକ ମିଳିତଭାବେ ପ୍ରାଚୀନ ଅଭିଲେଖଟିର ପାଠୋଦ୍ଧାର କରିଛନ୍ତି।

କେଇଆର୍‌ଜି ସଦସ୍ୟ ଦୀପକ କୁମାର ନାୟକ କହିଛନ୍ତି, ସରପାରି ଗ୍ରାମର ପଞ୍ଚମହାଦେବଙ୍କ ମନ୍ଦିର ଜଗମୋହନ ପ୍ରବେଶ ଦ୍ୱାରର କାନ୍ଥରେ ୯ ଧାଡ଼ିଯୁକ୍ତ ଏହି ଶିଳାଲେଖ ରହିଛି। ଲିପିତତ୍ତ୍ୱ ଦୃଷ୍ଟିରୁ



ବିଚାରକଲେ ଏହା ପ୍ରାୟ ୧୩ଶ/୧୪ଶ ଶତାବ୍ଦୀରେ କଳିଙ୍ଗୋତ୍କଳରେ ବ୍ୟବହୃତ ପ୍ରତ୍ନଓଡ଼ିଆ ଲିପି କୁହାଯାଇପାରେ। ଏହି ଶିଳାଲେଖରେ ବ୍ୟବହୃତ ଲିପିର ସାମଞ୍ଜସ୍ୟ ଗଙ୍ଗବଂଶୀୟ ସମ୍ରାଟ ତୃତୀୟ ଭାନୁଦେବଙ୍କ ପ୍ରାଚୀନ କଳିଙ୍ଗସ୍ଥିତ ପଟାଙ୍ଗୀ (ବର୍ତ୍ତମାନ ଆନ୍ଧ୍ର ଶ୍ରୀକାକୁଲମ ଜିଲା) ପଟେଶ୍ୱର ମନ୍ଦିର ଶିଳାଲେଖ ସହ ରହିଛି। ମନ୍ଦିରଟିର ଗଠନଶୈଳୀ ଓ ପାର୍ଶ୍ୱ ଦେବଦେବୀଙ୍କ ମୂର୍ତ୍ତିର କାରୁକାର୍ଯ୍ୟକୁ ବିଚାରକୁ ନେଲେ ମନ୍ଦିରର ନିର୍ମାଣ ମଧ୍ୟ ଗଙ୍ଗରାଜୁତି ସମୟରେ ହୋଇଥାଇପାରେ ବୋଲି ନାୟକ ମତବ୍ୟକ୍ତ କରିଛନ୍ତି। ଅନ୍ୟତମ ସଦସ୍ୟ ବିଷ୍ଣୁମୋହନ ଅଧିକାରୀ କହିଛନ୍ତି, ଏହି ଶିଳାଲେଖଟିର ଅଧିକାଂଶ ଅଂଶ କ୍ଷୟ ହୋଇଯାଇଥିଲେ ମଧ୍ୟ ଆଂଶିକଭାବେ ଏହାକୁ ପଢିବାକୁ ସମର୍ଥ ହୋଇଛୁ। ଏଥିରୁ କୌଣସି ରାଜାଙ୍କ ଦ୍ୱାରା ଜଣେ ମାଳାକାର ସେବାୟତ (ମାଳି)ଙ୍କୁ ଏହି ମନ୍ଦିରରେ ଭୋଗଖଞ୍ଜା ପାଇଁ କିଛି ଦାନ ପ୍ରଦାନ କରାଯାଇଥିବା ଅନୁମେୟ। ଅଭିଲେଖରେ 'ଦାମୋଦର' ନାମକ ଜଣେ ବ୍ୟକ୍ତିଙ୍କ ନାମ ଉଲ୍ଲେଖ ହୋଇଛି। ହୁଏତ ସେ ଏହି ମନ୍ଦିରରେ ଆଦ୍ୟ ମାଳାକାର ସେବକ ଥିଲେ ଏବଂ ତାଙ୍କୁ ହିଁ ଏହି ଦାନ ପ୍ରଦତ୍ତ ହୋଇଥିଲା। ସଦସ୍ୟ ମିହିର ବାହିନୀପତି କହିଛନ୍ତି, ଏହି ଅଭିଲେଖରୁ ମଧ୍ୟଯୁଗୀୟ ସମୟରେ ଓଡ଼ିଆ ଲିପି ଓ ଭାଷାର ରୂପରେଖ ତଥା ବ୍ୟବହାର ସମ୍ପର୍କରେ ଅନେକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ମିଳୁଛି। ଅଭିଲେଖରେ ପ୍ରଥମ ଧାଡ଼ିରେ ଏହି ସ୍ଥାନର ନାମ 'ସରପାଡି' ବୋଲି ଲେଖାଯାଇଛି। ଏହା କାଳକ୍ରମେ ଅପଭ୍ରଂଶ ହୋଇ ଆଜିର ନାମ 'ସରପାରି'କୁ ପରିବର୍ତ୍ତିତ ହୋଇଥାଇପାରେ। ଶିଳାଲେଖର ପଞ୍ଚମ ଧାଡ଼ିରୁ ଏଠାରେ ଉପାସିତ ଦେବତାଙ୍କ ନାମ 'ସରେଶ୍ୱର ଦେବ' ବୋଲି ଜଣାପଡୁଛି। ଓଡ଼ିଶାର ଇତିହାସ ଓ ଅଭିଲେଖ ଗବେଷଣା ଦିଗରେ ସରପାରି ଶିଳାଲେଖ ଯଥେଷ୍ଟ ଗୁରୁତ୍ୱ ବହନ କରୁଛି। ବର୍ତ୍ତମାନ ମନ୍ଦିରର ମରାମତି କାର୍ଯ୍ୟ ଚାଲୁଥିବାରୁ, ଏହି ସମୟରେ ପ୍ରାଚୀନ ଶିଳାଲିପିଟି ଯେପରି ଆଉ କ୍ଷୟପ୍ରାପ୍ତ ନ ହୁଏ ସେ ଦିଗରେ ଯତ୍ନଶୀଳ ହେବା ପାଇଁ ବାହିନୀପତି ମତବ୍ୟକ୍ତ କରିଛନ୍ତି।

# ରାଜପଥ କାମରେ ନିୟୋଜିତ ଗାଡ଼ିକୁ ଧକ୍କାଦେଲା ଟ୍ରକ୍




ଭୁବନେଶ୍ୱର,୮।୪
(ସୂର୍ଯ୍ୟକାନ୍ତ ବେହେରା)

**ଜଣେ ଆହତ, ଅଭିଯୁକ୍ତ ଡ୍ରାଇଭର ଫେରାର**

୧୬ ନମ୍ବର ଜାତୀୟ ରାଜପଥ ଫାୟାରଷ୍ଟେଶନ ନିକଟ ଓଭରବ୍ରିଜ ଉପରେ ସୋମବାର ଅପରାହ୍ନରେ ଏକ ଦୁର୍ଘଟଣା ଘଟିଛି। ଜାତୀୟ ରାଜପଥରେ ଛିଡା ହୋଇ ସଂକେତ ଦେଉଥିବା ଗାଡିକୁ ଖଣ୍ଡଗିରି ପଟୁ ଆସୁଥିବା ଏକ ଦ୍ରୁତଗାମୀ ଟ୍ରକ ପଛରୁ ଧକ୍କା ଦେଇ ଚଢିଯାଇଥିଲା। ଫଳରେ ଛିଡା ହୋଇଥିବା ଗାଡିଟି ଡିଭାଇଡର ଉପରକୁ ଚଢିଯିବାରୁ ଭିତରେ ଥିବା ଡ୍ରାଇଭର ଆହତ ହୋଇଛନ୍ତି। ଖବର ପାଇ ପୋଲିସ ଓ ଅଗ୍ନିଶମ ଟିମର ମିଳିତ ଉଦ୍ୟମରେ ଆହତ ଡ୍ରାଇଭରଙ୍କୁ ଉଦ୍ଧାର କରି କ୍ୟାପିଟାଲ ହସ୍ପିଟାଲକୁ ପଠାଇଥିଲେ। ଦୁର୍ଘଟଣା ପରେ ରାସ୍ତା ଜାମ ହୋଇଥିଲା। ପୋଲିସ ଦୁର୍ଘଟଣା ଘଟାଇଥିବା ଗାଡିକୁ ଜବତ କରିଥିବା ବେଳେ ଡ୍ରାଇଭର ଫେରାର ଥିବାରୁ ତାଙ୍କୁ ଧରିବା ପାଇଁ ଉଦ୍ୟମ ଚଳାଇଛି।

ସୂଚନାନୁସାରେ, ଜାତୀୟ ରାଜପଥ(ଏନଏଚ) କାମ ଚାଲୁଥିବାରୁ ରାସ୍ତାରେ ଯାଉଥିବା ଗାଡିଗୁଡିକୁ କାମ ହେଉଥିବା ନେଇ ସୂଚନା ଦେବା ସହ ଇଣ୍ଡିକେଟର ଦ୍ୱାରା ଅନ୍ୟଗାଡିଗୁଡିକ ସତର୍କ କରିଥାଏ। ଏପରିକି କେଉଁ ରୁଟ୍‌ରେ ଯିବାକୁ ହେବ ସେନେଇ ମଧ୍ୟ ସଙ୍କେତ ଦେଇଥାଏ। ରାସ୍ତାରେ ଯାଉଥିବା ଗାଡି କାମ ଚାଲୁଥିବା ଲେନ୍‌ରେ ନ ଯାଇ ଅନ୍ୟ ଲେନ୍ ଯାଇଥାନ୍ତି। ହେଲେ ଦୁର୍ଘଟଣା ଘଟାଇଥିବା ଟ୍ରକ୍‌ର ଡ୍ରାଇଭର ଏହା କିପରି ଦେଖି ନ ପାରିଲେ ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

# ଅଙ୍ଗଦାନ ପାଇଁ ସ୍ୱୀକୃତି ଦେଲେ ଅଭିନେତ୍ରୀ ପିଙ୍କି




ଅଭିନେତ୍ରୀ ପିଙ୍କି ପ୍ରଧାନ ଓ ତାଙ୍କ ସ୍ୱାମୀ କଲୋନେଲ୍ ସବ୍ୟସାଚୀ ଦାଶ ଅଙ୍ଗଦାନ କରିବା ପାଇଁ କ୍ୟାପିଟାଲ ହସ୍ପିଟାଲ ନିର୍ଦ୍ଦେଶକଙ୍କୁ ସ୍ୱୀକୃତିପତ୍ର ପ୍ରଦାନ କରୁଛନ୍ତି।

ଭୁବନେଶ୍ୱର, ୮।୪ (ବନ୍ଦନା ସେଠୀ)

ବିବାହ ବାର୍ଷିକୀକୁ ଭିନ୍ନ ଏବଂ ମହତ ଢଙ୍ଗରେ ପାଳନ କରିଛନ୍ତି ଅଭିନେତ୍ରୀ ତଥା ଭାଜପା ନେତ୍ରୀ ପିଙ୍କି ପ୍ରଧାନ ଓ ତାଙ୍କର ସ୍ୱାମୀ କଲୋନେଲ୍ ସବ୍ୟସାଚୀ ଦାଶ। ସେମାନେ ଅଙ୍ଗଦାନ କରିବା ପାଇଁ ପ୍ରତିବଦ୍ଧ ହେବା ସହ କ୍ୟାପିଟାଲ ହସ୍ପିଟାଲରେ ଅଙ୍ଗଦାନର ଫର୍ମ ପୂରଣ କରି ନିଜର ସ୍ୱୀକୃତି ପ୍ରଦାନ କରିଛନ୍ତି। ଏଥିସହ ରକ୍ତ ଦାନ ମଧ୍ୟ କରିଛନ୍ତି। ଦେଶରେ ୧୦ ଲକ୍ଷରୁ ଊର୍ଦ୍ଧ୍ୱ ଲୋକ ଅଙ୍ଗ ରୋପଣ ପାଇଁ ଅପେକ୍ଷା କରିଥିବାବେଳେ ଡୋନରଙ୍କ ସଂଖ୍ୟା ବହୁତ କମ୍ ରହିଛି। ମାତ୍ର ୫୦ହଜାର ଲୋକ ଅଙ୍ଗଦାନ କରିବା ପାଇଁ ପ୍ରତିବଦ୍ଧ ଥିବାବେଳେ ଓଡିଶାରେ ୧୫ଜଣ ଲୋକ ଅଙ୍ଗ ଦାନ କରିପାରିଛନ୍ତି। ଅତୀତରେ କିଡ୍‌ନୀ ଟ୍ରାନ୍ସପ୍ଲାଣ୍ଟ ନ ହେବାରୁ ପିଙ୍କି ନିଜ ବାପାଙ୍କୁ ହରାଇଥିଲେ। ତେଣୁ ନିଜ ଅନ୍ତରଙ୍ଗଙ୍କୁ ହରାଇବାର ଦୁଃଖ ଯେପରି ଆଉ କାହାକୁ ନ ହେଉ ଏଭଳି ଚିନ୍ତା କରି ଅଙ୍ଗଦାନ କରିବାକୁ ନିଷ୍ପତ୍ତି ନେଇଥିବା ପିଙ୍କି କହିଛନ୍ତି। ଏଥିସହ ଜନ୍ମଦିନ, ବିବାହ ବର୍ଷିକୀ ବା କୌଣସି ଶୁଭ କାର୍ଯ୍ୟରେ ଲୋକମାନଙ୍କୁ ଅଙ୍ଗଦାନ କରିବା ପାଇଁ ଅନୁରୋଧ କରିବା ସହ ରକ୍ତଦାନ କରିବାକୁ ପରାମର୍ଶ ଦେଇଛନ୍ତି। ସେଠାରେ ଉପସ୍ଥିତ ଥିବା ହସ୍ପିଟାଲର ରକ୍ତ ଭଣ୍ଡାର ନିର୍ଦ୍ଦେଶକ ଦେବାଶିଷ ମିଶ୍ର କହିଛନ୍ତି, ବିଶେଷ ଭାବରେ ରକ୍ତ ଅଭାବ ରହୁଥିବାବେଳେ ଖରାଦିନେ ଡୋନର୍‌ଙ୍କ ସଂଖ୍ୟା କମ୍ ରହୁଛି। ତେବେ ସମସ୍ତେ ରକ୍ତଦାନ ସହ ଅଙ୍ଗଦାନ କରିବାକୁ ଆଗେଇ ଆସିବାକୁ ଅନୁରୋଧ କରିଥିଲେ। ଏଥିସହ ରକ୍ତ ପାଇଁ କ୍ୟାପିଟାଲ ହସ୍ପିଟାଲ ସମ୍ପୂର୍ଣ୍ଣ ରୂପରେ ପ୍ରସ୍ତୁତ ଥିବା ସେ କହିଥିଲେ।

## ଡ୍ରିମ୍ସ ମେଡିକାଲ କଲେଜରେ ରଙ୍ଗୋଲି ପ୍ରତିଯୋଗିତା

କଟକ,୮।୪ (କାର୍ତ୍ତିକ ସାହୁ)

ଡ୍ରିମ୍ସ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ହେଲ୍‌ଥ ସାଇନ୍ସ ଆଣ୍ଡ୍ ହସ୍ପିଟାଲ ପକ୍ଷରୁ ବିଶ୍ୱ ସ୍ୱାସ୍ଥ୍ୟ ଦିବସ ଉପଲକ୍ଷେ ରଙ୍ଗୋଲି ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଡ୍ରିମ୍ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ଅନ୍‌ଲାଇନ୍ ଜରିଆରେ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି ଛାତ୍ରୀଛାତ୍ରଙ୍କୁ ଶୁଭେଚ୍ଛା ଜଣାଇଥିଲେ। ବିଶ୍ୱ ସ୍ୱାସ୍ଥ୍ୟ ଦିବସ ଚଳିତ ବର୍ଷର ଥିମ୍ ମୋ ସ୍ୱାସ୍ଥ୍ୟ, ମୋ ଅଧିକାର ଉପରେ ନିଜର ସୃଜନଶୀଳ ଦୃଷ୍ଟିଭଙ୍ଗୀ ରଙ୍ଗୋଲି ପ୍ରତିଯୋଗୀତାରେ ଏମ୍‌ବିବିଏସ୍ ପ୍ରଥମ ବର୍ଷ ଛାତ୍ରୀଛାତ୍ରମାନେ ଅଂଶଗ୍ରହଣ କରିଥିଲେ। ଅଂଶଗ୍ରହଣ କରିଥିବା ୧୧ଟି ଦଳ ମଧ୍ୟରୁ ଆକାଂକ୍ଷା ସାହୁ, ପ୍ରିୟଦର୍ଶିନୀ ବିଶୋଇ, ମୋନାଲିସା ଦେବ ଓ ଜ୍ୟୋତିର୍ମୟୀ କର କୃତୀ ପ୍ରତିଯୋଗୀ ଭାବେ ବିବେଚିତ ହୋଇଥିଲେ। ଶିକ୍ଷାନୁଷ୍ଠାନର ଡିନ୍ ପ୍ରଫେସର ଡା. ବିରଞ୍ଚି ନାରାୟଣ ମହାପାତ୍ର, ଡା. ମୃତ୍ୟୁଞ୍ଜୟ ପଣ୍ଡା, ଡା. ବୁଲୁ ମହାନ୍ତିଙ୍କ ସମେତ ବିଭିନ୍ନ ବିଭାଗର ଅଧ୍ୟାପିକା, ଅଧ୍ୟାପକ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ସ୍ୱାସ୍ଥ୍ୟ ଦିବସ ପାଳନର ତାତ୍ପର୍ଯ୍ୟ ସମ୍ପର୍କରେ କହିଥିଲେ। ଡା. ଅର୍ପିତା ପ୍ରିୟଦର୍ଶିନୀ ଓ ଡା. ପ୍ରଜ୍ଞାଦା ରୀତା ଯୋଶୀ ବିଚାରକ ଭାବେ ଛାତ୍ରୀଛାତ୍ରଙ୍କ କଳାକୃତିର ମୂଲ୍ୟାଙ୍କନ କରିଥିଲେ।

# ଉଠ ଓଡ଼ିଆ ପକ୍ଷରୁ ୧୦ରୁ ସଂକଳ୍ପ ଯାତ୍ରା




ଖବରଦାତା ସମ୍ମିଳନୀରେ ସଂକଳ୍ପ ଯାତ୍ରା ସମ୍ପର୍କରେ ସୂଚନା ଦେଉଛନ୍ତି।

ଭୁବନେଶ୍ୱର, ୮।୪ (ବନ୍ଦନା ସେଠୀ)

ଓଡ଼ିଆ ଅସ୍ମିତାକୁ ପୁନଃ ପ୍ରତିଷ୍ଠା କରି ଏକ ସ୍ୱାବଲମ୍ବୀ ଓ ସମୃଦ୍ଧ ଓଡ଼ିଶା ଗଢି ତୋଳିବା ପାଇଁ ରାଜ୍ୟବାସୀଙ୍କୁ ଜାଗ୍ରତ କରିବା ଲକ୍ଷ୍ୟ ନେଇ 'ଉଠ ଓଡ଼ିଆ' ସଙ୍ଗଠନ ପକ୍ଷରୁ ୫ଦିନିଆ ସଂକଳ୍ପ ଯାତ୍ରା ଆରମ୍ଭ ହେବ। ଆସନ୍ତା ୧୦ ତାରିଖରୁ ପୁରୀ ଶ୍ରୀମନ୍ଦିର ନିକଟରୁ ଏହି ଯାତ୍ରା ବାହାରି ବୀରହରେକୃଷ୍ଣପୁର, ସୁଆଣ୍ଡୋ, ସତ୍ୟବାଦୀ, ଧଉଳି ଦେଇ ୧୪ରେ ଭୁବନେଶ୍ୱରରେ ପହଞ୍ଚି ଯାତ୍ରାର ସମାପନ ହେବ। ସଙ୍ଗଠନର ଶତାଧିକ ସଦସ୍ୟ ଏହି ଯାତ୍ରାରେ ଯୋଗଦେଇ ବିଭିନ୍ନ ଗାଁ ବୁଲି ଲୋକଙ୍କ ମଧ୍ୟରେ ଓଡିଆ ଅସ୍ମିତାର ବାର୍ତ୍ତା ପ୍ରଚାର କରିବେ ବୋଲି ସଂଗଠନ ପକ୍ଷରୁ ସୋମବାର ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ପ୍ରାକୃତିକ ଧନରାଜିରେ ଭରପୂର ଓଡ଼ିଶା ଆଉ ଅଳ୍ପ କେଇ ବର୍ଷପରେ ସ୍ୱତନ୍ତ୍ର ପ୍ରଦେଶ ଗଠନକୁ ୧୦୦ ବର୍ଷ ପାଳନ କରିବ। ମାତ୍ର ଏଠାରେ ରୁଗ୍‌ଣ ଶିକ୍ଷା, ସ୍ୱାସ୍ଥ୍ୟ ବ୍ୟବସ୍ଥା, ବେକାରୀ, ମଦ ବିଭୀଷିକା ଓ ଦାଦନ ସମସ୍ୟା ସାଧାରଣ ଓଡିଆଙ୍କୁ ଆନ୍ଦୋଳିତ କରୁଛି। ଏହି ପରିସ୍ଥିତିକୁ ନେଇ ବିଚଳିତ ଥିବା ତଥା ଏକ ବିକଶିତ ଓଡ଼ିଶାର ସ୍ୱପ୍ନ ଦେଖୁଥିବା ଓଡ଼ିଆ ପ୍ରାଣମାନଙ୍କୁ ସନ୍ଧାନ କରିବା ପାଇଁ ଉଠ ଓଡ଼ିଆ ତରଫରୁ ଶ୍ରୀକ୍ଷେତ୍ରରୁ ଏକାମ୍ର କ୍ଷେତ୍ରକୁ ଏହି ପଦଯାତ୍ରା ଆୟୋଜନ କରାଯାଉଥିବା ସଂଗଠନର ସଦସ୍ୟ କାହ୍ନୁଚରଣ ବେହୁରା କହିଥିଲେ। ଖବରଦାତା ସମ୍ମିଳନୀରେ ଦୁର୍ଗା ଚରଣ ଦାସ ଏବଂ ଅଶୋକ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

**ପରିବାରର ୪ ଜଣଙ୍କୁ କଣ୍ଟେନର ଧକ୍କା ଦେବା ମାମଲା**

# ଚିକିତ୍ସାଧୀନ ଅବସ୍ଥାରେ ମହିଳା ମୃତ, ଡ୍ରାଇଭର ଗିରଫ

ଭୁବନେଶ୍ୱର, ୮।୪
(ସୂର୍ଯ୍ୟକାନ୍ତ ବେହେରା)

ଭୁବନେଶ୍ୱର ସତ୍‌ସଙ୍ଗ ବିହାର ସମ୍ମୁଖ ୧୬ ନଂ. ଜାତୀୟ ରାଜପଥରେ ରବିବାର ରାତିରେ ଏକ ପରିବାରର ୪ଜଣଙ୍କୁ କଣ୍ଟେନର ଧକ୍କା ଦେବା ଘଟଣାରେ ଚିକିତ୍ସାଧୀନ ଅବସ୍ଥାରେ ଜଣେ ମହିଳାଙ୍କର ସୋମବାର ମୃତ୍ୟୁ ଘଟିଛି। ମୃତା ମହିଳା ହେଲେ ଗଞ୍ଜାମର ଏଲ୍‌ମାନ ସେଠମୀ(୫୧)। ଅନ୍ୟ ୩ଜଣ ଗୁରୁତର ଅବସ୍ଥାରେ କଟକ ଏସ୍‌ସିବି ମେଡିକାଲରେ ଚିକିତ୍ସିତ ହେଉଛନ୍ତି। ଅନ୍ୟପକ୍ଷରେ ପୋଲିସ ଦୁର୍ଘଟଣା ଘଟାଇଥିବା କଣ୍ଟେନର ଟ୍ରକକୁ ଜବତ କରିବା ସହ ଡ୍ରାଇଭରଙ୍କୁ ଗିରଫ କରିଛି। ସୂଚନାନୁସାରେ, ଦୁର୍ଘଟଣାର ଶିକାର ପରିବାର ଭିଏସ୍‌ଏସ୍‌ନଗରସ୍ଥିତ ତାରିଣୀ ବସ୍ତିରେ ରହୁଛନ୍ତି। ରବିବାର ସେମାନେ ନିଜ ଗାଁ ଗଞ୍ଜାମ ଯିବାକୁ ବାହାରିଥିଲେ। ମାତ୍ର ସତ୍‌ସଙ୍ଗ ବିହାର ନିକଟରେ ଥିବା ଫୁଟଓଭର ବ୍ରିଜରେ ନ ଯାଇ ଚାଲି ଚାଲି ରାସ୍ତା ପାର ହେଉଥିଲେ। ଏହି ସମୟରେ ଦ୍ରୁତଗତିରେ ଯାଉଥିବା କଣ୍ଟେନରଟି ସେମାନଙ୍କୁ ଧକ୍କା ଦେଇଥିଲା। ସମସ୍ତଙ୍କୁ ଉଦ୍ଧାର କରାଯାଇ ପ୍ରଥମେ କ୍ୟାପିଟାଲ ହସ୍ପିଟାଲ ପରେ ସେଠାରୁ କଟକ ବଡ ମେଡିକାଲକୁ ପଠାଯାଇଥିଲା। ହେଲେ ଚିକିତ୍ସାଦିନ ଅବସ୍ଥାରେ ଏଲ୍‌ମାନଙ୍କର ଦିନ ସାଢେ ୧୧ ଟାରେ ମୃତ୍ୟୁ ଘଟିଥିବା ସୂଚନା ଦିଆଯାଇଛି।

# ଆଇଏଏସ୍ ଶିକ୍ଷାନବିସଙ୍କ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ପରିଦର୍ଶନ

ଭୁବନେଶ୍ୱର, ୮।୪ (ବନ୍ଦନା ସେଠୀ)

ଭାରତୀୟ ପ୍ରଶାସନିକ ସେବାର ୬ଜଣ ଶିକ୍ଷାନବିସ ସୋମବାର ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗକୁ ସେମାନଙ୍କ ଶିକ୍ଷାଗ୍ରହଣ ପରିଦର୍ଶନ (ଏକ୍ସପୋଜର୍ ଭିଜିଟ୍)ରେ ଆସିଥିଲେ। ଏହି ଅବସରରେ ସେମାନେ ଲୋକସେବା ଭବନସ୍ଥିତ ବିଭାଗୀୟ ଦପ୍ତରରେ ପ୍ରମୁଖ ଶାସନ ସଚିବ ବିଷ୍ଣୁପଦ ସେଠୀ ଏବଂ ଅନ୍ୟ ବରିଷ୍ଠ ଅଧିକାରୀଙ୍କ ସହିତ ଆଲୋଚନା କରିଥିଲେ। ଦୃଶ୍ୟଶ୍ରାବ୍ୟ ଉପସ୍ଥାପନା ମାଧ୍ୟମରେ ଶିକ୍ଷାନବିସମାନଙ୍କୁ ବିଭାଗର ବିଭିନ୍ନ କାର୍ଯ୍ୟକ୍ରମ ଉପରେ ଅବଗତ କରାଯାଇଥିଲା। ବିଭାଗ ଦ୍ୱାରା ପରିଚାଳିତ ବିଭିନ୍ନ ଯୋଜନା ତଥା କାର୍ଯ୍ୟାବଳୀ ନେଇ ସେମାନଙ୍କୁ ବିସ୍ତୃତ ସୂଚନା ପ୍ରଦାନ କରାଯାଇଥିଲା। ଏହାପରେ ସେମାନେ ବିଭାଗ ଅଧୀନରେ ଥିବା ରାଜ୍ୟ ଭିନ୍ନକ୍ଷମ ସଶକ୍ତୀକରଣ ପ୍ରତିଷ୍ଠାନ, ରାଜ୍ୟ ସ୍ୱତନ୍ତ୍ର ଶିକ୍ଷା ଓ ଗବେଷଣା ପ୍ରତିଷ୍ଠାନ (ସାଇଜର୍) ଓ ରାଜ୍ୟ ଭିନ୍ନକ୍ଷମ ପୁନର୍ବାସ ପ୍ରତିଷ୍ଠାନ (ଏସଆଇଡ଼ିଆର୍) ପରଦର୍ଶନ କରିଥିଲେ।



ଆଇଏଏସ୍ ଶିକ୍ଷାନବିସଙ୍କ ସହ ପ୍ରମୁଖ ଶାସନ ସଚିବ ବିଷ୍ଣୁପଦ ସେଠୀ ଏବଂ ଅନ୍ୟ ବରିଷ୍ଠ ଅଧିକାରୀମାନେ।

# ୪୦୦ତମ ଅଧ୍ୟାୟରେ 'ତୁ ଖରା ମୁଁ ଛାଇ'

ଭୁବନେଶ୍ୱର,୮।୪ (ଅଭୟ ଦାସ)

ରାଜ୍ୟର ଅଗ୍ରଣୀ ଘରୋଇ ଓଡ଼ିଆ ଚ୍ୟାନେଲ ଜୀ ସାର୍ଥକରେ ପ୍ରସାରିତ ମେଗା ଧାରାବାହିକ 'ତୁ ଖରା ମୁଁ ଛାଇ' ସଫଳତାର ସହିତ ୪୦୦ତମ ଅଧ୍ୟାୟରେ ପହଞ୍ଚିଛି। ଉଲ୍ଲେଖଯୋଗ୍ୟ, ଜୀ ସାର୍ଥକରେ ପ୍ରତି ସୋମବାରରୁ ଶନିବାର ରାତି ୮ ଟା ୩୦ରେ ପ୍ରସାରିତ 'ତୁ ଖରା ମୁଁ ଛାଇ' ଏକ ଭିନ୍ନ ଧରଣର ଧାରାବାହିକ ହୋଇଥିବା ବେଳେ ଉକ୍ତ ଧାରାବାହିକ(କାହାଣୀ)ର ମୁଖ୍ୟ ଚରିତ୍ରରେ ଲୋକପ୍ରିୟ କଳାକାର ଏଜେ ଓ ମାନିନୀ ବେଶ୍ ଦମ୍‌ଦାର ଓ ହୃଦୟସ୍ପର୍ଶୀ ଅଭିନୟ ଜାରି ରଖିଛନ୍ତି। ଏପରି କି ସମୟର ଅଗ୍ରଗତି ସହ କାହାଣୀର ଗତି ମଧ୍ୟ ଆଗକୁ ଆଗକୁ ବଢି ଚାଲିଛି। ଅନେକ ରୋଚକ ମୋଡ଼ ସହ ଦର୍ଶକଙ୍କ ମନ ଜିଣିବାରେ 'ତୁ ଖରା ମୁଁ ଛାଇ' ସକ୍ଷମ ହେବା ସହିତ ସଫଳତାର ୪୦୦ତମ ଅଧ୍ୟାୟର ନିକଟରେ ପୂର୍ଣ୍ଣ କରିଛି। ବିଶେଷକରି ଜଣେ ଅଜଣା ଝିଅ ମୟୂରୀ ହୋଇ ମାନିନୀକୁ ମାରିବାକୁ ଚେଷ୍ଟା କରିଛି,



ସେପଟେ ମାନିନୀ ତା'ର ସବୁପ୍ରକାରର ଚେଷ୍ଟା ଜାରି ରଖିଛି, କିପରି ଏଜେ ଓ ତା' ପରିବାର ଖୁସିରେ ରହିବେ। ଏପରି କି ସେ ଏଜେକୁ ମୟୂରୀ ସହ ଏକ ଡେଟରେ ପଠାଇବାକୁ ଯୋଜନା କରିଛି କିନ୍ତୁ ମୟୂରୀ ଯିବା ପାଇଁ ମନା କରିଛି; ଯାହା ଏଜେକୁ ବହୁତ ଦୁଃଖ ଦେଇଛି। ମାନିନୀ ଏଜେକୁ ବୁଝାଇଛନ୍ତି ଓ ସରସ୍ୱତୀଙ୍କ ଆଭ୍ୟନ୍ତରୀଣ ବିରୋଧ ସତ୍ତ୍ୱେ ଦୁଇ ଜଣ ଏକ ସାଙ୍ଗରେ ରାତ୍ରିଭୋଜନ କରନ୍ତି ଓ ସ୍ୱାମୀଙ୍କ ପାଇଁ ଏକ ବିଶେଷ ପୂଜା କରିବା ମଧ୍ୟରେ ବିଭିନ୍ନ ରୋଚକ ଘଟଣା ସବୁ ମଧ୍ୟ ଘଟିଛି। ଏପରି କି ମୟୂରୀ ଏହା ଦେଖିଲା ପରେ ମାନିନୀ ଓ ଏଜେଙ୍କ ମଧ୍ୟରେ କିପରି ଦୂରତା ସୃଷ୍ଟି କରିବ ତାହା ପାଇଁ ଚକ୍ରାନ୍ତ ମଧ୍ୟ କରିଛି। କିପରି ମୟୂରୀର ଏହି ଚକ୍ରାନ୍ତଙ୍କୁ ସମସ୍ତଙ୍କ ସାମନାରେ ମାନିନୀ ପର୍ଦ୍ଦାଫାଶ କରିବା ସହ ଏଜେ ଓ ତା'ର ପରିବାରକୁ ଖୁସିରେ ରଖିବ, ତାହା ଏହି କାହାଣୀକୁ ଏକ ରୋଚକ ମୋଡରେ ପହଞ୍ଚାଇବ ବୋଲି ଆକଳନ କରାଯାଉଛି। ସେହିଭଳି ଅକ୍ଷୟ ପରିଜା ଓ କ୍ଷୀରୋଦ ପଟ୍ଟନାୟକ ପ୍ରଯୋଜିତ ଓ ବିଶ୍ୱରଞ୍ଜନ ମହାନ୍ତିଙ୍କ ନିର୍ଦ୍ଦେଶିତ 'ତୁ ଖରା ମୁଁ ଛାଇ' ନଟ ଖଟି ଅଭିନେତ୍ରୀ ସ୍ମୃତିରେଖାଙ୍କୁ ମୁଖ୍ୟ ଭୂମିକା ମାନିନୀ ଚରିତ୍ରରେ ଦେଖିବାକୁ ମିଳିଥିବା ବେଳେ ମଡେଲିଂରୁ ନିଜର କ୍ୟାରିଅର ଆରମ୍ଭ କରିଥିବା ରଞ୍ଜନ ଏଜେ ଚରିତ୍ରରେ ଓ ମୟୂରୀ ଚରିତ୍ରରେ ଥିବା ଅନନ୍ୟା ଶର୍ମା ନିଜର ଅଭିନୟର ଯାଦୁରେ ଓଡ଼ିଆ ଦର୍ଶକଙ୍କ ମନ ଜିଣିପାରିଛନ୍ତି। ଅପରପକ୍ଷରେ ସ୍ମୃତିରେଖା ଓ ରଞ୍ଜନଙ୍କ ସହ ସୌମ୍ୟା କାନୁନ୍‌ଗୋ, ସନ୍ଧ୍ୟାରଣୀ ବେହେରା, ପ୍ରୀତି ଓ ରାକେଶ ଏହି କାହାଣୀରେ ଏକ ଦମ୍‌ଦାର ଭୂମିକାରେ ଅଛନ୍ତି। ପୂର୍ବରୁ ଜୀ ସାର୍ଥକରେ ପ୍ରସାରିତ ପ୍ରତିଟି ମେଗା ଧାରାବାହିକକୁ ଦର୍ଶକଙ୍କ ଆଦୃତି ମିଳିଛି।

ଏ ନେଇ ଜୀ ସାର୍ଥକର ଚିଫ୍ ଚ୍ୟାନେଲ ଅଫିସର ପ୍ରତୀକ ସିଲ୍ କହିଛନ୍ତି, ତୁ ଖରା ମୁଁ ଛାଇକୁ ଓଡ଼ିଆ ଦର୍ଶକ ଭଲ ପାଇବା ଦେବା ସହିତ ଆଗକୁ ମଧ୍ୟ ଏହି ଧାରା ଜାରି ରହିବ ବୋଲି ସେ ମତପ୍ରକାଶ କରିଛନ୍ତି।

## ସଂକ୍ଷେପରେ

### କଂଗ୍ରେସର ପ୍ରାର୍ଥୀ ଘୋଷଣାକୁ କର୍ମୀଙ୍କ ଅପେକ୍ଷା

ବାଙ୍କୀ,୮।୪ (ଜ୍ଞାନେନ୍ଦ୍ର ମୋହନ ମିଶ୍ର)

ଚଳିତ ବିଧାନ ସଭା ନିର୍ବାଚନ ଲାଗି ବିଜେଡି ଓ ଭାଜପା ପକ୍ଷରୁ ପ୍ରାର୍ଥୀ ଘୋଷଣା ସରିଥିବାବେଳେ ଏପର୍ଯ୍ୟନ୍ତ ଜାତୀୟ କଂଗ୍ରେସ ପକ୍ଷରୁ ପ୍ରାର୍ଥୀ ମନୋନୟନ କରାଯାଇନାହିଁ। ଏନେଇ କଂଗ୍ରେସ କର୍ମୀଙ୍କ ମଧ୍ୟରେ ଉତ୍କଣ୍ଠା ପ୍ରକାଶ ପାଇଛି। ବାଙ୍କୀର ପୂର୍ବତନ ବିଧାୟକ ଡ. ଦେବାଶିଷ ପଟ୍ଟନାୟକ ଓ ସର୍ବଭାରତୀୟ ଛାତ୍ର କଂଗ୍ରେସ ସମ୍ପାଦକ ଡ. ସ୍ମୃତି ଲେଙ୍କା କଂଗ୍ରେସ ଟିକେଟ ପାଇଁ ଦାବିଦାର ଥିବା ଚର୍ଚ୍ଚା ହେଉଛି। ଏବେ ବିଜେଡି ଓ ଭାଜପା ଦଳର ପ୍ରାର୍ଥୀମାନେ ନିର୍ବାଚନ ପ୍ରଚାରରେ ଆଗୁଆ ଥିବାବେଳେ କଂଗ୍ରେସ ଦଳ ତରଫରୁ ଏପର୍ଯ୍ୟନ୍ତ ପ୍ରାର୍ଥୀ ଘୋଷଣା ହୋଇ ପାରି ନ ଥିବାରୁ ପ୍ରଚାର ଆରମ୍ଭ ହୋଇପାରୁନାହିଁ। ତୁରନ୍ତ ପ୍ରାର୍ଥୀଙ୍କ ନାମ ଘୋଷଣା କରିବାକୁ କର୍ମୀମାନେ ଅନୁରୋଧ କରିଛନ୍ତି।

### ଭାଜପା ନେତା, କର୍ମୀଙ୍କ ବିଜେଡିରେ ଯୋଗଦାନ

ମାହାଙ୍ଗା, ୮।୪(ଯଯାତି ସିଂହ)

ମାହାଙ୍ଗା ନିର୍ବାଚନ ମଣ୍ଡଳୀ ଗୋତରା ପଞ୍ଚାୟତର ଶତାଧିକ ଭାଜପା କର୍ମୀ ଓ ନବ ନିର୍ବାଚିତ ସରପଞ୍ଚ ଦଳ ପରିତ୍ୟାଗ କରି ବିଜେଡିରେ ସାମିଲ ହୋଇଛନ୍ତି । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସ୍ୱଚ୍ଛ ନିର୍ମଳ ଶାସନ ଓ ମାହାଙ୍ଗା ବିଧାୟକ ପ୍ରତାପ ଜେନାଙ୍କ ବିକାଶମୂଳକ କାର୍ଯ୍ୟ ଏବଂ ଦୃଢ଼ ସଂଗଠନରେ ଅନୁପ୍ରାଣିତ ହୋଇ ସେମାନେ ବିଜେଡି ଯୋଗଦେଇଥିବା କହିଛନ୍ତି। କୁଆଁପାଳ ଅଳିଯୋଡାଠାରେ ଅନୁଷ୍ଠିତ ଏହି ମିଶ୍ରଣ ପର୍ବରେ ଗୋତରା ପଞ୍ଚାୟତର ସରପଞ୍ଚ ସୂର୍ଯ୍ୟକାନ୍ତ ପଣ୍ଡାଙ୍କ ସହ ଶତାଧିକ ବିଜେଡି କର୍ମୀ ଉପସ୍ଥିତ ଥିଲେ। ଏହି ଅବସରରେ ବିଧାୟକ ଜେନା ନବାଗତ କର୍ମୀମାନଙ୍କୁ ଦଳୀୟ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ।

### ଗଞ୍ଜେଇ ଜବତ, ଜଣେ ଗିରଫ

ଭୁବନେଶ୍ୱର,୮।୪ (ସୂର୍ଯ୍ୟକାନ୍ତ ବେହେରା)

ବେଆଇନ ଭାବେ ଗଞ୍ଜେଇ ରଖି ବିକ୍ରି କରିବାକୁ ଯୋଜନା କରୁଥିବାବେଳେ ଭରତପୁର ଥାନା ପୋଲିସ ନପୁଟ ଛକ ନିକଟରେ ଚଢାଉ କରି ଜଣେ ବେପାରୀଙ୍କୁ ଗିରଫ କରିଛି। ଅଭିଯୁକ୍ତ ହେଲେ ରତ୍ନାକର ଚାନ୍ଦ। ତାଙ୍କଠାରୁ ୩ କେଜି ଗଞ୍ଜେଇ ଜବତ ହୋଇଛି। ତାଙ୍କୁ କୋର୍ଟ ଚାଲାଣ ପରେ ଜାମିନ ନ ମିଳିବାରୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ତେବେ ଗଞ୍ଜେଇ କେଉଁଠାରୁ ଆଣୁଥିଲେ ନିୟମିତ କାହାକୁ ଯୋଗାଉଥିଲେ ତାହାର ତଥ୍ୟ ଜାଣିବା ପାଇଁ ପୋଲିସ ଅଧିକ ଖୋଳତାଡ ଚଳାଇଛି।

### ରାଜପଥ କାମରେ ନିୟୋଜିତ ଗାଡ଼ିକୁ ଧକ୍କାଦେଲା ଟ୍ରକ୍

ଭୁବନେଶ୍ୱର,୮।୪ (ସୂର୍ଯ୍ୟକାନ୍ତ ବେହେରା)

୧୬ ନମ୍ବର ଜାତୀୟ ରାଜପଥ ଫାୟାରଷ୍ଟେଶନ ନିକଟ ଓଭରବ୍ରିଜ ଉପରେ ସୋମବାର ଅପରାହ୍ନରେ ଏକ ଦୁର୍ଘଟଣା ଘଟିଛି। ଜାତୀୟ ରାଜପଥରେ ଛିଡା ହୋଇ ସଂକେତ ଦେଉଥିବା ଗାଡିକୁ ଖଣ୍ଡଗିରି ପଟୁ ଆସୁଥିବା ଏକ ଦ୍ରୁତଗାମୀ ଟ୍ରକ ପଛରୁ ଧକ୍କା ଦେଇ ଚଢିଯାଇଥିଲା। ଫଳରେ ଛିଡା ହୋଇଥିବା ଗାଡିଟି ଡିଭାଇଡର ଉପରକୁ ଚଢିଯିବାରୁ ଭିତରେ ଥିବା ଡ୍ରାଇଭର ଆହତ ହୋଇଛନ୍ତି। ଖବର ପାଇ ପୋଲିସ ଓ ଅଗ୍ନିଶମ ଟିମର ମିଳିତ ଉଦ୍ୟମରେ ଆହତ ଡ୍ରାଇଭରଙ୍କୁ ଉଦ୍ଧାର କରି କ୍ୟାପିଟାଲ ହସ୍ପିଟାଲକୁ ପଠାଇଥିଲେ। ଦୁର୍ଘଟଣା ପରେ ରାସ୍ତା ଜାମ ହୋଇଥିଲା। ପୋଲିସ ଦୁର୍ଘଟଣା ଘଟାଇଥିବା ଗାଡିକୁ ଜବତ କରିଥିବା ବେଳେ ଡ୍ରାଇଭର ଫେରାର ଥିବାରୁ ତାଙ୍କୁ ଧରିବା ପାଇଁ ଉଦ୍ୟମ ଚଳାଇଛି।

ସୂଚନାନୁସାରେ, ଜାତୀୟ ରାଜପଥ(ଏନଏଚ) କାମ ଚାଲୁଥିବାରୁ ରାସ୍ତାରେ ଯାଉଥିବା ଗାଡିଗୁଡିକୁ କାମ ହେଉଥିବା ନେଇ ସୂଚନା ଦେବା ସହ ଇଣ୍ଡିକେଟର ଦ୍ୱାରା ଅନ୍ୟଗାଡିଗୁଡିକ ସତର୍କ କରିଥାଏ। ଏପରିକି କେଉଁ ରୁଟ୍‌ରେ ଯିବାକୁ ହେବ ସେନେଇ ମଧ୍ୟ ସଙ୍କେତ ଦେଇଥାଏ। ରାସ୍ତାରେ ଯାଉଥିବା ଗାଡି କାମ ଚାଲୁଥିବା ଲେନ୍‌ରେ ନ ଯାଇ ଅନ୍ୟ ଲେନ୍ ଯାଇଥାନ୍ତି। ହେଲେ ଦୁର୍ଘଟଣା ଘଟାଇଥିବା ଟ୍ରକ୍‌ର ଡ୍ରାଇଭର ଏହା କିପରି ଦେଖି ନ ପାରିଲେ ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

# ସରପାରିରେ ପ୍ରାଚୀନ ଶିଳାଲେଖର ପାଠୋଦ୍ଧାର

ଖୋର୍ଦ୍ଧା,୮।୪(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ଜିଲା ଟାଙ୍ଗୀ ବ୍ଲକ ଅନ୍ତର୍ଗତ ସରପାରି ଗ୍ରାମ ପଞ୍ଚମହାଦେବ ମନ୍ଦିରର ପ୍ରାଚୀନ ଶିଳାଲେଖର ପାଠୋଦ୍ଧାର କରିଛନ୍ତି କଳିଙ୍ଗ ଏପିଗ୍ରାଫିକାଲ ରିସର୍ଚ୍ଚ ଗ୍ରୁପ(କେଆରଜି)ର ସଦସ୍ୟମାନେ। ପ୍ରତ୍ନଓଡ଼ିଆ ଲିପି ଏବଂ ଓଡ଼ିଆ ଭାଷାରେ ଖୋଦିତ ଏହି ଅଭିଲେଖର ଉତ୍କୀର୍ଣ୍ଣ କାଳ ପ୍ରାୟ ୬୦୦ରୁ ୭୦୦ ବର୍ଷ ପୂର୍ବେ ହୋଇଥାଇପାରେ ବୋଲି କେଆରଜି ପକ୍ଷରୁ କୁହାଯାଇଛି। ରଣପୁରର ଐତିହ୍ୟପ୍ରେମୀ ଦେବୀପ୍ରସାଦ ସାମନ୍ତରାୟ ପ୍ରଥମେ ଏହି ଶିଳାଲେଖ ସମ୍ବନ୍ଧରେ କେଆରଜିକୁ ସୂଚନା ଦେଇଥିଲେ। ପରେ ଏହି ଗ୍ରୁପ୍‌ର ସଦସ୍ୟ ବିଷ୍ଣୁମୋହନ ଅଧିକାରୀ, ଦୀପକ କୁମାର ନାୟକ, ମିହିର ବାହିନୀପତି ଓ ବିକ୍ରମ ନାୟକ ମିଳିତଭାବେ ପ୍ରାଚୀନ ଅଭିଲେଖଟିର ପାଠୋଦ୍ଧାର କରିଛନ୍ତି।



କେଆରଜି ସଦସ୍ୟ ଦୀପକ କୁମାର ନାୟକ କହିଛନ୍ତି, ସରପାରି ଗ୍ରାମର ପଞ୍ଚମହାଦେବଙ୍କ ମନ୍ଦିର ଜଗମୋହନ ପ୍ରବେଶ ଦ୍ୱାରର କାନ୍ଥରେ ୯ ଧାଡିଯୁକ୍ତ ଏହି ଶିଳାଲେଖ ରହିଛି। ଲିପିତତ୍ତ୍ୱ ଦୃଷ୍ଟିରୁ ବିଚାରକଲେ ଏହା ପ୍ରାୟ ୧୩ଶ/୧୪ଶ ଶତାବ୍ଦୀରେ କଳିଙ୍ଗୋତ୍କଳରେ ବ୍ୟବହୃତ ପ୍ରତ୍ନଓଡ଼ିଆ ଲିପି କୁହାଯାଇପାରେ। ଏହି ଶିଳାଲେଖରେ ବ୍ୟବହୃତ ଲିପିର ସାମଞ୍ଜସ୍ୟ ଗଙ୍ଗବଂଶୀୟ ସମ୍ରାଟ ତୃତୀୟ ଭାନୁଦେବଙ୍କ ପ୍ରାଚୀନ କଳିଙ୍ଗସ୍ଥିତ ପଟାଙ୍ଗୀ (ବର୍ତ୍ତମାନ ଆନ୍ଧ୍ର ଶ୍ରୀକାକୁଲମ ଜିଲା) ପଟେଶ୍ୱର ମନ୍ଦିର ଶିଳାଲେଖ ସହ ରହିଛି। ମନ୍ଦିରଟିର ଗଠନଶୈଳୀ ଓ ପାର୍ଶ୍ୱ ଦେବଦେବୀଙ୍କ ମୂର୍ତ୍ତିର କାରୁକାର୍ଯ୍ୟକୁ ବିଚାରକୁ ନେଲେ ମନ୍ଦିରର ନିର୍ମାଣ ମଧ୍ୟ ଗଙ୍ଗରାଜୁତି ସମୟରେ ହୋଇଥାଇପାରେ ବୋଲି ନାୟକ ମତବ୍ୟକ୍ତ କରିଛନ୍ତି। ଅନ୍ୟତମ ସଦସ୍ୟ ବିଷ୍ଣୁମୋହନ ଅଧିକାରୀ କହିଛନ୍ତି, ଏହି ଶିଳାଲେଖଟିର ଅଧିକାଂଶ ଅଂଶ କ୍ଷୟ ହୋଇଯାଇଥିଲେ ମଧ୍ୟ ଆଂଶିକଭାବେ ଏହାକୁ ପଢିବାକୁ ସମର୍ଥ ହୋଇଛୁ। ଏଥିରୁ କୌଣସି ରାଜାଙ୍କ ଦ୍ୱାରା ଜଣେ ମାଳାକାର ସେବାୟତ (ମାଳି)ଙ୍କୁ ଏହି ମନ୍ଦିରରେ ଭୋଗଖଞ୍ଜା ପାଇଁ କିଛି ଦାନ ପ୍ରଦାନ କରାଯାଇଥିବା ଅନୁମେୟ। ଅଭିଲେଖରେ 'ଦାମୋଦର' ନାମକ ଜଣେ ବ୍ୟକ୍ତିଙ୍କ ନାମ ଉଲ୍ଲେଖ ହୋଇଛି। ହୁଏତ ସେ ଏହି ମନ୍ଦିରରେ ଆଦ୍ୟ ମାଳାକାର ସେବକ ଥିଲେ ଏବଂ ତାଙ୍କୁ ହିଁ ଏହି ଦାନ ପ୍ରଦତ୍ତ ହୋଇଥିଲା। ସଦସ୍ୟ ମିହିର ବାହିନୀପତି କହିଛନ୍ତି, ଏହି ଅଭିଲେଖରୁ ମଧ୍ୟଯୁଗୀୟ ସମୟରେ ଓଡ଼ିଆ ଲିପି ଓ ଭାଷାର ରୂପରେଖ ତଥା ବ୍ୟବହାର ସମ୍ପର୍କରେ ଅନେକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ମିଳୁଛି। ଅଭିଲେଖରେ ପ୍ରଥମ ଧାଡ଼ିରେ ଏହି ସ୍ଥାନର ନାମ 'ସରପାଡି' ବୋଲି ଲେଖାଯାଇଛି। ଏହା କାଳକ୍ରମେ ଅପଭ୍ରଂଶ ହୋଇ ଆଜିର ନାମ 'ସରପାରି'କୁ ପରିବର୍ତ୍ତିତ ହୋଇଥାଇପାରେ। ଶିଳାଲେଖର ପଞ୍ଚମ ଧାଡ଼ିରୁ ଏଠାରେ ଉପାସିତ ଦେବତାଙ୍କ ନାମ 'ସରେଶ୍ୱର ଦେବ' ବୋଲି ଜଣାପଡୁଛି। ଓଡ଼ିଶାର ଇତିହାସ ଓ ଅଭିଲେଖ ଗବେଷଣା ଦିଗରେ ସରପାରି ଶିଳାଲେଖ ଯଥେଷ୍ଟ ଗୁରୁତ୍ୱ ବହନ କରୁଛି। ବର୍ତ୍ତମାନ ମନ୍ଦିରର ମରାମତି କାର୍ଯ୍ୟ ଚାଲୁଥିବାରୁ, ଏହି ସମୟରେ ପ୍ରାଚୀନ ଶିଳାଲିପିଟି ଯେପରି ଆଉ କ୍ଷୟପ୍ରାପ୍ତ ନ ହୁଏ ସେ ଦିଗରେ ଯତ୍ନଶୀଳ ହେବା ପାଇଁ ବାହିନୀପତି ମତବ୍ୟକ୍ତ କରିଛନ୍ତି।

## ଶୀର୍ଷରେ ପହଞ୍ଚିବାର ଉପାୟ ହେଉଛି ଅଧ୍ୟୟନ

### ଉତ୍କଳମଣି ଶିଶୁ ଶିକ୍ଷା ମନ୍ଦିରର ବାର୍ଷିକ ଉତ୍ସବ

ମାହାଙ୍ଗା, ୮।୪(ଯଯାତି ସିଂହ)

ମାହାଙ୍ଗା ବ୍ଲକ ଅନ୍ତର୍ଗତ ମଉଦା ଗ୍ରାମରେ ପ୍ରତିଷ୍ଠିତ ଉତ୍କଳମଣି ଶିଶୁ ଶିକ୍ଷା ମନ୍ଦିରର ବାର୍ଷିକ ଉତ୍ସବ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷକ ବିରଞ୍ଚି ନାରାୟଣ ତ୍ରିପାଠୀଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଉତ୍ସବରେ ମୁଖ୍ୟଅତିଥିଭାବେ ସରପଞ୍ଚ ଚିନ୍ମୟୀ ବରାଳ, ସମ୍ମାନିତ ଅତିଥିଭାବେ କାଞ୍ଚନବାଳା ରାଉତରାୟ, ଅମର କିଶୋର ସିଂହ ପ୍ରମୁଖ ଯୋଗଦେଇ ବାର୍ଷିକ ଉତ୍ସବ ଉପରେ ଆଲୋଚନା କରିବା ସହ ଛାତ୍ରଛାତ୍ରୀ ଭଲ ଭାବେ ଅଧ୍ୟୟନ କଲେ ଶୀର୍ଷ ସ୍ଥାନରେ ପହଞ୍ଚିପାରିବେ ବୋଲି କହିଥିଲେ । ଦେବାଶିଷ ସିଂହ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ପ୍ରତାପ ଚନ୍ଦ୍ର ବେହେରା ଧନ୍ୟବାଦ ଦେଇଥିଲେ । ଶିକ୍ଷୟିତ୍ରୀ, ଶିକ୍ଷକ ଗୀତାଞ୍ଜଳି ଲେଙ୍କା, ମଞ୍ଜୁଲତା ନାୟକ, ମମତା ନାୟକ, ମିନାକ୍ଷୀ ସିଂହ, ମମତା ବିଶ୍ୱାଳ, ଶୁଭଦ୍ରା ବେହେରା, ଭାଗ୍ୟଶ୍ରୀ ବେହୁରା, ଚିନ୍ମୟୀ ବେହୁରା, କଲ୍ୟାଣୀ ବାରିକ, ମଧୁସ୍ମିତା ମହାପାତ୍ର, ଶକୁନ୍ତଳା ବାରିକ, ଭାରତୀ ଦାଶ, ଦମୟନ୍ତୀ ଦାସ,ଭାଗ୍ୟଶ୍ରୀ ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ବାର୍ଷିକ କ୍ରୀଡ଼ାର କୃତି ପ୍ରତିଯୋଗୀମାନଙ୍କୁ ଅତିଥିମାନେ ଟ୍ରଫି ଓ ପ୍ରମାଣପତ୍ର ଦେଇଥିଲେ । ଏହି ଅବସରରେ କୁନି ଛାତ୍ରୀଛାତ୍ରଙ୍କ ଦ୍ୱାରା ସଙ୍ଗୀତ ଓ ନୃତ୍ୟ ପରିବେଷଣ କରାଯାଇଥିଲା ।



ଉତ୍କଳମଣି ଶିଶୁ ଶିକ୍ଷା ମନ୍ଦିରର ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥି ।

## ଅଙ୍ଗଦାନ ପାଇଁ ସ୍ୱୀକୃତି ଦେଲେ ଅଭିନେତ୍ରୀ ପିଙ୍କି



ଅଭିନେତ୍ରୀ ପିଙ୍କି ପ୍ରଧାନ ଓ ତାଙ୍କ ସ୍ୱାମୀ କଲୋନେଲ୍ ସବ୍ୟସାଚୀ ଦାଶ ଅଙ୍ଗଦାନ କରିବା ପାଇଁ କ୍ୟାପିଟାଲ ହସ୍ପିଟାଲ ନିର୍ଦ୍ଦେଶକଙ୍କୁ ସ୍ୱୀକୃତିପତ୍ର ପ୍ରଦାନ କରୁଛନ୍ତି।

ଭୁବନେଶ୍ୱର, ୮।୪ (ବନ୍ଦନା ସେଠୀ)

ବିବାହ ବାର୍ଷିକୀକୁ ଭିନ୍ନ ଏବଂ ମହତ ଢଙ୍ଗରେ ପାଳନ କରିଛନ୍ତି ଅଭିନେତ୍ରୀ ତଥା ଭାଜପା ନେତ୍ରୀ ପିଙ୍କି ପ୍ରଧାନ ଓ ତାଙ୍କର ସ୍ୱାମୀ କଲୋନେଲ୍ ସବ୍ୟସାଚୀ ଦାଶ। ସେମାନେ ଅଙ୍ଗଦାନ କରିବା ପାଇଁ ପ୍ରତିବଦ୍ଧ ହେବା ସହ କ୍ୟାପିଟାଲ ହସ୍ପିଟାଲରେ ଅଙ୍ଗଦାନର ଫର୍ମ ପୂରଣ କରି ନିଜର ସ୍ୱୀକୃତି ପ୍ରଦାନ କରିଛନ୍ତି। ଏଥିସହ ରକ୍ତ ଦାନ ମଧ୍ୟ କରିଛନ୍ତି। ଦେଶରେ ୧୦ ଲକ୍ଷରୁ ଊର୍ଦ୍ଧ୍ୱ ଲୋକ ଅଙ୍ଗ ରୋପଣ ପାଇଁ ଅପେକ୍ଷା କରିଥିବାବେଳେ ଡୋନରଙ୍କ ସଂଖ୍ୟା ବହୁତ କମ୍ ରହିଛି। ମାତ୍ର ୫୦ହଜାର ଲୋକ ଅଙ୍ଗଦାନ କରିବା ପାଇଁ ପ୍ରତିବଦ୍ଧ ଥିବାବେଳେ ଓଡିଶାରେ ୧୫ଜଣ ଲୋକ ଅଙ୍ଗ ଦାନ କରିପାରିଛନ୍ତି। ଅତୀତରେ କିଡ୍‌ନୀ ଟ୍ରାନ୍ସପ୍ଲାଣ୍ଟ ନ ହେବାରୁ ପିଙ୍କି ନିଜ ବାପାଙ୍କୁ ହରାଇଥିଲେ। ତେଣୁ ନିଜ ଅନ୍ତରଙ୍ଗଙ୍କୁ ହରାଇବାର ଦୁଃଖ ଯେପରି ଆଉ କାହାକୁ ନ ହେଉ ଏଭଳି ଚିନ୍ତା କରି ଅଙ୍ଗଦାନ କରିବାକୁ ନିଷ୍ପତ୍ତି ନେଇଥିବା ପିଙ୍କି କହିଛନ୍ତି। ଏଥିସହ ଜନ୍ମଦିନ, ବିବାହ ବର୍ଷିକୀ ବା କୌଣସି ଶୁଭ କାର୍ଯ୍ୟରେ ଲୋକମାନଙ୍କୁ ଅଙ୍ଗଦାନ କରିବା ପାଇଁ ଅନୁରୋଧ କରିବା ସହ ରକ୍ତଦାନ କରିବାକୁ ପରାମର୍ଶ ଦେଇଛନ୍ତି। ସେଠାରେ ଉପସ୍ଥିତ ଥିବା ହସ୍ପିଟାଲର ରକ୍ତ ଭଣ୍ଡାର ନିର୍ଦ୍ଦେଶକ ଦେବାଶିଷ ମିଶ୍ର କହିଛନ୍ତି, ବିଶେଷ ଭାବରେ ରକ୍ତ ଅଭାବ ରହୁଥିବାବେଳେ ଖରାଦିନେ ଡୋନରଙ୍କ ସଂଖ୍ୟା କମ୍ ରହୁଛି। ତେବେ ସମସ୍ତେ ରକ୍ତଦାନ ସହ ଅଙ୍ଗଦାନ କରିବାକୁ ଆଗେଇ ଆସିବାକୁ ଅନୁରୋଧ କରିଥିଲେ। ଏଥିସହ ରକ୍ତ ପାଇଁ କ୍ୟାପିଟାଲ ହସ୍ପିଟାଲ ସମ୍ପୂର୍ଣ୍ଣ ରୂପରେ ପ୍ରସ୍ତୁତ ଥିବା ସେ କହିଥିଲେ।

## ଏମ୍‌ପି, ବିଧାୟକ ପ୍ରାର୍ଥୀଙ୍କ ଉପସ୍ଥିତିରେ ଭାଜପାର ମିଶ୍ରଣ ପର୍ବ

ନେମାଳ ୮।୪ (କିରଣ ଶଙ୍କର ନାୟକ) :

କଟକ ସଦର ନିର୍ବାଚନ ମଣ୍ଡଳୀ ଅଧୀନ ନିଶ୍ଚିନ୍ତକୋଇଲି ବ୍ଲକର ନେମାଳ ମହାପୁରୁଷ ଅଚ୍ୟୁତାନନ୍ଦଙ୍କ ପୀଠରେ ଭାଜପାର କଟକ ଏମ୍‌ପି ପ୍ରାର୍ଥୀ ଭର୍ତ୍ତୃହରି ମହତାବ ଓ କଟକ ସଦର ବିଧାୟକ ପ୍ରାର୍ଥୀ ଇଂ. ପ୍ରକାଶ ଚନ୍ଦ୍ର ସେଠୀ ପହଞ୍ଚି ପୂଜାର୍ଚ୍ଚନା କରିଛନ୍ତି। ପରେ ନେମାଳସ୍ଥିତ ବରଧାରୀ ମେଲଣ ପଡ଼ିଆ ନିକଟରେ ଉଭୟ ନେତା ଏକ ମିଶ୍ରଣପର୍ବରେ ଯୋଗଦେଇ ରାଜ୍ୟ ସରକାରଙ୍କ ଉପରେ ବର୍ଷିଥିଲେ । ବରିଷ୍ଠ ଭାଜପା ନେତା କୋକୁଳଚନ୍ଦ୍ର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ମିଶ୍ରଣ ପର୍ବରେ ସରପଞ୍ଚ ରମାକାନ୍ତ ମହାନ୍ତି, ପୁଷ୍ପିତା ପଣ୍ଡା, ସର୍ବେଶ୍ୱର ନାୟକଙ୍କ ସମେତ ବହୁ ବ୍ୟକ୍ତି ଭାଜପା ସାମିଲ ହୋଇଥିଲେ । ଏହି କାର୍ଯ୍ୟକ୍ରମରେ ପ୍ରତିଭା ଶତପଥୀ, ରାଜକୁମାର ମହାନ୍ତି, ଅଭିମନ୍ୟୁ ସାହୁ, ଅକ୍ଷୟ ମହାନ୍ତି, ରଞ୍ଜନ କୁମାର ନନ୍ଦ, କଳ୍ପନା ଲେଙ୍କା, ନକୁଳ ଜେନା, ଲକ୍ଷ୍ମଣ ସେଠୀ, ଭାଗବତ ମଲ୍ଲିକ, ଡମ୍ବରୁଧର ଦାସ, ରତ୍ନାକର ବାରିକ, ହେମନ୍ତ ମଲ୍ଲିକ, ନିଖିଳ ଦାସ, ମହେନ୍ଦ୍ରନାଥ ସାହୁ ପ୍ରମୁଖ ଯୋଗଦେଇଥିଲେ।

## ବେଆଇନ ମାଟି ବୋଝେଇ ଟ୍ରାକ୍ଟର ଧକ୍କାରେ ଶିଶୁ ମୃତ

### ଥାନାରେ ଅଭିଯୋଗ

ମାହାଙ୍ଗା,୮।୪(ଯଯାତି ସିଂହ)

ଭଦ୍ରେଶ୍ୱର ଥାନା ଭଦ୍ରେଶ୍ୱର ପଞ୍ଚାୟତ ଅନ୍ତର୍ଗତ ଝାଡ଼େଶ୍ୱରପୁର (ଚୁଙ୍ଗୁଡିଆ ମୁହଁ )ଗ୍ରାମରେ ବେଆଇନ ମାଟି ବୋଝେଇ ଟ୍ରାକ୍ଟର ଧକ୍କାରେ ଏକ ଶିଶୁର ମୃତ୍ୟୁ ଘଟିଛି। ସେ ହେଲା ଏହି ଗ୍ରାମର ପ୍ରଦୀପ୍ତ ବେହେରାଙ୍କ ସାନ ପୁଅ ପୀୟୁଷ (୩)। ଘର ନିକଟରେ ସେ ଖେଳୁଥିବାବେଳେ ଟ୍ରାକ୍ଟରଟି ତାକୁ ଧକ୍କା ଦେଇ ପଳାଇଯାଇଥିଲା। ସ୍ଥାନୀୟ ଲୋକେ ଗୁରୁତର ଅବସ୍ଥାରେ ପୀୟୁଷକୁ ଉଦ୍ଧାର କରି ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ତାକୁ ମୃତ ଘୋଷଣା କରିଥିଲେ। ଖବରପାଇ ଭଦ୍ରେଶ୍ୱର ପୋଲିସ ନିଶ୍ଚିନ୍ତକୋଇଲି ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ଶିଶୁର ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ କଟକ ପଠାଇଛି। ଏଥିସହ ଦୁର୍ଘଟଣା ଘଟାଇଥିବା ଟ୍ରାକ୍ଟରକୁ ଜବତ କରିଥିବା ଭଦ୍ରେଶ୍ୱର ଥାନା ଅଧିକାରୀ କାବୁଲି ବାରିକ ସୂଚନା ଦେଇଛନ୍ତି । ମୃତ ଶିଶୁର ଦାଦା ଦୀପକ ବେହେରା ଦୁର୍ଘଟଣା ପାଇଁ ନିଶ୍ଚିନ୍ତକୋଇଲି ଗ୍ରାମ୍ୟ ଉନ୍ନୟନ ସହକାରୀ ଯନ୍ତ୍ରୀ ଉର୍ମୀ ପ୍ରିୟଦର୍ଶିନୀ ଜେନା, ସମ୍ପୃକ୍ତ ଠିକାଦାର କମଳ ଦାସ, ମାଟି ବ୍ୟବସାୟୀ ପ୍ରଶାନ୍ତ ବେହେରା ଓ ଟ୍ରାକ୍ଟର ଚାଳକ ଜିତେନ୍ଦ୍ର ସିଂହଙ୍କୁ ଦାୟୀ କରି ଥାନାରେ ଲିଖିତ ଅଭିଯୋଗ



କରିଛନ୍ତି। ନିଶ୍ଚିନ୍ତକୋଇଲି ଗ୍ରାମ ଉନ୍ନୟନ ବିଭାଗ ଅଧୀନ ଭଦ୍ରେଶ୍ୱର ପଞ୍ଚାୟତ ଝାଡେଶ୍ୱରପୁର-ହଳଧରପୁରକୁ ସଂଯୋଗ କରୁଥିବା ଚୁଙ୍ଗୁଡିଆମୁହଁ ପାଟ ନାଳୀ ସେତୁ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି । ଉକ୍ତ ସେତୁ ସ୍ଥଳରୁ ପ୍ରତିଦିନ ବେଆଇନଭାବେ ମାଟି ତଡାଯାଇ ବାହାରେ ବିକ୍ରି କରାଯାଉଛି। ଏନେଇ ବାରମ୍ବାର ବିଭାଗୀୟ ଅଧିକାରୀଙ୍କ ନିକଟରେ ଅଭିଯୋଗ ହୋଇ ଆସୁଥିଲେ ବି କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଉନାହିଁ ବୋଲି ଅଭିଯୋଗରେ ଦର୍ଶାଯାଇଛି। ସମ୍ପର୍କରେ ଥାନା ଆଇଆଇସି ବାରିକ କହିଛନ୍ତି, ଏହି ଘଟଣାରେ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଛି। ଏଥିରେ ସମ୍ପୃକ୍ତ ଦୋଷୀଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ ଗଣମାଧ୍ୟମକୁ କହିଛନ୍ତି।

## ଚିକିତ୍ସାଧୀନ ଅବସ୍ଥାରେ ମହିଳା ମୃତ, ଡ୍ରାଇଭର ଗିରଫ

**ପରିବାରର ୪ ଜଣଙ୍କୁ କଣ୍ଟେନର ଧକ୍କା ଦେବା ମାମଲା**

ଭୁବନେଶ୍ୱର, ୮।୪
(ସୂର୍ଯ୍ୟକାନ୍ତ ବେହେରା)

ଭୁବନେଶ୍ୱର ସତ୍‌ସଙ୍ଗ ବିହାର ସମ୍ମୁଖ ୧୬ ନଂ. ଜାତୀୟ ରାଜପଥରେ ରବିବାର ରାତିରେ ଏକ ପରିବାରର ୪ଜଣଙ୍କୁ କଣ୍ଟେନର ଧକ୍କା ଦେବା ଘଟଣାରେ ଚିକିତ୍ସାଧୀନ ଅବସ୍ଥାରେ ଜଣେ ମହିଳାଙ୍କର ସୋମବାର ମୃତ୍ୟୁ ଘଟିଛି। ମୃତା ମହିଳା ହେଲେ ଗଞ୍ଜାମର ଏଲ୍‌ମାନ ସେଟମୀ(୫୧)। ଅନ୍ୟ ୩ଜଣ ଗୁରୁତର ଅବସ୍ଥାରେ କଟକ ଏସ୍‌ସିବି ମେଡିକାଲରେ ଚିକିତ୍ସିତ ହେଉଛନ୍ତି। ଅନ୍ୟପକ୍ଷରେ ପୋଲିସ ଦୁର୍ଘଟଣା ଘଟାଇଥିବା କଣ୍ଟେନର ଟ୍ରକକୁ ଜବତ କରିବା ସହ ଡ୍ରାଇଭରଙ୍କୁ ଗିରଫ କରିଛି। ସୂଚନାନୁସାରେ, ଦୁର୍ଘଟଣାର ଶିକାର ପରିବାର ଭିଏସ୍‌ଏସ୍‌ନଗରସ୍ଥିତ ତାରିଣୀ ବସ୍ତିରେ ରହୁଛନ୍ତି। ରବିବାର ସେମାନେ ନିଜ ଗାଁ ଗଞ୍ଜାମ ଯିବାକୁ ବାହାରିଥିଲେ। ମାତ୍ର ସତ୍‌ସଙ୍ଗ ବିହାର ନିକଟରେ ଥିବା ଫୁଟଓଭର ବ୍ରିଜରେ ନ ଯାଇ ଚାଲି ଚାଲି ରାସ୍ତା ପାର ହେଉଥିଲେ। ଏହି ସମୟରେ ଦ୍ରୁତଗତିରେ ଯାଉଥିବା କଣ୍ଟେନରଟି ସେମାନଙ୍କୁ ଧକ୍କା ଦେଇଥିଲା। ସମସ୍ତଙ୍କୁ ଉଦ୍ଧାର କରାଯାଇ ପ୍ରଥମେ କ୍ୟାପିଟାଲ ହସ୍ପିଟାଲ ପରେ ସେଠାରୁ କଟକ ବଡ ମେଡିକାଲକୁ ପଠାଯାଇଥିଲା। ହେଲେ ଚିକିତ୍ସାଧୀନ ଅବସ୍ଥାରେ ଏଲ୍‌ମାନଙ୍କର ଦିନ ସାଢେ ୧୧ ଟାରେ ମୃତ୍ୟୁ ଘଟିଥିବା ସୂଚନା ଦିଆଯାଇଛି।

## ବରିଷ୍ଠ ନାଗରିକ ନୀତି ସଂଶୋଧନ ପାଇଁ ୯ଟି ଦାବି ପଠାଇଲା ସଂଘ

ବାଙ୍କୀ,୮।୪ (ଜ୍ଞାନେନ୍ଦ୍ର ମୋହନ ମିଶ୍ର)

ଓଡ଼ିଶା ସରକାରଙ୍କ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ଉଦ୍ୟମରେ ବରିଷ୍ଠ ନାଗରିକମାନଙ୍କ ପାଇଁ ସ୍ୱତନ୍ତ୍ର ଦୃଷ୍ଟି ଦିଆଯିବାର ଆବଶ୍ୟକତାକୁ ନେଇ ଓଡ଼ିଶା ବରିଷ୍ଠ ନାଗରିକ ନୀତି -୨୦୧୬ ସଂଶୋଧନ ନିମନ୍ତେ ହୋଇଥିବା ଉଦ୍ୟମ କରାଯାଉଛି। ଏହା ଏକ ସ୍ୱାଗତ ଯୋଗ୍ୟ ପଦକ୍ଷେପ। ଏଥିସହ ବାଙ୍କୀ ବୟୋଜ୍ୟେଷ୍ଠ ନାଗରିକ ସଂଘ ତରଫରୁ ବରିଷ୍ଠ ନାଗରିକମାନଙ୍କ ମଙ୍ଗଳ ନିମନ୍ତେ ସର୍ବନିମ୍ନ ୯ଟି ଦାବି ରାଜ୍ୟ ସରକାରଙ୍କ ପାଖକୁ ପଠାଇଛନ୍ତି। ସଂଘ ସଭାପତି ବିରଞ୍ଚି ଦାସଙ୍କ କହିବାନୁଯାୟୀ, ଏହି ଦାବି ଗୁଡ଼ିକ ହେଲା ବରିଷ୍ଠ ନାଗରିକମାନଙ୍କୁ ଚିହ୍ନଟ କରାଯାଇ ସେମାନଙ୍କ ସୁରକ୍ଷା ନିମନ୍ତେ ସରକାରଙ୍କ ପୋଲିସ, ସ୍ୱାସ୍ଥ୍ୟ ବିଭାଗ, ପଞ୍ଚାୟତ, ମ୍ୟୁନିସିପାଲିଟି ଶିକ୍ଷା ବିଭାଗ ଆଦିକୁ ଦାୟିତ୍ୱ ନ୍ୟସ୍ତ କରିବା, ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ବରିଷ୍ଠ ନାଗରିକମାନଙ୍କୁ ଅନ୍ତର୍ଭୁକ୍ତ କରିବା, ଯେଉଁମାନେ ସମାଜରେ ଚଳିବା ପାଇଁ ବାର୍ଦ୍ଧକ୍ୟ ଭତ୍ତା ଉପରେ ନିର୍ଭର କରୁଛନ୍ତି ସେମାନଙ୍କୁ ମାସିକ ୨ହଜାର ଟଙ୍କା ବାର୍ଦ୍ଧକ୍ୟ ଭତ୍ତା ଦେବା ଓ ୫କେଜି ପରିବର୍ତ୍ତେ ୧୦କେଜି ଚାଉଳ ଦେବା, ଆବାସ ଯୋଜନାରୁ ବଞ୍ଚିତ ହୋଇଥିବା ବରିଷ୍ଠ ନାଗରିକଙ୍କୁ ଅଗ୍ରାଧିକାର ଭିତ୍ତିରେ ପକ୍କା ଘର ଯୋଗାଇବା, ବରିଷ୍ଠ ନାଗରିକମାନଙ୍କର ବିଭିନ୍ନ ସମସ୍ୟା ସମାଧାନ ନିମନ୍ତେ ବିଚାର ବିମର୍ଶ କରିବା ପାଇଁ ଏକ ଗୃହ ଯୋଗାଇ ଦେବା, ବରିଷ୍ଠ ନାଗରିକ ସଂଘମାନଙ୍କୁ ଅଧିକ କ୍ରିୟାଶୀଳ ପାଇଁ ଆର୍ଥିକ ସହାୟତା ଯୋଗାଇ ଦେବା, ଓଡ଼ିଶା ସରକାରଙ୍କ ତୀର୍ଥ ଯାତ୍ରା ଯୋଜନାରେ ଗରିବ , ନିଃସହାୟ ବୃଦ୍ଧଙ୍କୁ ଓଡ଼ିଶାରେ ଥିବା ବିଭିନ୍ନ ତୀର୍ଥସ୍ଥଳୀ ପରିଦର୍ଶନରେ ନେବାର ଯୋଜନାରେ ଅନ୍ତର୍ଭୁକ୍ତ କରାଯାଉ।

## ୪୦୦ତମ ଅଧ୍ୟାୟରେ 'ତୁ ଖରା ମୁଁ ଛାଇ'

ଭୁବନେଶ୍ୱର,୮।୪ (ଅଭୟ ଦାସ)

ରାଜ୍ୟର ଅଗ୍ରଣୀ ଘରୋଇ ଓଡ଼ିଆ ଚ୍ୟାନେଲ ଜୀ ସାର୍ଥକରେ ପ୍ରସାରିତ ମେଗା ଧାରାବାହିକ 'ତୁ ଖରା ମୁଁ ଛାଇ' ସଫଳତାର ସହିତ ୪୦୦ତମ ଅଧ୍ୟାୟରେ ପହଞ୍ଚିଛି। ଉଲ୍ଲେଖଯୋଗ୍ୟ, ଜୀ ସାର୍ଥକରେ ପ୍ରତି ସୋମବାରରୁ ଶନିବାର ରାତି ୮ ଟା ୩୦ରେ ପ୍ରସାରିତ 'ତୁ ଖରା ମୁଁ ଛାଇ' ଏକ ଭିନ୍ନ ଧରଣର ଧାରାବାହିକ ହୋଇଥିବା ବେଳେ ଉକ୍ତ ଧାରାବାହିକ(କାହାଣୀ)ର ମୁଖ୍ୟ ଚରିତ୍ରରେ ଲୋକପ୍ରିୟ କଳାକାର ଏଜେ ଓ ମାନିନୀ ବେଶ୍ ଦମ୍‌ଦାର ଓ ହୃଦୟସ୍ପର୍ଶୀ ଅଭିନୟ ଜାରି ରଖିଛନ୍ତି। ଏପରି କି ସମୟର ଅଗ୍ରଗତି ସହ କାହାଣୀର ଗତି ମଧ୍ୟ ଆଗକୁ ଆଗକୁ ବଢି ଚାଲିଛି। ଅନେକ ରୋଚକ ମୋଡ଼ ସହ ଦର୍ଶକଙ୍କ ମନ ଜିଣିବାରେ 'ତୁ ଖରା ମୁଁ ଛାଇ' ସକ୍ଷମ ହେବା ସହିତ ସଫଳତାର ୪୦୦ତମ ଅଧ୍ୟାୟର ନିକଟରେ ପୂର୍ଣ୍ଣ କରିଛି। ବିଶେଷକରି ଜଣେ ଅଜଣା ଝିଅ ମୟୂରୀ ହୋଇ ମାନିନୀକୁ ମାରିବାକୁ ଚେଷ୍ଟା କରିଛି,



ସେପଟେ ମାନିନୀ ତା'ର ସବୁପ୍ରକାରର ଚେଷ୍ଟା ଜାରି ରଖିଛି, କିପରି ଏଜେ ଓ ତା' ପରିବାର ଖୁସିରେ ରହିବେ। ଏପରି କି ସେ ଏଜେକୁ ମୟୂରୀ ସହ ଏକ ଡେଟରେ ପଠାଇବାକୁ ଯୋଜନା କରିଛି କିନ୍ତୁ ମୟୂରୀ ଯିବା ପାଇଁ ମନା କରିଛି ; ଯାହା ଏଜେକୁ ବହୁତ ଦୁଃଖ ଦେଇଛି। ମାନିନୀ ଏଜେକୁ ବୁଝାଇଛନ୍ତି ଓ ସରସ୍ୱତୀଙ୍କ ଆଭ୍ୟନ୍ତରୀଣ ବିରୋଧ ସତ୍ତ୍ୱେ ଦୁଇ ଜଣ ଏକ ସାଙ୍ଗରେ ରାତ୍ରିଭୋଜନ କରନ୍ତି ଓ ସ୍ୱାମୀଙ୍କ ପାଇଁ ଏକ ବିଶେଷ ପୂଜା କରିବା ମଧ୍ୟରେ ବିଭିନ୍ନ ରୋଚକ ଘଟଣା ସବୁ ମଧ୍ୟ ଘଟିଛି। ଏପରି କି ମୟୂରୀ ଏହା ଦେଖିଲା ପରେ ମାନିନୀ ଓ ଏଜେଙ୍କ ମଧ୍ୟରେ କିପରି ଦୂରତା ସୃଷ୍ଟି କରିବ ତାହା ପାଇଁ ଚକ୍ରାନ୍ତ ମଧ୍ୟ କରିଛି। କିପରି ମୟୂରୀର ଏହି ଚକ୍ରାନ୍ତଙ୍କୁ ସମସ୍ତଙ୍କ ସାମନାରେ ମାନିନୀ ପର୍ଦ୍ଦାଫାଶ କରିବା ସହ ଏଜେ ଓ ତା'ର ପରିବାରକୁ ଖୁସିରେ ରଖିବ, ତାହା ଏହି କାହାଣୀକୁ ଏକ ରୋଚକ ମୋଡରେ ପହଞ୍ଚାଇବ ବୋଲି ଆକଳନ କରାଯାଉଛି। ସେହିଭଳି ଅକ୍ଷୟ ପରିଜା ଓ କ୍ଷୀରୋଦ ପଟ୍ଟନାୟକ ପ୍ରଯୋଜିତ ଓ ବିଶ୍ୱରଞ୍ଜନ ମହାନ୍ତିଙ୍କ ନିର୍ଦ୍ଦେଶିତ 'ତୁ ଖରା ମୁଁ ଛାଇ' ନଟ ଖଟି ଅଭିନେତ୍ରୀ ସ୍ମୃତିରେଖାଙ୍କୁ ମୁଖ୍ୟ ଭୂମିକା ମାନିନୀ ଚରିତ୍ରରେ ଦେଖିବାକୁ ମିଳିଥିବା ବେଳେ ମଡେଲିଂରୁ ନିଜର କ୍ୟାରିଅର ଆରମ୍ଭ କରିଥିବା ରଞ୍ଜନ ଏଜେ ଚରିତ୍ରରେ ଓ ମୟୂରୀ ଚରିତ୍ରରେ ଥିବା ଅନନ୍ୟା ଶର୍ମା ନିଜର ଅଭିନୟର ଯାଦୁରେ ଓଡ଼ିଆ ଦର୍ଶକଙ୍କ ମନ ଜିଣିପାରିଛନ୍ତି। ଅପରପକ୍ଷରେ ସ୍ମୃତିରେଖା ଓ ରଞ୍ଜନଙ୍କ ସହ ସୌମ୍ୟା କାନୁନ୍‌ଗୋ, ସନ୍ଧ୍ୟାରଣୀ ବେହେରା, ପ୍ରୀତି ଓ ରାକେଶ ଏହି କାହାଣୀରେ ଏକ ଦମ୍‌ଦାର ଭୂମିକାରେ ଅଛନ୍ତି। ପୂର୍ବରୁ ଜୀ ସାର୍ଥକରେ ପ୍ରସାରିତ ପ୍ରତିଟି ମେଗା ଧାରାବାହିକକୁ ଦର୍ଶକଙ୍କ ଆଦୃତି ମିଳିଛି।

ଏ ନେଇ ଜୀ ସାର୍ଥକର ଚିଫ୍ ଚ୍ୟାନେଲ ଅଫିସର ପ୍ରତୀକ ସିଲ୍ କହିଛନ୍ତି, ତୁ ଖରା ମୁଁ ଛାଇକୁ ଓଡ଼ିଆ ଦର୍ଶକ ଭଲ ପାଇବା ଦେବା ସହିତ ଆଗକୁ ମଧ୍ୟ ଏହି ଧାରା ଜାରି ରହିବ ବୋଲି ସେ ମତପ୍ରକାଶ କରିଛନ୍ତି।

# ଅଗ୍ନିକାଣ୍ଡରେ ଗାଈ ମୃତ, ଟଙ୍କା ସହ ସୁନାଗହଣା ଜଳିଗଲା

**ଗୋପ,୮।୪(ଭାରତୀ ଭୂଷଣ ଉପାଧ୍ୟାୟ):**

ଗୋପ ବ୍ଲକ ବୀରତୁଙ୍ଗ ପଞ୍ଚାୟତ ଅଧୀନ ଚେଙ୍ଗେଇଲ ଗ୍ରାମର ପ୍ରମୋଦ ମଲ୍ଲିକଙ୍କ ଘରେ ରବିବାର ବିଳମ୍ବିତ ରାତିରେ ଅଗ୍ନିକାଣ୍ଡ ଘଟିଛି। ଏଥିରେ ପୋଡ଼ିଯାଇ ଏକ ଗାଈର ମୃତ୍ୟୁ ହୋଇଥିବାବେଳେ ଅନ୍ୟ ଏକ ଗାଈ ଆହତ ହୋଇଛି। ଏଥିସହ ନଗଦ ଟଙ୍କା ସହ ସୁନା, ରୁପା ଅଳଙ୍କାର ଓ ଆସବାବପତ୍ର ନଷ୍ଟ ଏବଂ ୨ଟି ବାଇକ୍, ୫ଟି ସାଇକେଲ ଜଳିଯାଇଛି। ତାଙ୍କୁ ସରକାରୀ ସହାୟତା ମିଳି ନ ଥିବାବେଳେ ସମ୍ପର୍କ, ସେବକ ସ୍ୱେଚ୍ଛାସେବୀ ସଂଗଠନ ପକ୍ଷରୁ ବସ୍ତ୍ର ସହିତ ଶୁଖିଲା ଖାଦ୍ୟ ଯୋଗାଇ ଦିଆଯାଇଛି।

ପ୍ରକାଶ ଯେ, ସବୁଦିନ ପରି ରବିବାର ରାତିରେ ପ୍ରମୋଦଙ୍କ ପରିବାର ଖାଇପିଇ ଶୋଇଥିଲେ। କୌଣସି ଏକ କାରଣରୁ ଗୁହାଳ ଘରୁ ଅଗ୍ନିକାଣ୍ଡ ଘଟି ଆଉ ୩ ବଖରା ଚାଳ ଘରେ ନିଆଁ ଲାଗିଯାଇଥିଲା। ପ୍ରମୋଦଙ୍କ



ସହ ସମସ୍ତଙ୍କ ନିଦ ଭାଙ୍ଗି ଯାଇଥିଲା। ଗୋପ ଅଗ୍ନିଶମ ବାହିନୀକୁ ଖବର ଦେବାରେ କେନ୍ଦ୍ର ଅଧିକାରୀ ବସନ୍ତ ପାତ୍ର ଓ କର୍ମଚାରୀମାନେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଏଥିରେ ତାଙ୍କ ଝିଅ ବିବାହ ପାଇଁ ରଖିଥିବା ସମସ୍ତ ସୁନା ଗହଣା ଜଳି ପାଉଁଶ ହୋଇଯାଇଛି। ତେବେ ଆହତ ଗାଈର ଚିକିତ୍ସା ନିମନ୍ତେ ୧୯୬୨କୁ ଫୋନ ଲଗାଇଥିଲେ ମଧ ଘଣ୍ଟା ଘଣ୍ଟା ଧରି ତାହା ବ୍ୟସ୍ତ ଦେଖାଇଥିଲା। ସମ୍ପର୍କ ସଙ୍ଗଠନର ସଭାପତି ଧନେଶ୍ୱର ଦାସ, ସେବକ ସଙ୍ଗଠନ ସଭାପତି ଆଲୋକ ଜେନାଙ୍କ ସହିତ ସଭ୍ୟାସଭ୍ୟ ପହଞ୍ଚି ପ୍ରମୋଦଙ୍କ ପରିବାରକୁ ଖାଦ୍ୟ ବସ୍ତ୍ର ଯୋଗାଇଛନ୍ତି।

## ସଂକ୍ଷେପରେ

### ଜିଲା ସ୍କାଉଟ୍ସ ଆଣ୍ଡ୍ ଗାଇଡ୍ସ ପକ୍ଷରୁ ଜଳଦାନ ସେବା ଶିବିର

**ପୁରୀ,୮।୪(ଅଜିତ୍ ମହାନ୍ତି)**

ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହରେ ଜନସାଧାରଣ ଅସ୍ତବ୍ୟସ୍ତ ହେବାର ଆଶଙ୍କା ରହିଛି। ଏହାକୁ ନଜରରେ ରଖି ଭାରତ ସ୍କାଉଟ୍ସ ଓ ଗାଇଡ୍ସର ପୁରୀ ଜିଲା ଶାଖା ତରଫରୁ ଏକ ଜଳଦାନ ସେବା ଶିବିର ସୋମବାର ବଡ଼ଦାଣ୍ଡସ୍ଥିତ ବଳଗଣ୍ଡି ସରକାରୀ ଉଚ୍ଚ ବିଦ୍ୟାଳୟ ସମ୍ମୁଖରେ ଉଦ୍‌ଘାଟନ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପୁରୀ ଜିଲା ଅତିରିକ୍ତ ଶିକ୍ଷା ଅଧିକାରୀ ମମତା ମିଶ୍ର, ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ୍ ରମେଶଚନ୍ଦ୍ର ବଳିଆରସିଂ, ବିଶେଷ ଅତିଥି ଭାବେ ଅତିରିକ୍ତ ଶିକ୍ଷା ଅଧିକାରୀ ହିମାଂଶୁ ସମର୍ଥା ଯୋଗଦେଇଥିଲେ। ଏହି ଶିବିରରେ ଆସନ୍ତା ଏକ ମାସରୁ ଅଧିକ ସମୟ ଧରି ଜନସାଧାରଣଙ୍କୁ ସକାଳ ୯ଟାରୁ ଅପରାହ୍ନ ୩ଟା ୩୦ ପର୍ଯ୍ୟନ୍ତ ସେବା ପ୍ରଦାନ କରାଯିବ। ବିଶେଷକରି ଶିକ୍ଷୟିତ୍ରୀ ଶିକ୍ଷକ ଓ ବିଭିନ୍ନ ଉଚ୍ଚ ବିଦ୍ୟାଳୟର ସ୍କାଉଟ୍ ଓ ଗାଇଡ୍‌ମାନେ ସେବା ପ୍ରଦାନ କରିବେ। ଜିଲା ଗାଇଡ୍ ଉପସଭାପତି ପ୍ରଭାତି ମହାପାତ୍ର ଜିଲା ଗାଇଡ କମିଶନର ରୂପଶ୍ରୀ ଛୋଟରାୟ, ଜିଲା ସଚିବ ମହେନ୍ଦ୍ର କୁମାର ବିଶ୍ୱାଳ, ଗାଇଡ ସାଙ୍ଗଠନିକ କମିଶନର ମିନାକ୍ଷୀ ମିଶ୍ର, ପ୍ରଧାନ ଶିକ୍ଷୟିତ୍ରୀ ଅମ୍ରିତା ସାହୁ, ଗାଇଡ ଟ୍ରେନିଂ କମିଶନର ମନୋରମା ଷଡ଼ଙ୍ଗୀ, ଗାଇଡ୍ କ୍ୟାପଟେନ ସସ୍ମିତା ରାଉତରାୟ, ଗାଇଡ୍ କ୍ୟାପଟେନ ଭାଗ୍ୟଶ୍ରୀ ସେଠୀ, ଜିଲା ସାଙ୍ଗଠନିକ କମିଶନର ଦେବାଶିଷ ମିଶ୍ର, ରୋଭର୍ ଲିଡର ରାଜେନ୍ଦ୍ର ନାରାୟଣ ହରିଚନ୍ଦନ, କବ୍ ମାଷ୍ଟର ଶିବ ନାରାୟଣ ଭଞ୍ଜ, ଫ୍ଲକ୍ ଲିଡର ବିଜୟଲକ୍ଷ୍ମୀ ଦାଶ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।




ଭାରତ ସ୍କାଉଟ୍ସ ଓ ଗାଇଡ୍ସର ପୁରୀ ଜିଲା ଶାଖା ତରଫରୁ ବଳଗଣ୍ଡି ସରକାରୀ ଉଚ୍ଚ ବିଦ୍ୟାଳୟ ସମ୍ମୁଖରେ ଉଦ୍‌ଘାଟିତ ଜଳଦାନ ସେବା ଶିବିର।

### ଅଙ୍ଗଦାନ ପାଇଁ ସ୍ୱୀକୃତି ଦେଲେ ଅଭିନେତ୍ରୀ ପିଙ୍କି

**ଭୁବନେଶ୍ୱର, ୮।୪ (ବନ୍ଦନା ସେଠୀ)**

ବିବାହ ବାର୍ଷିକୀକୁ ଭିନ୍ନ ଏବଂ ମହତ ଢଙ୍ଗରେ ପାଳନ କରିଛନ୍ତି ଅଭିନେତ୍ରୀ ତଥା ଭାଜପା ନେତ୍ରୀ ପିଙ୍କି ପ୍ରଧାନ ଓ ତାଙ୍କର ସ୍ୱାମୀ କଲୋନେଲ୍ ସବ୍ୟସାଚୀ ଦାଶ। ସେମାନେ ଅଙ୍ଗଦାନ କରିବା ପାଇଁ ପ୍ରତିବଦ୍ଧ ହେବା ସହ କ୍ୟାପିଟାଲ ହସ୍ପିଟାଲରେ ଅଙ୍ଗଦାନର ଫର୍ମ ପୂରଣ କରି ନିଜର ସ୍ୱୀକୃତି ପ୍ରଦାନ କରିଛନ୍ତି। ଏଥିସହ ରକ୍ତ ଦାନ ମଧ କରିଛନ୍ତି। ଦେଶରେ ୧୦ ଲକ୍ଷରୁ ଊର୍ଦ୍ଧ୍ୱ ଲୋକ ଅଙ୍ଗ ରୋପଣ ପାଇଁ ଅପେକ୍ଷା କରିଥିବାବେଳେ ଡୋନରଙ୍କ ସଂଖ୍ୟା ବହୁତ କମ୍ ରହିଛି। ମାତ୍ର ୫୦ହଜାର ଲୋକ ଅଙ୍ଗଦାନ କରିବା ପାଇଁ ପ୍ରତିବଦ୍ଧ ଥିବାବେଳେ ଓଡିଶାରେ ୧୫ଜଣ ଲୋକ ଅଙ୍ଗ ଦାନ କରିପାରିଛନ୍ତି। ଅତୀତରେ କିଡ୍‌ନୀ ଟ୍ରାନ୍ସପ୍ଲାଣ୍ଟ ନ ହେବାରୁ ପିଙ୍କି ନିଜ ବାପାଙ୍କୁ ହରାଇଥିଲେ। ତେଣୁ ନିଜ ଅନ୍ତରଙ୍ଗଙ୍କୁ ହରାଇବାର ଦୁଃଖ ଯେପରି ଆଉ କାହାକୁ ନ ହେଉ ଏଭଳି ଚିନ୍ତା କରି ଅଙ୍ଗଦାନ କରିବାକୁ ନିଷ୍ପତ୍ତି ନେଇଥିବା ପିଙ୍କି କହିଛନ୍ତି। ଏଥିସହ ଜନ୍ମଦିନ, ବିବାହ ବର୍ଷକୀ ବା କୌଣସି ଶୁଭ କାର୍ଯ୍ୟରେ ଲୋକମାନଙ୍କୁ ଅଙ୍ଗଦାନ କରିବା ପାଇଁ ଅନୁରୋଧ କରିବା ସହ ରକ୍ତଦାନ କରିବାକୁ ପରାମର୍ଶ ଦେଇଛନ୍ତି। ସେଠାରେ ଉପସ୍ଥିତ ଥିବା ହସ୍ପିଟାଲର ରକ୍ତ ଭଣ୍ଡାର ନିର୍ଦ୍ଦେଶକ ଦେବାଶିଷ ମିଶ୍ର କହିଛନ୍ତି, ବିଶେଷ ଭାବରେ ରକ୍ତ ଅଭାବ ରହୁଥିବାବେଳେ ଖରାଦିନେ ଡୋନରଙ୍କ ସଂଖ୍ୟା କମ୍ ରହୁଛି। ତେବେ ସମସ୍ତେ ରକ୍ତଦାନ ସହ ଅଙ୍ଗଦାନ କରିବାକୁ ଆଗେଇ ଆସିବାକୁ ଅନୁରୋଧ କରିଥିଲେ।

# ପିଲାଙ୍କୁ ବୈଷୟିକ ସହ ଆଧ୍ୟାତ୍ମିକ ଶିକ୍ଷା ଦେବା ଆବଶ୍ୟକ

**ଡେଲାଙ୍ଗ,୮।୪(ରଶ୍ମିରଞ୍ଜନ ପ୍ରଧାନ):**

ଶିଶୁଟିକୁ ଆଧ୍ୟାତ୍ମିକ ଶିକ୍ଷା ସହିତ ପରିବାରରେ ପ୍ରାଥମିକ ଶିକ୍ଷା ଦେବା ଆବଶ୍ୟକ। ଠିକ୍ ଭାବେ ଅଭିଭାବକ ଶିଶୁଟିକୁ ପ୍ରାଥମିକ ଶିକ୍ଷା ଦେଲେ ଆଗାମୀ ଭବିଷ୍ୟତରେ ବିଦ୍ୟାଳୟ ଓ ମାତାପିତାଙ୍କ ନାମ ଉଜ୍ଜ୍ୱଳ କରିବ। ବାନାମ୍ବର ଉନ୍ନୀତ ଉଚ୍ଚ ବିଦ୍ୟାଳୟର ବାର୍ଷିକୋତ୍ସବ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରାଥମିକ ଶିକ୍ଷକ ସଂଘ ସଭାପତି ତଥା ଶିକ୍ଷକ ଦିଗମ୍ବର ରଥ ଯୋଗଦେଇ ମତବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତା ଭାବେ ଏବିଇଓ ସୁଷମା ଦାଶ ଯୋଗଦେଇ ମା'ମାନେ ସେମାନଙ୍କ ପିଲାଙ୍କୁ ବୈଷୟିକ ଶିକ୍ଷା ସହିତ ଶ୍ରୀମଦ୍ ଭାଗବତ ଗୀତା, ରାମାୟଣ ସହିତ ବିଭିନ୍ନ ପୌରାଣିକ ଓ ଆଧ୍ୟାତ୍ମିକ ଶିକ୍ଷାଦେବା ଆବଶ୍ୟକ ବୋଲି କହିଥିଲେ। ଶିକ୍ଷକ ଦିଗମ୍ବର ରଥ ଏଥିରେ ସଭାପତିତ୍ୱ କରିଥିଲେ। ଏବିଇଓ ଦାଶ, ଲକ୍ଷ୍ମଣ ପ୍ରଧାନ, ସିଆର୍‌ସିସି ଦୟାନିଧି ମାର୍ଥା, ନବକିଶୋର ମହାପାତ୍ର, ସଂସ୍କୃତିପ୍ରେମୀ ଶିକ୍ଷକ ଅଭୟ ଚରଣ ସାହୁ, ଦେବାଶିଷ ପଣ୍ଡା, ସଂକୀର୍ତ୍ତନ ଗାୟକ ସାଗର ବଳ, ପରିଚାଳନା କମିଟି ସଭାପତି ଦିବାକର ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ। ସିଆର୍‌ସିସି ଦୁର୍ଯ୍ୟୋଧନ ପ୍ରଧାନ ସଭା ସଂଯୋଜନା, ଶିକ୍ଷକ ଚକ୍ରଧର ମହାପାତ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଗୋପକୃଷ୍ଣ ତ୍ରିପାଠୀ ବିଦ୍ୟାଳୟ ବାର୍ଷିକ ବିବରଣୀ ପାଠ କରିଥିଲେ। ଶିକ୍ଷୟିତ୍ରୀ ଅନୁରାଧା ଦାଶ, ମଞ୍ଜୁଲତା ଦେଈ, ବିଷ୍ଣୁପ୍ରିୟା ପରିଡ଼ା, କାଦମ୍ବିନୀ ସାହୁ, ଶିକ୍ଷକ ପ୍ରଦୀପ ଜେନା, ମଦନମୋହନ ପ୍ରଧାନ, କମିଟି ସଭ୍ୟ ବିଜୟ ମହାପାତ୍ର, ରବୀନ୍ଦ୍ର ମହାରଣା ସମେତ କମିଟି ସଭ୍ୟସଭ୍ୟା ଅଭିଭାବକ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।




ବାନାମ୍ବର ଉନ୍ନୀତ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବରେ ଯୋଗ ଦେଇଥିବା ଅତିଥି ।

## ଉଠ ଓଡ଼ିଆ ପକ୍ଷରୁ ୧୦ରୁ ସଂକଳ୍ପ ଯାତ୍ରା

### ଶ୍ରୀମନ୍ଦିର ନିକଟରୁ ବାହାରି ୧୪ରେ ଭୁବନେଶ୍ୱରରେ ପହଞ୍ଚିବ

**ଭୁବନେଶ୍ୱର, ୮।୪ (ବନ୍ଦନା ସେଠୀ)**

ଓଡ଼ିଆ ଅସ୍ମିତାକୁ ପୁନଃ ପ୍ରତିଷ୍ଠା କରି ଏକ ସ୍ୱାବଲମ୍ବୀ ଓ ସମୃଦ୍ଧ ଓଡ଼ିଶା ଗଢି ତୋଳିବା ପାଇଁ ରାଜ୍ୟବାସୀଙ୍କୁ ଜାଗ୍ରତ କରିବା ଲକ୍ଷ୍ୟ ନେଇ 'ଉଠ ଓଡ଼ିଆ' ସଙ୍ଗଠନ ପକ୍ଷରୁ ୫ଦିନିଆ ସଂକଳ୍ପ ଯାତ୍ରା ଆରମ୍ଭ ହେବ। ଆସନ୍ତା ୧୦ ତାରିଖରୁ ପୁରୀ ଶ୍ରୀମନ୍ଦିର ନିକଟରୁ ଏହି ଯାତ୍ରା ବାହାରି ବୀରହରେକୃଷ୍ଣପୁର, ସୁଆଣ୍ଡୋ, ସତ୍ୟବାଦୀ, ଧଉଳି ଦେଇ ୧୪ରେ ଭୁବନେଶ୍ୱରରେ ପହଞ୍ଚି ଯାତ୍ରାର ସମାପନ ହେବ। ସଙ୍ଗଠନର ଶତାଧିକ ସଦସ୍ୟ ଏହି ଯାତ୍ରାରେ ଯୋଗଦେଇ ବିଭିନ୍ନ ଗାଁ ବୁଲି ଲୋକଙ୍କ ମଧ୍ୟରେ ଓଡିଆ ଅସ୍ମିତାର ବାର୍ତ୍ତା ପ୍ରଚାର କରିବେ ବୋଲି ସଂଗଠନ ପକ୍ଷରୁ ସୋମବାର ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ପ୍ରାକୃତିକ ଧନରାଜିରେ ଭରପୂର ଓଡ଼ିଶା ଆଉ ଅଳ୍ପ କେଇ ବର୍ଷପରେ ସ୍ୱତନ୍ତ୍ର ପ୍ରଦେଶ ଗଠନକୁ ୧୦୦ ବର୍ଷ ପାଳନ କରିବ। ମାତ୍ର ଏଠାରେ ରୁଗ୍‌ଣ ଶିକ୍ଷା, ସ୍ୱାସ୍ଥ୍ୟ ବ୍ୟବସ୍ଥା, ବେକାରୀ, ମଦ ବିଭୀଷିକା ଓ ଦାଦନ ସମସ୍ୟା ସାଧାରଣ ଓଡିଆଙ୍କୁ ଆନ୍ଦୋଳିତ କରୁଛି। ଏହି ପରିସ୍ଥିତିକୁ ନେଇ ବିଚଳିତ ଥିବା ତଥା ଏକ ବିକଶିତ ଓଡ଼ିଶାର ସ୍ୱପ୍ନ ଦେଖୁଥିବା ଓଡ଼ିଆ ପ୍ରାଣମାନଙ୍କୁ ସନ୍ଧାନ କରିବା ପାଇଁ ଉଠ ଓଡ଼ିଆ ତରଫରୁ ଶ୍ରୀକ୍ଷେତ୍ରରୁ ଏକାମ୍ର କ୍ଷେତ୍ରକୁ ଏହି ପଦଯାତ୍ରା ଆୟୋଜନ କରାଯାଉଥିବା ସଂଗଠନର ସଦସ୍ୟ କାହ୍ନୁଚରଣ ବେହୁରା କହିଥିଲେ। ଖବରଦାତା ସମ୍ମିଳନୀରେ ଦୁର୍ଗା ଚରଣ ଦାସ ଏବଂ ଅଶୋକ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

# ଜୀବନ ଜୀବିକାକୁ ନେଇ ଦୋଛକିରେ କ୍ଷୁଦ୍ର ବ୍ୟବସାୟୀ

**ନିମାପଡ଼ା,୮।୪(ରଞ୍ଜନ ପଟ୍ଟନାୟକ):**

ଜୀବନ ଜୀବିକାକୁ ନେଇ ଦୋଛକିରେ କ୍ଷୁଦ୍ର ବ୍ୟବସାୟୀ। ଟ୍ରାଫିକ୍ ଏବଂ ସୌନ୍ଦର୍ଯ୍ୟକରଣ ନିମନ୍ତେ ନିମାପଡ଼ା ପ୍ରଶାସନ ଜାନୁଆରୀରେ ଉଠା ଦୋକାନୀଙ୍କୁ ଉଚ୍ଛେଦ କରିଥିଲା। ଏଥିସହ ସେ ସମୟରେ ଖୁବ୍‌ଶୀଘ୍ର ଥଇଥାନ କରାଯିବା ନିମନ୍ତେ ପ୍ରତିଶ୍ରୁତି ମଧ ଦେଇଥିଲା। ଏପରି କି ନିର୍ବାଚନ ଆଚରଣବିଧି ଲାଗିବା ପୂର୍ବରୁ ଥଇଥାନ ପାଇଁ ନିଜେ ନଗରପାଳ ସସ୍ମିତା ସାହୁ ପ୍ରତିଶ୍ରୁତି ମଧ ଦେଇଥିଲେ। ଏହାକୁ ୪ ମାସ ବିତିଯାଇଥିଲେ ମଧ ପ୍ରତିଶ୍ରୁତି ସେମିତି ପଡ଼ିରହିଛି।

ସୂଚନାଯୋଗ୍ୟ, ନିମାପଡ଼ାର ବିକାଶ ନାମରେ ତଳଅଣ୍ଡିଆଠାରୁ ଦୋଳବେଦି ଛକ ପର୍ଯ୍ୟନ୍ତ ଦୀର୍ଘ ୪ କି.ମି. ଅଞ୍ଚଳରୁ କ୍ଷୁଦ୍ର ବ୍ୟବସାୟୀଙ୍କୁ ପ୍ରଶାସନ ବିସ୍ଥାପିତ କରିଥିଲା। ଏଥିରେ ୫ ଶହରୁ ଊର୍ଦ୍ଧ୍ୱ କ୍ଷୁଦ୍ର ଏବଂ ଅତି କ୍ଷୁଦ୍ର ବ୍ୟବସାୟୀଙ୍କୁ ଜୀବନ ଜୀବିକା ହରାଇବାକୁ ପଡ଼ିଛି। ବର୍ତ୍ତମାନ ପରିସ୍ଥିତିରେ ସେମାନଙ୍କ ପରିବାରର ଭରଣପୋଷଣ ଠପ୍ ହୋଇପଡ଼ିଛି। ଜୀବିକା ହରାଇଥିବା ଅନେକ କ୍ଷୁଦ୍ର ବ୍ୟବସାୟୀ ଅନ୍ୟ ଉପାୟ ନ ପାଇ କେତେଜଣ ମୂଲ ଲାଗୁଥିବାବେଳେ ଆଉ କେତେଜଣ ଦାଦନ ଖଟିବାକୁ ବାହାର ରାଜ୍ୟକୁ ଚାଲିଗଲେଣି। ପ୍ରଶାସନ ଦେଇଥିବା ପ୍ରତିଶ୍ରୁତିକୁ ଭୁଲିଯାଇ ଆମ ପ୍ରତି ପ୍ରତାରଣା କରିଛି ବୋଲି କ୍ଷୁଦ୍ର ବ୍ୟବସାୟୀ ସଂଘ ଅଭିଯୋଗ କରିଛି। ଏନେଇ ନଗରପାଳ ସାହୁଙ୍କୁ ପଚାରିବାରେ, ଏବେ ନିର୍ବାଚନ ଆଚରଣବିଧି ଲାଗୁ ହୋଇଛି। ସେଥିପାଇଁ ସମସ୍ତ ଉନ୍ନୟନମୂଳକ କାର୍ଯ୍ୟ ବନ୍ଦ ରହିଛି। ନିର୍ବାଚନ କଟକଣା ଉଠିବା ପରେ ଥଇଥାନ ପ୍ରକ୍ରିୟା ଆରମ୍ଭ କରାଯିବ ବୋଲି ସେ କହିଛନ୍ତି।

# ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା




ଶିକ୍ଷକ ଦୈତାରୀ ନାୟକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଉଛି।

**ଅସ୍ତରଙ୍ଗ,୮।୪(ମମତା ଜେନା):**

ଅସ୍ତରଙ୍ଗ ବ୍ଲକ ଅଧୀନ ପଢ଼ିଆରୀ ନୋଡାଲ ବିଦ୍ୟାପୀଠ, ଏଡବାଂଶର ଖେଳ ଶିକ୍ଷକ ଦୈତାରୀ ନାୟକଙ୍କୁ ବିଦ୍ୟାଳୟ ପକ୍ଷରୁ ଅବସରକାଳୀନ ସମ୍ବର୍ଦ୍ଧନା ସୋମବାର ପ୍ରଦାନ କରାଯାଇଛି। ପ୍ରଧାନଶିକ୍ଷକ ସୁଧୀର ଚନ୍ଦ୍ର ପ୍ରଧାନ ଏଥିରେ ଅଧକ୍ଷତା କରିଥିଲେ। ଉତ୍ସବରେ ସ୍କୁଲ ପରିଚାଳନା କମିଟି ସଭାପତି ବିଭୁପ୍ରସାଦ ସେନାପତି, ସହକାରୀ ଶିକ୍ଷକ ଅଜୟ ଜେନା, ଯାଜନିକା ଗୁରୁ, ସୁଶୀଲ ସାଣ୍ଟା, ପ୍ରମୋଦ ପରିଡ଼ା, ଅଜୟ ବେହେରା, ଅଜୟ ବାରିକ ପ୍ରମୁଖ ଯୋଗଦେଇଥିଲେ। ୪୦ ବର୍ଷର ଶିକ୍ଷକତା ଜୀବନ ମଧରେ ଅନେକ ଛାତ୍ରୀଛାତ୍ରଙ୍କୁ ଗଢ଼ି ତୋଳିବାରେ ନାୟକ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ଅତିଥିମାନେ ମତବ୍ୟକ୍ତ କରିଥିଲେ। ପରେ ନାୟକଙ୍କୁ ଏକ ବିରାଟ ଶୋଭାଯାତ୍ରାରେ ଶିକ୍ଷକମାନେ ନେଇ ତାଙ୍କ ବାସଭବନରେ ଛାଡ଼ିଥିଲେ।

# ଧାନ ଫସଲରେ କାଣ୍ଡବିନ୍ଧା, ପତ୍ରଶଢ଼ା ରୋଗ

**ନିରାକାରପୁର,୮।୪ (ମାନସ ଚନ୍ଦ୍ର ପଟ୍ଟନାୟକ):**

ଖୋର୍ଦ୍ଧା ଜିଲା ଓରବରସିଂ ପଞ୍ଚାୟତରେ ପ୍ରତିବର୍ଷ ବନ୍ୟା ପରିସ୍ଥିତି ସୃଷ୍ଟି ହେଉଥିବାରୁ ଧାନ ଫସଲ କ୍ଷତିଗ୍ରସ୍ତ ହୋଇଥାଏ। ତେଣୁ ଏହି ଅଞ୍ଚଳର ଚାଷୀମାନେ ଖରାଦିନିଆ ଧାନ ଚାଷ ଉପରେ ନିର୍ଭର କରିଥାନ୍ତି। ଚଳିତବର୍ଷ ଉକ୍ତ ପଞ୍ଚାୟତର ଶତାଧିକ ଚାଷୀ ଶହେ ଏକରରୁ ଊର୍ଦ୍ଧ୍ୱ ଜମିରେ ଧାନ ଫସଲ କରିଛନ୍ତି। ହେଲେ ଜଳସେଚନ ବ୍ୟବସ୍ଥା ନ ଥିବା ସହ ପାଣି ଅଭାବରୁ ଧାନ କିଆରି ଏବେ ଅନାବନା ଘାସରେ ପରିପୂର୍ଣ୍ଣ ହୋଇରହିଛି। ତେବେ ପାଣି ଅଭାବରୁ ଧାନ ଗଛରେ ଏବେ କାଣ୍ଡବିନ୍ଧା ଓ ପତ୍ର ଶଢ଼ା ରୋଗ ଦେଖାଦେଇଛି। ଫସଲରେ ଏଭଳି ରୋଗ ଦେଖି ଚାଷୀଙ୍କୁ ଚିନ୍ତା ଘାରିଛି। ଧାନରେ ରୋଗପୋକ ସମସ୍ୟା ଲାଗି ରହିଥିଲେ ମଧ ସମସ୍ୟା ସମାଧାନ ପାଇଁ କୃଷି ବିଭାଗ ପକ୍ଷରୁ କ୍ଷେତ୍ର ପ୍ରଦର୍ଶନ କରାଯାଉନାହିଁ। ଏନେଇ କୃଷି ବିଭାଗକୁ ବାରମ୍ବାର ଅବଗତ କରାଯାଇଥିଲେ ମଧ କେହି ଏଥିପ୍ରତି କର୍ଣ୍ଣପାତ କରୁନାହାନ୍ତି ବୋଲି ଚାଷୀ ଗୌତମ ପ୍ରଧାନ ପ୍ରକାଶ କରିଛନ୍ତି। ସମସ୍ୟା ନେଇ ଦାୟିତ୍ୱରେ ଥିବା ଗ୍ରାମସେବକଙ୍କୁ ବାରମ୍ବାର ଯୋଗାଯୋଗ କରାଯାଇଥିଲେ ମଧ ସେ ଫୋନ ଉଠାଉନାହାନ୍ତି। ଏଥିସହ ଗ୍ରାମସେବକ କ୍ଷେତ୍ର ପରିଦର୍ଶନ ପାଇଁ ଆସୁନାହାନ୍ତି ବୋଲି କେତେଜଣ ଚାଷୀ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ଜିଲା କୃଷି ଅଧିକାରୀ ପ୍ରଦୀପ୍ତ ପଣ୍ଡା କହିଛନ୍ତି, ମଙ୍ଗଳବାର ଗ୍ରାମସେବକଙ୍କୁ ଉକ୍ତ ଅଞ୍ଚଳ ପରିଦର୍ଶନ ପାଇଁ ପଠାଯିବ। କ'ଣ ହୋଇଛି ତାହା ତଦନ୍ତ କରାଯିବା ପରେ ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି।

# ୨୪ ଘଣ୍ଟା ପରେ ବି ପୋଲିସ ହାତ ଖାଲି

## ଡାକ୍ତରଙ୍କ ଘରୁ ଡକାୟତି ଘଟଣା

**ବଳଙ୍ଗା, ୮।୪(କେଦାରେଶ୍ୱର ନନ୍ଦ):**

ପୁରୀ ଜିଲା ବଳଙ୍ଗା ଥାନା ସରସ୍ୱତୀପୁର ପଞ୍ଚାୟତ ଅନ୍ତର୍ଗତ ଦକ୍ଷିଣସାହି ଗ୍ରାମ ଚକିସାହିର ହୋମିଓପାଥିକ୍ ଡାକ୍ତର ରବୀନ୍ଦ୍ର ମହାପାତ୍ରଙ୍କ ଘରୁ ଡକାୟତି ଘଟଣାକୁ ଇତିମଧ୍ୟରେ ୨୪ ଘଣ୍ଟା ବିତିସାରିଲାଣି। ହେଲେ ପୋଲିସ ଏପର୍ଯ୍ୟନ୍ତ ଦୁର୍ବୃତ୍ତଙ୍କୁ ଗିରଫ କରିପାରିନାହିଁ। ଫଳରେ ପୋଲିସର କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଅନ୍ୟପକ୍ଷରେ ଏ ନେଇ ବଳଙ୍ଗା ଥାନା ଅଧିକାରୀ ଦିବ୍ୟରଞ୍ଜନ ପଣ୍ଡା କହିଛନ୍ତି, ପୋଲିସ ପକ୍ଷରୁ ଏକ ଟିମ୍ ଗଠନ କରାଯାଇ ଘଟଣାର ତଦନ୍ତ ଜାରି ରହିଛି। ଖୁବଶୀଘ୍ର ଅଭିଯୁକ୍ତମାନଙ୍କୁ ଗିରଫ କରାଯିବ।

ସୂଚନାଯୋଗ୍ୟ, ଶନିବାର ରାତିରେ ରବୀନ୍ଦ୍ରଙ୍କ ପରିବାରବର୍ଗ ଖାଇସାରି ଶୋଇଥିଲେ। ବିଳମ୍ବିତ ରାତିରେ ୪/୫ ଜଣ ଦୁର୍ବୃତ୍ତ ମୁହଁରେ କଳାକପଡ଼ା ବାନ୍ଧି ଘରର ମୁଖ୍ୟ ଫାଟକ କାଟି ଓ ଝରକା ତାଡ଼ି ଘର ଭିତରକୁ ପଶିଥିଲେ। ଏହି ସମୟରେ ଶବ୍ଦ ଶୁଣି ରବୀନ୍ଦ୍ରଙ୍କ ବଡ଼ ପୁଅ ଜଗଦୀଶ ଉଠିପଡ଼ିବାରୁ ଦୁର୍ବୃତ୍ତମାନେ ତାଙ୍କୁ ଧାରୁଆ ଅସ୍ତ୍ରରେ ହାଣିବା ପରେ ତାଙ୍କ ସ୍ତ୍ରୀ କଳ୍ପନାଙ୍କ ହାତକୁ ଚୋଟ ପକାଇଥିଲେ। ଏହାପରେ ରବୀନ୍ଦ୍ରଙ୍କୁ ଆକ୍ରମଣ କରିବା ସହ ସ୍ତ୍ରୀ ନିରୁପମାଙ୍କ ସମେତ ସମସ୍ତଙ୍କୁ ବାନ୍ଧି ଦେଇଥିଲେ। ସମସ୍ତଙ୍କୁ ହାଣିଦେବାର ଭୟ ଦେଖାଇ ଆଲମାରି ଚାବି ମାଗିଥିଲେ। ଚାବି ପାଇବା ପରେ ଆଲମାରିରୁ ସୁନା ଓ ରୁପା ଅଳଙ୍କାର ଲୁଟିନେଇ ଫେରାର ହୋଇଯାଇଥିଲେ। ଦୁର୍ବୃତ୍ତମାନେ ନଗଦ ୧୫ ହଜାର ଟଙ୍କା ସମେତ ୧୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ସୁନା, ରୁପା ଅଳଙ୍କାର ଲୁଟିନେଇଥିଲେ। ଡକାୟତଙ୍କ ଆକ୍ରମଣରେ ରବୀନ୍ଦ୍ରଙ୍କ ସମେତ ପରିବାରର ୪ଜଣ ସଦସ୍ୟ ଗୁରୁତର ଆହତ ହୋଇଥିଲେ। ସେମାନେ ଏବେ ଭୁବନେଶ୍ୱରସ୍ଥିତ କ୍ୟାପିଟାଲ ହସ୍ପିଟାଲରେ ଚିକିତ୍ସାଧୀନ ଅଛନ୍ତି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ସହ ଏନେଇ ଏକ ମାମଲା (ନଂ. ୯୭/୨୪) ରୁଜୁ କରିଥିଲା। ଅନ୍ୟପକ୍ଷରେ ପୋଲିସ ପକ୍ଷରୁ ରାତ୍ର ପାଟ୍ରୋଲିଂ କରାଯିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି, ନଚେତ ଆନ୍ଦୋଳନ ହେବ ବୋଲି ଚେତାବନୀ ଦେଇଛନ୍ତି।



ଘଟଣାସ୍ଥଳରେ ପୋଲିସ ତଦନ୍ତ କରୁଛି ।

# ସରପାରିରେ ପ୍ରାଚୀନ ଶିଳାଲେଖର ପାଠୋଦ୍ଧାର

**ଖୋର୍ଦ୍ଧା,୮।୪(ପ୍ରଭାତ ପାଣିଗ୍ରାହୀ)**

ଖୋର୍ଦ୍ଧା ଜିଲା ଟାଙ୍ଗୀ ବ୍ଲକ ଅନ୍ତର୍ଗତ ସରପାରି ଗ୍ରାମ ପଞ୍ଚମହାଦେବ ମନ୍ଦିରର ପ୍ରାଚୀନ ଶିଳାଲେଖର ପାଠୋଦ୍ଧାର କରିଛନ୍ତି କଳିଙ୍ଗ ଏପିଗ୍ରାଫିକାଲ ରିସର୍ଚ୍ଚ ଗ୍ରୁପ(କେଇଆର୍‌ଜି)ର ସଦସ୍ୟମାନେ। ପ୍ରତ୍ନଓଡ଼ିଆ ଲିପି ଏବଂ ଓଡ଼ିଆ ଭାଷାରେ ଖୋଦିତ ଏହି ଅଭିଲେଖର ଉତ୍କୀର୍ଣ୍ଣ କାଳ ପ୍ରାୟ ୬୦୦ରୁ ୭୦୦ ବର୍ଷ ପୂର୍ବେ ହୋଇଥାଇପାରେ ବୋଲି କେଇଆର୍‌ଜି ପକ୍ଷରୁ କୁହାଯାଇଛି। ରଣପୁରର ଐତିହ୍ୟପ୍ରେମୀ ଦେବୀପ୍ରସାଦ ସାମନ୍ତରାୟ ପ୍ରଥମେ ଏହି ଶିଳାଲେଖ ସମ୍ବନ୍ଧରେ କେଇଆର୍‌ଜିକୁ ସୂଚନା ଦେଇଥିଲେ। ପରେ ଏହି ଗ୍ରୁପ୍‌ର ସଦସ୍ୟ ବିଷ୍ଣୁମୋହନ ଅଧିକାରୀ, ଦୀପକ କୁମାର ନାୟକ, ମିହିର ବାହିନୀପତି ଓ ବିକ୍ରମ ନାୟକ ମିଳିତଭାବେ ପ୍ରାଚୀନ ଅଭିଲେଖଟିର ପାଠୋଦ୍ଧାର କରିଛନ୍ତି।

କେଇଆର୍‌ଜି ସଦସ୍ୟ ଦୀପକ କୁମାର ନାୟକ କହିଛନ୍ତି, ସରପାରି ଗ୍ରାମର ପଞ୍ଚମହାଦେବଙ୍କ ମନ୍ଦିର ଜଗମୋହନ ପ୍ରବେଶ ଦ୍ୱାରର କାନ୍ଥରେ ୯ ଧାଡ଼ିଯୁକ୍ତ ଏହି ଶିଳାଲେଖ ରହିଛି। ଲିପିତତ୍ତ୍ୱ ଦୃଷ୍ଟିରୁ



ବିଚାରକଲେ ଏହା ପ୍ରାୟ ୧୩ଶ/୧୪ଶ ଶତାବ୍ଦୀରେ କଳିଙ୍ଗୋତ୍କଳରେ ବ୍ୟବହୃତ ପ୍ରତ୍ନଓଡ଼ିଆ ଲିପି କୁହାଯାଇପାରେ। ଏହି ଶିଳାଲେଖରେ ବ୍ୟବହୃତ ଲିପିର ସାମଞ୍ଜସ୍ୟ ଗଙ୍ଗବଂଶୀୟ ସମ୍ରାଟ ତୃତୀୟ ଭାନୁଦେବଙ୍କ ପ୍ରାଚୀନ କଳିଙ୍ଗସ୍ଥିତ ପଟାଙ୍ଗୀ (ବର୍ତ୍ତମାନ ଆନ୍ଧ୍ର ଶ୍ରୀକାକୁଲମ ଜିଲା) ପଟେଶ୍ୱର ମନ୍ଦିର ଶିଳାଲେଖ ସହ ରହିଛି। ମନ୍ଦିରଟିର ଗଠନଶୈଳୀ ଓ ପାର୍ଶ୍ୱ ଦେବଦେବୀଙ୍କ ମୂର୍ତ୍ତିର କାରୁକାର୍ଯ୍ୟକୁ ବିଚାରକୁ ନେଲେ ମନ୍ଦିରର ନିର୍ମାଣ ମଧ ଗଙ୍ଗରାଜୁତି ସମୟରେ ହୋଇଥାଇପାରେ ବୋଲି ନାୟକ ମତବ୍ୟକ୍ତ କରିଛନ୍ତି। ଅନ୍ୟତମ ସଦସ୍ୟ ବିଷ୍ଣୁମୋହନ ଅଧିକାରୀ କହିଛନ୍ତି, ଏହି ଶିଳାଲେଖଟିର ଅଧିକାଂଶ ଅଂଶ କ୍ଷୟ ହୋଇଯାଇଥିଲେ ମଧ ଆଂଶିକଭାବେ ଏହାକୁ ପଢିବାକୁ ସମର୍ଥ ହୋଇଛୁ। ଏଥିରୁ କୌଣସି ରାଜାଙ୍କ ଦ୍ୱାରା ଜଣେ ମାଳାକାର ସେବାୟତ (ମାଳି)ଙ୍କୁ ଏହି ମନ୍ଦିରରେ ଭୋଗଖଞ୍ଜା ପାଇଁ କିଛି ଦାନ ପ୍ରଦାନ କରାଯାଇଥିବା ଅନୁମେୟ। ଅଭିଲେଖରେ 'ଦାମୋଦର' ନାମକ ଜଣେ ବ୍ୟକ୍ତିଙ୍କ ନାମ ଉଲ୍ଲେଖ ହୋଇଛି। ହୁଏତ ସେ ଏହି ମନ୍ଦିରରେ ଆଦ୍ୟ ମାଳାକାର ସେବକ ଥିଲେ ଏବଂ ତାଙ୍କୁ ହିଁ ଏହି ଦାନ ପ୍ରଦତ୍ତ ହୋଇଥିଲା। ସଦସ୍ୟ ମିହିର ବାହିନୀପତି କହିଛନ୍ତି, ଏହି ଅଭିଲେଖରୁ ମଧ୍ୟଯୁଗୀୟ ସମୟରେ ଓଡ଼ିଆ ଲିପି ଓ ଭାଷାର ରୂପରେଖ ତଥା ବ୍ୟବହାର ସମ୍ପର୍କରେ ଅନେକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ମିଳୁଛି। ଅଭିଲେଖରେ ପ୍ରଥମ ଧାଡ଼ିରେ ଏହି ସ୍ଥାନର ନାମ 'ସରପାଡି' ବୋଲି ଲେଖାଯାଇଛି। ଏହା କାଳକ୍ରମେ ଅପଭ୍ରଂଶ ହୋଇ ଆଜିର ନାମ 'ସରପାରି'କୁ ପରିବର୍ତ୍ତିତ ହୋଇଥାଇପାରେ। ଶିଳାଲେଖର ପଞ୍ଚମ ଧାଡ଼ିରୁ ଏଠାରେ ଉପାସିତ ଦେବତାଙ୍କ ନାମ 'ସରେଶ୍ୱର ଦେବ' ବୋଲି ଜଣାପଡୁଛି। ଓଡ଼ିଶାର ଇତିହାସ ଓ ଅଭିଲେଖ ଗବେଷଣା ଦିଗରେ ସରପାରି ଶିଳାଲେଖ ଯଥେଷ୍ଟ ଗୁରୁତ୍ୱ ବହନ କରୁଛି। ବର୍ତ୍ତମାନ ମନ୍ଦିରର ମରାମତି କାର୍ଯ୍ୟ ଚାଲୁଥିବାରୁ, ଏହି ସମୟରେ ପ୍ରାଚୀନ ଶିଳାଲିପିଟି ଯେପରି ଆଉ କ୍ଷୟପ୍ରାପ୍ତ ନ ହୁଏ ସେ ଦିଗରେ ଯତ୍ନଶୀଳ ହେବା ପାଇଁ ବାହିନୀପତି ମତବ୍ୟକ୍ତ କରିଛନ୍ତି।

## ସଂକ୍ଷେପରେ

### ଉଠ ଓଡ଼ିଆ ପକ୍ଷରୁ ୧୦ରୁ ସଂକଳ୍ପ ଯାତ୍ରା

**ଭୁବନେଶ୍ୱର, ୮।୪ (ବନ୍ଦନା ସେଠୀ):** ଓଡ଼ିଆ ଅସ୍ମିତାକୁ ପୁନଃ ପ୍ରତିଷ୍ଠା କରି ଏକ ସ୍ୱାବଲମ୍ବୀ ଓ ସମୃଦ୍ଧ ଓଡ଼ିଶା ଗଢି ତୋଳିବା ପାଇଁ ରାଜ୍ୟବାସୀଙ୍କୁ ଜାଗ୍ରତ କରିବା ଲକ୍ଷ୍ୟ ନେଇ 'ଉଠ ଓଡ଼ିଆ' ସଙ୍ଗଠନ ପକ୍ଷରୁ ୫ଦିନିଆ ସଂକଳ୍ପ ଯାତ୍ରା ଆରମ୍ଭ ହେବ। ଆସନ୍ତା ୧୦ ତାରିଖରୁ ପୁରୀ ଶ୍ରୀମନ୍ଦିର ନିକଟରୁ ଏହି ଯାତ୍ରା ବାହାରି ବୀରହରେକୃଷ୍ଣପୁର, ସୁଆଣ୍ଡୋ, ସତ୍ୟବାଦୀ, ଧଉଳି ଦେଇ ୧୪ରେ ଭୁବନେଶ୍ୱରରେ ପହଞ୍ଚି ଯାତ୍ରାର ସମାପନ ହେବ। ସଙ୍ଗଠନର ଶତାଧିକ ସଦସ୍ୟ ଏହି ଯାତ୍ରାରେ ଯୋଗଦେଇ ବିଭିନ୍ନ ଗାଁ ବୁଲି ଲୋକଙ୍କ ମଧ୍ୟରେ ଓଡିଆ ଅସ୍ମିତାର ବାର୍ତ୍ତା ପ୍ରଚାର କରିବେ ବୋଲି ସଂଗଠନ ପକ୍ଷରୁ ସୋମବାର ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ପ୍ରାକୃତିକ ଧନରାଜିରେ ଭରପୂର ଓଡ଼ିଶା ଆଉ ଅଳ୍ପ କେଇ ବର୍ଷପରେ ସ୍ୱତନ୍ତ୍ର ପ୍ରଦେଶ ଗଠନକୁ ୧୦୦ ବର୍ଷ ପାଳନ କରିବ। ମାତ୍ର ଏଠାରେ ରୁଗ୍ଣ ଶିକ୍ଷା, ସ୍ୱାସ୍ଥ୍ୟ ବ୍ୟବସ୍ଥା, ବେକାରୀ, ମଦ ବିଭୀଷିକା ଓ ଦାଦନ ସମସ୍ୟା ସାଧାରଣ ଓଡିଆଙ୍କୁ ଆନ୍ଦୋଳିତ କରୁଛି। ଏହି ପରିସ୍ଥିତିକୁ ନେଇ ବିଚଳିତ ଥିବା ତଥା ଏକ ବିକଶିତ ଓଡ଼ିଶାର ସ୍ୱପ୍ନ ଦେଖୁଥିବା ଓଡ଼ିଆ ପ୍ରାଣମାନଙ୍କୁ ସନ୍ଧାନ କରିବା ପାଇଁ ଉଠ ଓଡ଼ିଆ ତରଫରୁ ଶ୍ରୀକ୍ଷେତ୍ରରୁ ଏକାମ୍ର କ୍ଷେତ୍ରକୁ ଏହି ପଦଯାତ୍ରା ଆୟୋଜନ କରାଯାଉଥିବା ସଂଗଠନର ସଦସ୍ୟ କାହ୍ନୁଚରଣ ବେହୁରା କହିଥିଲେ। ଖବରଦାତା ସମ୍ମିଳନୀରେ ଦୁର୍ଗା ଚରଣ ଦାସ ଏବଂ ଅଶୋକ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

### ଲଦାଖ ବଞ୍ଚାଅ ଆନ୍ଦୋଳନକୁ ଲୋହିଆ ଏକାଡେମୀର ସମର୍ଥନ

**ଭୁବନେଶ୍ୱର, ୮।୪ (ବନ୍ଦନା ସେଠୀ):** ଗତ କିଛିମାସ ଧରି ଲଦାଖ ଏବଂ କାର୍ଗିଲର ଲୋକମାନେ ପୂର୍ଣ୍ଣ ରାଜ୍ୟ ଦାବି, ସମ୍ବିଧାନର ଷଷ୍ଠସୂଚୀ କାର୍ଯ୍ୟକାରୀ କରିବା, ଲଦାଖର ଜୈବ ବିବିଧତାର ସୁରକ୍ଷା ତଥା ଏକ ପୃଥକ ସେବା ଆୟୋଗ କାର୍ଯ୍ୟକାରୀ କରିବା ଦାବି ନେଇ ଶାନ୍ତିପୂର୍ଣ୍ଣ ଏବଂ ସାମ୍ବିଧାନିକ ଭାବରେ ଆନ୍ଦୋଳନ କରି ଆସୁଛନ୍ତି। ସାମାଜିକ କର୍ମୀ ତଥା ମାଗାସେସ୍ ପୁରସ୍କାରପ୍ରାପ୍ତ ସୋନମ୍ ୱାଙ୍ଗଚୁଙ୍କ ନେତୃତ୍ୱରେ ଏହି ଆନ୍ଦୋଳନ ଜାରି ରହିଛି। ନିକଟରେ ୱାଙ୍ଗଚୁଙ୍କ ସମେତ ଶହଶହ ସଂଖ୍ୟାରେ ଲଦାଖ ଜନତା ଉପବାସ ସତ୍ୟାଗ୍ରହ ଶେଷ କରିଥିବାବେଳେ ଏବେ ଲଦାଖର ମହିଳାଙ୍କ ନେତୃତ୍ୱରେ ସତ୍ୟାଗ୍ରହ ଚାଲିଛି। ତେବେ ଲଦାଖ ବଞ୍ଚାଅ ଆନ୍ଦୋଳନକୁ ଲୋହିଆ ଏକାଡେମୀ ଓ ଜନ ଆନ୍ଦୋଳନ ସଙ୍ଗଠନଗୁଡ଼ିକର ରାଷ୍ଟ୍ରୀୟ ସମନ୍ୱୟ ପକ୍ଷରୁ ସମର୍ଥନ କରାଯାଇଥିବା ସୂଚନା ଦିଆଯାଇଛି। ୱାଙ୍ଗଚୁଙ୍କ ସତ୍ୟାଗ୍ରହକୁ ସମର୍ଥନ କରି ଏକାଡେମୀର ଟ୍ରଷ୍ଟି ତଥା ପରିବେଶବିତ୍ ପ୍ରଫୁଲ୍ଲ ସାମନ୍ତରା ଲଦାଖ ଗସ୍ତ କରି ସତ୍ୟାଗ୍ରହସ୍ଥଳରେ ପହଞ୍ଚିଥିଲେ। ଏହି ଲଢେଇ କେବଳ ଲଦାଖର ଜନତାଙ୍କ ଲଢେଇ ନୁହେଁ, ବରଂ ଏହା ସମଗ୍ର ଦେଶବାସୀଙ୍କ ଲଢେଇ। ସରକାର ଦେଇଥିବା ପ୍ରତିଶ୍ରୁତିକୁ ତୁରନ୍ତ ପାଳନ କରନ୍ତୁ, ନଚେତ ଏକ ବୃହତ ଜନ ଆନ୍ଦୋଳନ ସମଗ୍ର ଦେଶରେ ମୁଣ୍ଡ ଟେକିବ ବୋଲି ସାମନ୍ତରା ଚେତାବନୀ ଦେଇଥିଲେ। ସୂଚନାଯୋଗ୍ୟ, ଏହି ଆନ୍ଦୋଳନରେ ସାମ୍ବିଧାନିକ ଅଧିକାର ଏବଂ ନିର୍ବାଚନ ସମୟରେ ଶାସନ ବ୍ୟବସ୍ଥାରେ ଥିବା ଦଳ ଦେଇଥିବା ପ୍ରତିଶ୍ରୁତି ପୂରଣ କରିବା ପାଇଁ ସ୍ଥାନୀୟ ଲୋକେ ଅହିଂସା ଉପାୟରେ ଶାନ୍ତିପୂର୍ଣ୍ଣ ଭାବେ ଉପବାସରେ ବସିଛନ୍ତି।

# ସରପାରିରେ ପ୍ରାଚୀନ ଶିଳାଲେଖର ପାଠୋଦ୍ଧାର

ଖୋର୍ଦ୍ଧା,୮।୪(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ଜିଲା ଟାଙ୍ଗୀ ବ୍ଲକ ଅନ୍ତର୍ଗତ ସରପାରି ଗ୍ରାମ ପଞ୍ଚମହାଦେବ ମନ୍ଦିରର ପ୍ରାଚୀନ ଶିଳାଲେଖର ପାଠୋଦ୍ଧାର କରିଛନ୍ତି କଳିଙ୍ଗ ଏପିଗ୍ରାଫିକାଲ ରିସର୍ଚ୍ଚ ଗ୍ରୁପ(କେଇଆର୍‌ଜି)ର ସଦସ୍ୟମାନେ। ପ୍ରତ୍ନଓଡ଼ିଆ ଲିପି ଏବଂ ଓଡ଼ିଆ ଭାଷାରେ ଖୋଦିତ ଏହି ଅଭିଲେଖର ଉତ୍କୀର୍ଣ୍ଣ କାଳ ପ୍ରାୟ ୬୦୦ରୁ ୭୦୦ ବର୍ଷ ପୂର୍ବେ ହୋଇଥାଇପାରେ ବୋଲି କେଇଆର୍‌ଜି ପକ୍ଷରୁ କୁହାଯାଇଛି। ରଣପୁରର ଐତିହ୍ୟପ୍ରେମୀ ଦେବୀପ୍ରସାଦ ସାମନ୍ତରାୟ ପ୍ରଥମେ ଏହି ଶିଳାଲେଖ ସମ୍ବନ୍ଧରେ କେଇଆର୍‌ଜିକୁ ସୂଚନା ଦେଇଥିଲେ। ପରେ ଏହି ଗ୍ରୁପ୍‌ର ସଦସ୍ୟ ବିଷ୍ଣୁମୋହନ ଅଧିକାରୀ, ଦୀପକ କୁମାର ନାୟକ, ମିହିର ବାହିନୀପତି ଓ ବିକ୍ରମ ନାୟକ ମିଳିତଭାବେ ପ୍ରାଚୀନ ଅଭିଲେଖଟିର ପାଠୋଦ୍ଧାର କରିଛନ୍ତି।

କେଇଆର୍‌ଜି ସଦସ୍ୟ ଦୀପକ କୁମାର ନାୟକ କହିଛନ୍ତି, ସରପାରି ଗ୍ରାମର ପଞ୍ଚମହାଦେବଙ୍କ ମନ୍ଦିର ଜଗମୋହନ ପ୍ରବେଶ ଦ୍ୱାରର କାନ୍ଥରେ ୯ ଧାଡ଼ିଯୁକ୍ତ ଏହି ଶିଳାଲେଖ ରହିଛି। ଲିପିତତ୍ତ୍ୱ ଦୃଷ୍ଟିରୁ ବିଚାରକଲେ ଏହା ପ୍ରାୟ ୧୩ଶ/୧୪ଶ ଶତାବ୍ଦୀରେ କଳିଙ୍ଗୋତ୍କଳରେ ବ୍ୟବହୃତ ପ୍ରତ୍ନଓଡ଼ିଆ ଲିପି କୁହାଯାଇପାରେ। ଏହି ଶିଳାଲେଖରେ ବ୍ୟବହୃତ ଲିପିର ସାମଞ୍ଜସ୍ୟ ଗଙ୍ଗବଂଶୀୟ ସମ୍ରାଟ ତୃତୀୟ ଭାନୁଦେବଙ୍କ ପ୍ରାଚୀନ କଳିଙ୍ଗସ୍ଥିତ ପଟାଙ୍ଗୀ (ବର୍ତ୍ତମାନ ଆନ୍ଧ୍ର ଶ୍ରୀକାକୁଲମ ଜିଲା) ପଟେଶ୍ୱର ମନ୍ଦିର ଶିଳାଲେଖ ସହ ରହିଛି। ମନ୍ଦିରଟିର ଗଠନଶୈଳୀ ଓ ପାର୍ଶ୍ୱ ଦେବଦେବୀଙ୍କ ମୂର୍ତ୍ତିର କାରୁକାର୍ଯ୍ୟକୁ ବିଚାରକୁ ନେଲେ ମନ୍ଦିରର ନିର୍ମାଣ ମଧ୍ୟ ଗଙ୍ଗରାଜୁତି ସମୟରେ ହୋଇଥାଇପାରେ ବୋଲି ନାୟକ ମତବ୍ୟକ୍ତ କରିଛନ୍ତି। ଅନ୍ୟତମ ସଦସ୍ୟ ବିଷ୍ଣୁମୋହନ ଅଧିକାରୀ କହିଛନ୍ତି, ଏହି ଶିଳାଲେଖଟିର ଅଧିକାଂଶ ଅଂଶ କ୍ଷୟ ହୋଇଯାଇଥିଲେ ମଧ୍ୟ ଆଂଶିକଭାବେ ଏହାକୁ ପଢିବାକୁ ସମର୍ଥ ହୋଇଛୁ। ଏଥିରୁ କୌଣସି ରାଜାଙ୍କ ଦ୍ୱାରା ଜଣେ ମାଳାକାର ସେବାୟତ (ମାଳି)ଙ୍କୁ ଏହି ମନ୍ଦିରରେ ଭୋଗଖଞ୍ଜା ପାଇଁ କିଛି ଦାନ ପ୍ରଦାନ କରାଯାଇଥିବା ଅନୁମେୟ। ଅଭିଲେଖରେ 'ଦାମୋଦର' ନାମକ ଜଣେ ବ୍ୟକ୍ତିଙ୍କ ନାମ ଉଲ୍ଲେଖ ହୋଇଛି। ହୁଏତ ସେ ଏହି ମନ୍ଦିରରେ ଆଦ୍ୟ ମାଳାକାର ସେବକ ଥିଲେ ଏବଂ ତାଙ୍କୁ ହିଁ ଏହି ଦାନ ପ୍ରଦତ୍ତ ହୋଇଥିଲା। ସଦସ୍ୟ ମିହିର ବାହିନୀପତି କହିଛନ୍ତି, ଏହି ଅଭିଲେଖରୁ ମଧ୍ୟଯୁଗୀୟ ସମୟରେ ଓଡ଼ିଆ ଲିପି ଓ ଭାଷାର ରୂପରେଖ ତଥା ବ୍ୟବହାର ସମ୍ପର୍କରେ ଅନେକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ମିଳୁଛି। ଅଭିଲେଖରେ ପ୍ରଥମ ଧାଡ଼ିରେ ଏହି ସ୍ଥାନର ନାମ 'ସରପାଡି' ବୋଲି ଲେଖାଯାଇଛି। ଏହା କାଳକ୍ରମେ ଅପଭ୍ରଂଶ ହୋଇ ଆଜିର ନାମ 'ସରପାରି'କୁ ପରିବର୍ତ୍ତିତ ହୋଇଥାଇପାରେ। ଶିଳାଲେଖର ପଞ୍ଚମ ଧାଡ଼ିରୁ ଏଠାରେ ଉପାସିତ ଦେବତାଙ୍କ ନାମ 'ସରେଶ୍ୱର ଦେବ' ବୋଲି ଜଣାପଡୁଛି। ଓଡ଼ିଶାର ଇତିହାସ ଓ ଅଭିଲେଖ ଗବେଷଣା ଦିଗରେ ସରପାରି ଶିଳାଲେଖ ଯଥେଷ୍ଟ ଗୁରୁତ୍ୱ ବହନ କରୁଛି। ବର୍ତ୍ତମାନ ମନ୍ଦିରର ମରାମତି କାର୍ଯ୍ୟ ଚାଲୁଥିବାରୁ, ଏହି ସମୟରେ ପ୍ରାଚୀନ ଶିଳାଲିପିଟି ଯେପରି ଆଉ କ୍ଷୟପ୍ରାପ୍ତ ନ ହୁଏ ସେ ଦିଗରେ ଯତ୍ନଶୀଳ ହେବା ପାଇଁ ବାହିନୀପତି ମତବ୍ୟକ୍ତ କରିଛନ୍ତି।





ଶ୍ରୀବାଲୁଙ୍କେଶ୍ୱର ଦେବ ମେଳଣ କମିଟି ଆନୁକୂଲ୍ୟରେ ଶରଧାପୁର ମେଳଣ ପଡ଼ିଆରେ ଅନୁଷ୍ଠିତ ଚଉଦ ଦୋଳ ମେଳଣ ଉତ୍ସବରେ ଥାନପତି ବାଲୁଙ୍କେଶ୍ୱରଙ୍କ ସମେତ ୧୫ ଗ୍ରାମର ଠାକୁର ବିଜେ କରିଛନ୍ତି।

# ଧାନ ଫସଲରେ କାଣ୍ଡବିନ୍ଧା, ପତ୍ରଶଢ଼ା ରୋଗ



ନିରାକାରପୁର,୮।୪(ମାନସ ଚନ୍ଦ୍ର ପଟ୍ଟନାୟକ)

**ଚିନ୍ତାରେ ଚାଷୀ, କୃଷି ବିଭାଗ ନୀରବ**

ଖୋର୍ଦ୍ଧା ଜିଲା ଓରବରସିଂ ପଞ୍ଚାୟତରେ ପ୍ରତିବର୍ଷ ବନ୍ୟା ପରିସ୍ଥିତି ସୃଷ୍ଟି ହେଉଥିବାରୁ ଧାନ ଫସଲ କ୍ଷତିଗ୍ରସ୍ତ ହୋଇଥାଏ। ତେଣୁ ଏହି ଅଞ୍ଚଳର ଚାଷୀମାନେ ଖରାଦିନିଆ ଧାନ ଚାଷ ଉପରେ ନିର୍ଭର କରିଥାନ୍ତି। ଚଳିତବର୍ଷ ଉକ୍ତ ପଞ୍ଚାୟତର ଶତାଧିକ ଚାଷୀ ଶହେ ଏକରରୁ ଊର୍ଦ୍ଧ୍ୱ ଜମିରେ ଧାନ ଫସଲ କରିଛନ୍ତି। ହେଲେ ଜଳସେଚନ ବ୍ୟବସ୍ଥା ନ ଥିବା ସହ ପାଣି ଅଭାବରୁ ଧାନ କିଆରି ଏବେ ଅନାବନା ଘାସରେ ପରିପୂର୍ଣ୍ଣ ହୋଇରହିଛି। ତେବେ ପାଣି ଅଭାବରୁ ଧାନ ଗଛରେ ଏବେ କାଣ୍ଡବିନ୍ଧା ଓ ପତ୍ର ଶଢା ରୋଗ ଦେଖାଦେଇଛି। ଫସଲରେ ଏଭଳି ରୋଗ ଦେଖି ଚାଷୀଙ୍କୁ ଚିନ୍ତା ଘାରିଛି। ଧାନରେ ରୋଗପୋକ ସମସ୍ୟା ଲାଗି ରହିଥିଲେ ମଧ୍ୟ ସମସ୍ୟା ସମାଧାନ ପାଇଁ କୃଷି ବିଭାଗ ପକ୍ଷରୁ କ୍ଷେତ୍ର ପ୍ରଦର୍ଶନ କରାଯାଉନାହିଁ। ଏନେଇ କୃଷି ବିଭାଗକୁ ବାରମ୍ବାର ଅବଗତ କରାଯାଇଥିଲେ ମଧ୍ୟ କେହି ଏଥିପ୍ରତି କର୍ଣ୍ଣପାତ କରୁନାହାନ୍ତି ବୋଲି ଚାଷୀ ଗୌତମ ପ୍ରଧାନ ପ୍ରକାଶ କରିଛନ୍ତି। ସମସ୍ୟା ନେଇ ଦାୟିତ୍ୱରେ ଥିବା ଗ୍ରାମସେବକଙ୍କୁ ବାରମ୍ବାର ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ ଫୋନ ଉଠାଉନାହାନ୍ତି। ଏଥିସହ ଗ୍ରାମସେବକ କ୍ଷେତ୍ର ପରିଦର୍ଶନ ପାଇଁ ଆସୁନାହାନ୍ତି ବୋଲି କେତେଜଣ ଚାଷୀ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ଜିଲା କୃଷି ଅଧିକାରୀ ପ୍ରଦୀପ୍ତ ପଣ୍ଡା କହିଛନ୍ତି, ମଙ୍ଗଳବାର ଗ୍ରାମସେବକଙ୍କୁ ଉକ୍ତ ଅଞ୍ଚଳ ପରିଦର୍ଶନ ପାଇଁ ପଠାଯିବ। କ'ଣ ହୋଇଛି ତାହା ତଦନ୍ତ କରାଯିବା ପରେ ପଦକ୍ଷପ ନିଆଯିବ ବୋଲି ସେ କହିଛନ୍ତି।

# ବେସାହାରା ପରିବାରକୁ ସହାୟତା ଦାବି

ବୋଲଗଡ଼,୮।୪(ଦେବବ୍ରତ ହୋତା)

**ଅକାଳରେ ଚାଲିଗଲା ଦରଜିଙ୍କ ଜୀବନ**

ବାଲଗଡ଼ ବ୍ଲକ ଗୋପାଳପୁର ପଞ୍ଚାୟତ ତାଲତୁମ୍ବ ଗ୍ରାମର ବୁଧିବାମନ ବେହେରାଙ୍କ ପରଲୋକ ହୋଇଯାଇଛି। ତାଙ୍କୁ ୪୫ବର୍ଷ ବୟସ ହୋଇଥିଲା। ତାଙ୍କର ଅକାଳ ବିୟୋଗରେ ଗ୍ରାମରେ ଶୋକର ଛାୟା ଖେଳିଯାଇଛି। ତେବେ ବୁଧିବାମନଙ୍କ ସ୍ତ୍ରୀ ପ୍ରମୋଦିନୀ ବେହେରା, ୯ବର୍ଷର ପୁଅ ସାଇପ୍ରକାଶ ଏବଂ ୪ବର୍ଷର ଝିଅ ଶ୍ରଦ୍ଧାଞ୍ଜଳି କିପରି ଚଳିବେ ଏବଂ ଭବିଷ୍ୟତ କ'ଣ ହେବ ସେହି ଚିନ୍ତାରେ ବନ୍ଧୁ ଓ ପରିବାରବର୍ଗ। ସୂଚନାଥାଉ କି, ବୁଧିବାମନ ଜଣେ ସରଳ ବ୍ୟକ୍ତିଭାବେ ପରିଚିତ ଥିବା ବେଳେ ଦରଜି ଭାବେ କାର୍ଯ୍ୟ କରୁଥିଲେ। ତାଙ୍କ କାମ ଦ୍ୱାରା ସେ ବହୁ ଲୋକଙ୍କ ସଂସ୍ପର୍ଶରେ ଆସିବା ସହ ଲୋକପ୍ରିୟ ଟେଲର ଭାବେ ଖ୍ୟାତି ଅର୍ଜନ କରିଥିଲେ। ଏଠାରୁ ଯାହା ରୋଜଗାର ହେଉଥିଲା ସେଥିରେ ପରିବାର ଚଳାଉଥିଲେ। ଏବେ ତାଙ୍କ ମୃତ୍ୟୁ ପରେ ପରିବାର କିପରି ଚଳିବ ଏବଂ ପିଲାମାନଙ୍କ ପାଠପଢ଼ା ପାଇଁ ବ୍ୟବସ୍ଥା ସହ ସହାୟତା ଯୋଗାଇଦେବାକୁ ସ୍ଥାନୀୟ ଗ୍ରାମବାସୀ ସରକାରଙ୍କୁ ନିବେଦନ କରିଛନ୍ତି।

# ଆମ ସଂସ୍କୃତି ଆମ ଖେଳଣା କର୍ମଶାଳା

ଖୋର୍ଦ୍ଧା,୮।୪(ପ୍ରଭାତ ପାଣିଗ୍ରାହୀ)

କାଇପଦର ସରକାରୀ ଉ.ପ୍ରା. ବିଦ୍ୟାଳୟରେ କ୍ଲଷ୍ଟରସ୍ତରୀୟ ଆଞ୍ଚଳିକ ସାଧନକେନ୍ଦ୍ର ସ୍ତରୀୟ ଦୁଇଦିନିଆ ଖେଳଣା ପ୍ରସ୍ତୁତି କର୍ମଶାଳା 'ଆମ ସଂସ୍କୃତି ଆମ ଖେଳଣା-୨୦୨୪' ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସାଧନ ସଂଯୋଜିକା ବାଗେଶ୍ରୀ ମହାପାତ୍ର ସଭାପତିତ୍ୱ କରିଥିଲେ। ଶିକ୍ଷାବିତ୍ ରଜନୀକାନ୍ତ ରାଉତରାୟ ମୁଖ୍ୟ ଅତିଥି ଏବଂ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଆନନ୍ଦ ଭାରିମଲ, ଗୋପୀନାଥ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ତିଳୋତ୍ତମା ବାରିକ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଉକ୍ତ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ତ୍ରିଲୋଚନ ବେହେରା ସଂଯୋଜନା କରିଥିଲେ। ଏଭଳି କର୍ମଶାଳା ଦ୍ୱାରା ବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କ ଶୈକ୍ଷିକ ଦକ୍ଷତା ବିକାଶ କରିବାରେ ସହାୟକ ହେବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଏହା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ କହିଥିଲେ। ଏହି କାର୍ଯ୍ୟକ୍ରମରେ ୭ ବିଦ୍ୟାଳୟର ୩୦ଜଣ ଶିକ୍ଷକ ଯୋଗଦେବା ସହିତ ସଫଳ ଶିକ୍ଷକଭାବେ କଳା ଶିକ୍ଷକ ଭାଗୀରଥି ମହାରଣା, ଜଗନ୍ନାଥ ମାଝି ଯୋଗଦେଇ ଶିକ୍ଷକମାନଙ୍କୁ ମାଟିରେ ବିଭିନ୍ନ ମୂର୍ତ୍ତି ତିଆରି କଳା କୌଶଳ ଶିଖାଇବା ସହିତ କଣ୍ଢେଇ ତିଆରି, କଳା ଓ ହସ୍ତଶିଳ୍ପ ବିଷୟରେ ଶିକ୍ଷା ଦେଇଥିଲେ।



ଆମ ସଂସ୍କୃତି ଆମ ଖେଳଣା କର୍ମଶାଳାରେ ପ୍ରଶିକ୍ଷଣ ନେଇଥିବା ଶିକ୍ଷୟିତ୍ରୀଶିକ୍ଷକ।

### ବିଷୁବ ମିଳନ ପ୍ରସ୍ତୁତି ବୈଠକ

**ଖୋର୍ଦ୍ଧା,୮।୪ (ପ୍ରଭାତ ପାଣିଗ୍ରାହୀ):** ଖୋର୍ଦ୍ଧା ଜିଲା ସାହିତ୍ୟ ସମାଜ ଆନୁକୂଲ୍ୟରେ ଖୋର୍ଦ୍ଧା ବିଷୁବ ମିଳନ ନିମନ୍ତେ ଦ୍ୱିତୀୟ ପ୍ରସ୍ତୁତି ବୈଠକ ସ୍ଥାନୀୟ ମଧୁସୂଦନ ନଗର ସ୍ଥିତ ମଙ୍ଗଳା ମନ୍ଦିରଠାରେ ସଭାପତି ଡ.ସୁରେଶ ଛୋଟରାୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ୧୪ତାରିଖ ରବିବାର ପବିତ୍ର ଓଡ଼ିଆ ନବବର୍ଷ ଓ ମହାବିଷୁବ ସଂକ୍ରାନ୍ତି ଉତ୍ସବକୁ ମହାସମାରୋହରେ ପାଳନ ପାଇଁ ବୈଠକରେ ଆଲୋଚନା କରାଯାଇଛି। ଉକ୍ତ କାର୍ଯ୍ୟକ୍ରମରେ କବିତା ପାଠୋତ୍ସବ, ପୁସ୍ତକ ଉନ୍ମୋଚନ, ସାରସ୍ୱତ ବୈଠକ ଓ ପ୍ରତିଭା ସମ୍ବର୍ଦ୍ଧନା ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଚଳିତ ବର୍ଷର ସମ୍ମାନଜନକ ଖୋର୍ଦ୍ଧା ବିଷୁବ ସମ୍ମାନ-୨୦୨୪ ବରିଷ୍ଠ କଥାଶିଳ୍ପୀ ତଥା ଅଧ୍ୟାପିକା ମହାଶ୍ୱେତା ସାହୁ ଏବଂ କବି ଯମେଶ୍ୱର କହଲସିଂହ ସାରସ୍ୱତ ସମ୍ମାନ ବରିଷ୍ଠ କବି ପୂର୍ଣ୍ଣ ଦାସଙ୍କୁ ପ୍ରଦାନ କରାଯିବା ପାଇଁ ନିଷ୍ପତ୍ତି ହୋଇଛି। ଉକ୍ତ ବୈଠକରେ ଅନୁଷ୍ଠାନର ସମ୍ପାଦକ ଜ୍ଞାନରଞ୍ଜନ ଦାଶ, ସମରଜିତ୍ ପଟ୍ଟନାୟକ, ଗୋବିନ୍ଦ ଚନ୍ଦ୍ର ମହାରଣା, ନିଶିକାନ୍ତ କହଲସିଂହ, ତ୍ରିଲୋଚନ ଦାସ, ନାରାୟଣ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# ପଥଚାରୀଙ୍କ ପାଇଁ ବିପଦ ସାଜିଛି ଅନ୍ଧାରିଆ ରାସ୍ତା

ବୋଲଗଡ଼,୮।୪(ଦେବବ୍ରତ ହୋତା)

ବୋଲଗଡ଼ ବ୍ଲକ ସଦର ମହକୁମାର ଗୋପବନ୍ଧୁ ଛକଠାରୁ ବନ୍ଧଛକ ପର୍ଯ୍ୟନ୍ତ ରାସ୍ତାଟି ସ୍ଥାନୀୟ ବାସିନ୍ଦାଙ୍କ ପାଇଁ ଜୀବନରେଖା ଭାବେ ପରିଚିତ। ଏହି ରାସ୍ତା ମଧ୍ୟରେ ୫ଟି ପ୍ରମୁଖ ବଜାର ଅଞ୍ଚଳ ତହସିଲ ଛକ ବଜାର, ଥାନା ଛକ ବଜାର, ମେଡିକାଲ ଛକ ବଜାର, ଗାନ୍ଧୀ ବଜାର ଓ ଗଣେଶ ବଜାର ଆଦି ରହିଥିବା ବେଳେ ବିଳମ୍ବିତ ରାତି ପର୍ଯ୍ୟନ୍ତ ଲୋକେ ଯାତାୟାତ କରିଥାନ୍ତି। ଏଥିସହ ବୋଲଗଡ଼ ବସଷ୍ଟାଣ୍ଡରୁ ଏକ ସଙ୍କୀର୍ଣ୍ଣ ରାସ୍ତା ଏଥିରେ ମିଶିଥିବା ବେଳେ ଉକ୍ତ ରାସ୍ତାରୁ ବାହାରିଥିବା ଗ୍ରାମ୍ୟ ଉନ୍ନୟନ ରାସ୍ତା ଉପରେ ବ୍ଲକର ତିନୋଟି ପଞ୍ଚାୟତର ଅନେକ ଗ୍ରାମବାସୀ ନିର୍ଭରଶୀଳ। ତେବେ ବୋଲଗଡ଼ ଟାଉନକୁ ପ୍ରବେଶଦ୍ୱାର ଭାବେ ଏହି ପ୍ରମୁଖ ରାସ୍ତାର ଥାନା ଛକଠାରୁ ତହସିଲ ଛକ ପର୍ଯ୍ୟନ୍ତ ପ୍ରାୟ ୩୦୦ ମିଟର ଏବଂ ଗ୍ରାମ୍ୟ ଉନ୍ନୟନ ରାସ୍ତାର ପଦ୍ମପୁର ପର୍ଯ୍ୟନ୍ତ ପ୍ରାୟ ୨୦୦ ମିଟର ରାସ୍ତା ସନ୍ଧ୍ୟା ପରେ ଅନ୍ଧାର ହୋଇଯାଉଛି। ସରକାର ରାସ୍ତା ଆଲୋକୀକରଣ ପାଇଁ ପର୍ଯ୍ୟାପ୍ତ ଅର୍ଥ ଖର୍ଚ୍ଚ କରୁଥିଲେ ମଧ୍ୟ ଉକ୍ତ ରାସ୍ତାରେ ଷ୍ଟ୍ରିଟଲାଇଟ ବ୍ୟବସ୍ଥା କରାଯାଇନାହିଁ। ରାସ୍ତାର ଉଭୟ ପାର୍ଶ୍ୱରେ ଆମ୍ବ ବଗିଚା ଓ ଲଟାବୁଦା ଥିବା ବେଳେ ରାସ୍ତାରେ ସରୀସୃପମାନଙ୍କ ଅବାଧ ଚଳପ୍ରଚଳ ପଥଚାରୀଙ୍କ ଜୀବନ ପ୍ରତି ବିପଦ ସାଜିଛି। ଅସାମାଜିକ କାର୍ଯ୍ୟକଳାପ ପାଇଁ ମଧ୍ୟ ଉନ୍ମୁକ୍ତ କ୍ଷେତ୍ର ପାଲଟିଛି। ସନ୍ଧ୍ୟା ପରେ ଏହି ରାସ୍ତାରେ ଲୋକମାନେ ଭୟଭୀତ ଅବସ୍ଥାରେ ଯାତାୟାତ କରୁଛନ୍ତି। ଏଥିପ୍ରତି ସ୍ଥାନୀୟ ପ୍ରଶାସନ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି। ଅନ୍ୟପଟେ ଖୁବ୍‌ଶୀଘ୍ର ଏହି ରାସ୍ତା ଆଲୋକୀକରଣ କରାଯିବ ବୋଲି ବୋଲଗଡ଼ ସରପଞ୍ଚ ଗୀତାଞ୍ଜଳି ସାହୁ କହିଛନ୍ତି।



# ରାଜପଥ କାମରେ ନିୟୋଜିତ ଗାଡିକୁ ଧକ୍କାଦେଲା ଟ୍ରକ୍

ଭୁବନେଶ୍ୱର,୮।୪ (ସୂର୍ଯ୍ୟକାନ୍ତ ବେହେରା)

**ଜଣେ ଆହତ, ଡ୍ରାଇଭର ଫେରାର**

୧୬ ନମ୍ବର ଜାତୀୟ ରାଜପଥ ଫାୟାରଷ୍ଟେଶନ ନିକଟ ଓଭରବ୍ରିଜ ଉପରେ ସୋମବାର ଅପରାହ୍ଣରେ ଏକ ଦୁର୍ଘଟଣା ଘଟିଛି। ଜାତୀୟ ରାଜପଥରେ ଛିଡା ହୋଇ ସଂକେତ ଦେଉଥିବା ଗାଡିକୁ ଖଣ୍ଡଗିରି ପଟୁ ଆସୁଥିବା ଏକ ଦ୍ରୁତଗାମୀ ଟ୍ରକ ପଛରୁ ଧକ୍କା ଦେଇ ଚଢିଯାଇଥିଲା। ଫଳରେ ଛିଡା ହୋଇଥିବା ଗାଡିଟି ଡିଭାଇଡର ଉପରକୁ ଚଢିଯିବାରୁ ଭିତରେ ଥିବା ଡ୍ରାଇଭର ଆହତ ହୋଇଛନ୍ତି। ଖବର ପାଇ ପୋଲିସ ଓ ଅଗ୍ନିଶମ ଟିମର ମିଳିତ ଉଦ୍ୟମରେ ଆହତ ଡ୍ରାଇଭରଙ୍କୁ ଉଦ୍ଧାର କରି କ୍ୟାପିଟାଲ ହସ୍ପିଟାଲକୁ ପଠାଇଥିଲେ। ଦୁର୍ଘଟଣା ପରେ ରାସ୍ତା ଜାମ ହୋଇଥିଲା। ପୋଲିସ ଦୁର୍ଘଟଣା ଘଟାଇଥିବା ଗାଡିକୁ ଜବତ କରିଥିବା ବେଳେ ଡ୍ରାଇଭର ଫେରାର ଥିବାରୁ ତାଙ୍କୁ ଧରିବା ପାଇଁ ଉଦ୍ୟମ ଚଳାଇଛି। ସୂଚନାନୁସାରେ, ଜାତୀୟ ରାଜପଥ (ଏନଏଚ) କାମ ଚାଲୁଥିବାରୁ ରାସ୍ତାରେ ଯାଉଥିବା ଗାଡିଗୁଡିକୁ କାମ ହେଉଥିବା ନେଇ ସୂଚନା ଦେବା ସହ ଇଣ୍ଡିକେଟର ଦ୍ୱାରା ଅନ୍ୟଗାଡିଗୁଡିକ ସତର୍କ କରିଥାଏ। ଏପରିକି କେଉଁ ରୁଟ୍‌ରେ ଯିବାକୁ ହେବ ସେନେଇ ମଧ୍ୟ ସଙ୍କେତ ଦେଇଥାଏ। ରାସ୍ତାରେ ଯାଉଥିବା ଗାଡି କାମ ଚାଲୁଥିବା ଲେନ୍‌ରେ ନ ଯାଇ ଅନ୍ୟ ଲେନ୍ ଯାଇଥାନ୍ତି। ହେଲେ ଦୁର୍ଘଟଣା ଘଟାଇଥିବା ଟ୍ରକ୍‌ର ଡ୍ରାଇଭର ଏହା କିପରି ଦେଖି ନ ପାରିଲେ ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।



# କାଲୁଙ୍କ ନେତୃତ୍ୱରେ ଏକାଠି ହେଲେ କର୍ମୀ

ଖୋର୍ଦ୍ଧା,୮।୪(ପ୍ରଭାତ ପାଣିଗ୍ରାହୀ)

**ଭାଜପାର ବିଶାଳ ଜନସମ୍ପର୍କ ପଦଯାତ୍ରା**

- ସାମିଲ ହେଲେନି ଅପରାଜିତା
- ଅସନ୍ତୁଷ୍ଟ କର୍ମୀ ମେଳି ବାନ୍ଧିଥିବା ଚର୍ଚ୍ଚା

ଭାରତୀୟ ଜନତା ପାର୍ଟି(ଭାଜପା) ପକ୍ଷରୁ ସୋମବାର ବିଶାଳ ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ମୁକୁନ୍ଦପ୍ରସାଦଠାରୁ ନୂଆ ବସ୍‌ଷ୍ଟାଣ୍ଡ ପର୍ଯ୍ୟନ୍ତ ପ୍ରାୟ ୪କିମି ଏହି ପଦଯାତ୍ରା ହୋଇଥିଲା। ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ କାଳୁଚରଣ ଖଣ୍ଡାୟତରାୟଙ୍କ ନେତୃତ୍ୱରେ ୫ହଜାରରୁ ଊର୍ଦ୍ଧ୍ୱ ମହିଳା, ପୁରୁଷ କର୍ମୀ ଏହି ପଦଯାତ୍ରାରେ ସାମିଲ ହୋଇଥିଲେ। ପଦଯାତ୍ରାରେ କାଲୁଙ୍କ ସମେତ ଭାଜପା ଜିଲା ସଭାପତି ରଶ୍ମି ମହାପାତ୍ର, ରାଜ୍ୟ ସମବାୟ ସେଲ୍ ସଂଯୋଜକ ଶ୍ରୀରଞ୍ଜନ ମଙ୍ଗରାଜ, ଲକ୍ଷ୍ମୀଧର ମିଶ୍ର ପ୍ରମୁଖ ଯୋଗଦେଇଥିଲେ। ତେବେ ଷ୍ଟେଟ ବ୍ୟାଙ୍କ ଛକରେ ଭୁବନେଶ୍ୱର ଏମ୍‌ପି ପ୍ରାର୍ଥୀ ଅପରାଜିତା ଷଡ଼ଙ୍ଗୀ ପଦଯାତ୍ରାକୁ ଅଣଦେଖା କରି ଗାଡି ବୁଲାଇ ପଳାଇଥିଲେ। ତେବେ ପଦଯାତ୍ରାରେ ଅପରାଜିତା ସାମିଲ ନ ହେବାରୁ ସାଧାରଣରେ ଆଲୋଚନାର ବିଷୟ ପାଲଟିଛି। ଅନ୍ୟପଟେ ଅପରାଜିତାଙ୍କ ବିରୋଧରେ ଅସନ୍ତୁଷ୍ଟ କର୍ମୀ ମେଳି ବାନ୍ଧିଥିବା ଚର୍ଚ୍ଚା ହେଉଥିବା ବେଳେ ଜିଲା ସଭାପତି ମହାପାତ୍ର ଏବଂ କାଲୁ ଏହାକୁ ଜନସମ୍ପର୍କ ପଦଯାତ୍ରା ବୋଲି କହିଥିଲେ। ସୂଚନାଯୋଗ୍ୟ, ନିକଟରେ ଭାଜପାରେ ଯୋଗଦେଇଥିବା ଚିଲିକା ବିଧାୟକ ପ୍ରଶାନ୍ତ ଜଗଦେବଙ୍କୁ ଖୋର୍ଦ୍ଧା ଦାୟିତ୍ୱ ଦେବାନେଇ ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ଘୋଷଣା କରିଥିଲେ। ଏନେଇ କାଲୁଙ୍କ ସମର୍ଥକମାନେ ରାଜ୍ୟ ଭାଜପା କାର୍ଯ୍ୟାଳୟ ଆଗରେ ହୋହଲ୍ଲା କରିଥିଲେ। ସମର୍ଥକମାନେ ଅପରାଜିତାଙ୍କୁ ସମାଲୋଚନା କରିଥିବା ବେଳେ କାଲୁଙ୍କୁ ଟିକେଟ ଦେବା ପାଇଁ ଦାବି କରିଥିଲେ। ସେହିପରି ଟାଙ୍ଗୀ ବ୍ଲକ ଭାଜପା କାର୍ଯ୍ୟାଳୟ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଅପରାଜିତା ଯୋଗଦେଇ ଖୋର୍ଦ୍ଧା ନିର୍ବାଚନ ମଣ୍ଡଳୀର ବିଧାୟକ ପ୍ରାର୍ଥୀଭାବେ ଜଗଦେବଙ୍କ ନାମ ଖୁବ୍‌ଶୀଘ୍ର ଘୋଷଣା ହେବ ବୋଲି କହିଥିଲେ। ଏନେଇ କର୍ମୀଙ୍କ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ଅନ୍ୟପଟେ ଅପରାଜିତାଙ୍କ କୌଣସି କାର୍ଯ୍ୟକ୍ରମରେ ଭାଜପା ଜିଲା ସଭାପତି ରଶ୍ମିଙ୍କ ଦେଖା ମିଳୁ ନ ଥିବା ଚର୍ଚ୍ଚା ହେଉଛି।

ଏ ନେଇ ଭାଜପା ଜିଲା ସଭାପତି ମହାପାତ୍ର କହିଛନ୍ତି, ଖୋର୍ଦ୍ଧାରେ ଭାଜପା ପ୍ରାର୍ଥୀଙ୍କ ସପକ୍ଷରେ ଜନମତ ଉଦ୍ଦେଶ୍ୟରେ ଏହି ପଦଯାତ୍ରା ହୋଇଥିଲା। ସେହିପରି ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ କାଲୁ କହିଛନ୍ତି, ୨୦୧୯ ନିର୍ବାଚନରେ ବିପୁଳ ଜନମତ ପାଇଥିଲି। ମୋ ପ୍ରତି ଲୋକଙ୍କ ଭଲ ପାଇବା ରହିଛି। ୨୦୨୪ ପାଇଁ ମୁଁ ଆଶାବାଦୀ ରହିଛି। କୌଣସି ଆମଦାନୀ ନେତାଙ୍କୁ ପ୍ରାର୍ଥୀ କରାଗଲେ, ବିରୋଧ କରାଯିବ। ସେହିପରି ବରିଷ୍ଠ ଭାଜପା ନେତା ଶ୍ରୀରଞ୍ଜନ କହିଛନ୍ତି, ଗୋଟିଏ ମଞ୍ଚରେ ୪ ଆଶାୟୀ ପ୍ରାର୍ଥୀ ରହିଥିଲେ ମଧ୍ୟ କାଲୁଙ୍କ ନେତୃତ୍ୱରେ ସମସ୍ତେ ଏକାଠି ହୋଇଛନ୍ତି। ଆଗାମୀ ଦିନରେ କାଲୁ ଏଠାରୁ ପ୍ରାର୍ଥୀ ହେଲେ ବିପୁଳ ଭୋଟରେ ବିଜୟୀ ହେବେ। ଖୋର୍ଦ୍ଧା ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର ଏବଂ ବେଗୁନିଆ ବିଧାୟକ ରାଜେନ୍ଦ୍ର ସାହୁ ଖୋର୍ଦ୍ଧା ପାଇଁ କ'ଣ କରିଛନ୍ତି ବୋଲି ପ୍ରଶ୍ନ କରିଛନ୍ତି। ଖୋର୍ଦ୍ଧାବାସୀ ପରିବର୍ତ୍ତନ ଚାହୁଁଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିକାଶମୂଳକ ଯୋଜନାକୁ ଲୋକେ ଚାହୁଁଛନ୍ତି। କେବଳ ଖୋର୍ଦ୍ଧା ନୁହେଁ ସବୁଠି ଏଥର ଭାଜପା ପ୍ରାର୍ଥୀ ବିଜୟୀ ହେବେ ବୋଲି ଶ୍ରୀରଞ୍ଜନ ପ୍ରକାଶ କରିଛନ୍ତି।




ପଦଯାତ୍ରାରେ ଭାଜପା ନେତା ଏବଂ କର୍ମୀମାନେ।

# ରାସ୍ତାରେ ଛାଡ଼ି ପଳାଇଲେ ପ୍ରେମିକାଙ୍କ ମୃତଦେହ

**ରାଜଧାନୀରେ ଯୁବତୀଙ୍କୁ ହତ୍ୟା ସନ୍ଦେହ**

- ପ୍ରମାଣ ଲୁଚାଇବା ପାଇଁ ମୃତଦେହ ଫିଙ୍ଗିବାକୁ ନେଉଥିଲେ
- ଲିଭଇନ୍ ସମ୍ପର୍କରେ ଥିଲେ, ଅଭିଯୁକ୍ତ ପ୍ରେମିକ ଗିରଫ

ଭୁବନେଶ୍ୱର,(ସୂର୍ଯ୍ୟକାନ୍ତ ବେହେରା)/ପୁରୁଣା ଭୁବନେଶ୍ୱର, ୮।୪(ସୁବାସ ଚନ୍ଦ୍ର ପ୍ରଧାନ)


ମୃତଦେହ ମିଳିଥିବା ସ୍ଥାନରେ ପୋଲିସ ତଦନ୍ତ କରୁଛି।

ପ୍ରେମିକାଙ୍କ ମୃତଦେହକୁ ନଦୀରେ ଫିଙ୍ଗିବାକୁ ସହଯୋଗୀଙ୍କ ସହ ବାଇକରେ ନେଉଥିଲେ। ହେଲେ ଅଧାବାଟରେ ସ୍ଥାନୀୟ ଲୋକେ ଏହା ଦେଖି ଧରିବାକୁ ଗୋଡ଼ାଇବାରୁ ଘଟିଲା ଦୁର୍ଘଟଣା। ଫଳରେ ରାସ୍ତା ମଝିରେ ବାଇକ ସହ ମୃତଦେହ ଛାଡ଼ି ପଳାଇଲେ ପ୍ରେମିକଙ୍କ ସମେତ ୩ ଯୁବକ। ରାଜଧାନୀ ଉପକଣ୍ଠ ଧଉଳି ଥାନା ଅନ୍ତର୍ଗତ ଲିଙ୍ଗିପୁର ଅଞ୍ଚଳରେ ଘଟିଛି ଏଭଳି ଅଭାବନୀୟ ଘଟଣା। ପୋଲିସ ଘଟଣାସ୍ଥଳରୁ ୨ ବାଇକ ସମେତ ଯୁବତୀଙ୍କ ମୃତଦେହ ଜବତ କରି ଖୋଳତାଡ଼ ଜାରି ରଖିଛି। ମୃତା ଯୁବତୀ ହେଲେ ଗଞ୍ଜାମ ହିଞ୍ଜିଳିକାଟୁ ଅଞ୍ଚଳର ଭାଗ୍ୟ ଡାକୁଆ(୧୮)। ମୃତା ଭାଗ୍ୟଙ୍କ ମୃତ୍ୟୁକୁ ନେଇ ରହସ୍ୟ ଲାଗି ରହିଛି। ଭାଗ୍ୟଙ୍କୁ ହତ୍ୟା କରାଯାଇଥିବା ଗଙ୍ଗୋତ୍ରିନଗରରେ ରହୁଥିବା ତାଙ୍କ ପରିବାର ଲୋକେ କହୁଛନ୍ତି। ବାପା ହୀନ ଡାକୁଆଙ୍କ ଏତଲା ପରେ ଧଉଳି ଥାନା ପୋଲିସ ଏକ ହତ୍ୟା ମାମଲା (ନଂ. ୯୦/୨୦୨୪) ରୁଜୁ କରି ଘଟଣାର ଖୋଳତାଡ ଚଳାଇଛି। ପୋଲିସ ଜବତ କରିଥିବା ବାଇକର ତଥ୍ୟ ଆଧାରରେ ପ୍ରେମିକ ସେକ୍ ରାଜୁ (୩୦)ଙ୍କୁ ଗିରଫ କରି ପଚରାଉଚରା କରୁଛି। ରାଜୁଙ୍କ ଘର ପଶ୍ଚିମବଙ୍ଗ ହୋଇଥିବାବେଳେ ସେ ଭୁବନେଶ୍ୱରରେ ଠିକାଦାରି କରନ୍ତି। ତେବେ ରାଜୁ ପୂର୍ବରୁ ବିବାହିତ ହୋଇଥିବାବେଳେ ତାଙ୍କ ଅଧୀନରେ କାମ କରୁଥିବା ମୃତା ଭାଗ୍ୟଙ୍କୁ ସେ ପ୍ରେମ ଜାଲରେ ଫସାଇଥିଲେ। ଭାଗ୍ୟ ଘର ଛାଡ଼ି ରାଜୁଙ୍କ ପାଖକୁ ପଳାଇ ଆସିଥିଲେ। ଉଭୟ ଏହି ଥାନା ଅନ୍ତର୍ଗତ ବଡଦା ହସ୍ପିଟାଲ ନିକଟରେ ଘରଭଡ଼ା ନେଇ ୩ ମାସ ହେବ ଲିଭ୍ ଇନ୍‌ରେ ରହୁଥିଲେ। ତେବେ ଭାଗ୍ୟ ଘର ଭିତରେ ଫ୍ୟାନ ହୁକ୍‌ରେ ଶାଢି ଦ୍ୱାରା ଆତ୍ମହତ୍ୟା କରିଥିବା ରାଜୁ ପୋଲିସକୁ କହିଛନ୍ତି। ଭୟରେ ମୃତଦେହକୁ କେଉଁଆଡେ ଫୋପାଡି ପ୍ରମାଣ ଲୁଚାଇବା ପାଇଁ ନେଇଯାଉଥିଲେ ବୋଲି ଜଣାଇଛନ୍ତି। ହେଲେ ଆତ୍ମହତ୍ୟା ସମ୍ପର୍କରେ ପରିବାର ଲୋକ କିମ୍ବା ପୋଲିସକୁ ନ ଜଣାଇ କାହିଁକି ମୃତଦେହକୁ ଫିଙ୍ଗିବାକୁ ନେଉଥିଲେ ତାହାକୁ ନେଇ ପ୍ରଶ୍ନ ଉଠିଛି। ହତ୍ୟା ପରେ ଆତ୍ମହତ୍ୟା ରୂପ ଦେବାକୁ ଅଭିଯୁକ୍ତ ରାଜୁ ଉଦ୍ୟମ କରିଥିବା ସନ୍ଦେହ କରାଯାଉଛି। ତେବେ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ ବୋଲି ଥାନା ଅଧିକାରୀ ପ୍ରଦୀପ୍ତ କିଶୋର ନାଏକ କହିଛନ୍ତି। ଏହି ମାମଲାରେ ସଂପୃକ୍ତ ଥିବା ରାଜୁଙ୍କ ଦୁଇ ସହଯୋଗୀଙ୍କୁ ଧରିବାକୁ ପୋଲିସ ଉଦ୍ୟମ କରୁଥିବା ସେ ସୂଚନା ଦେଇଛନ୍ତି।

## ଆଖିପତା, ଆଙ୍ଗୁଠିରେ କ୍ଷତ, ବେକରେ ଦାଗ

ରବିବାର ରାତି ୧୦ରୁ ୧୦ଟା ୩୦ ମଧ୍ୟରେ ଲିଙ୍ଗିପୁର ନଦୀପଠା ବନ୍ଧ ରାସ୍ତାରେ ୨ଟି ବାଇକ ପାଖାପାଖି ହୋଇ ଯାଉଥିବାବେଳେ ଗୋଟିଏ ବାଇକରେ ୨ଜଣ ଯୁବକଙ୍କ ମଝିରେ ଜଣେ ଯୁବତୀ ବସିଥିବା ଦେଖିଥିଲେ। ତେବେ ଯୁବତୀଙ୍କ ଗୋଡ଼ ତଳକୁ ଓହଳି ରାସ୍ତାରେ ଘୋଷାରି ହୋଇ ଯାଉଥିବାରୁ ଲୋକେ ସନ୍ଦେହ କରି ସେମାନଙ୍କର ପିଛା କରିଥିଲେ। ବର୍ଷା ଯୋଗୁ ରାସ୍ତା ଓଦା ରହିଥିଲା। ଲୋକଙ୍କୁ ଦେଖି ଅଭିଯୁକ୍ତମାନେ ଭାରସାମ୍ୟ ହରାଇବାରୁ ବାଇକ ଦୁଇଟି ଦୁର୍ଘଟଣା ହୋଇଥିଲା। ଏହାପରେ ରାଜୁ ଓ ତାଙ୍କ ଦୁଇ ସହଯୋଗୀ ଘଟଣାସ୍ଥଳରୁ ବାଇକ ଛାଡ଼ି ପଳାଇଯାଇଥିବା ବେଳେ ରାସ୍ତାରେ ଭାଗ୍ୟଙ୍କ ମୃତଦେହ ପଡି ରହିଥିଲା। ମୃତଦେହ ପଡ଼ିଥିବା ଖବର ପାଇ ପୋଲିସ ଘଟଣାସ୍ଥଳକୁ ଆସି ତଦନ୍ତ କରିଥିଲା। ଯୁବତୀଙ୍କ ଆଖି ପତା, ପାଦ ଆଙ୍ଗୁଠିରେ କ୍ଷତ ଚିହ୍ନ ଥିବା ବେଳେ ବେକରେ ମଧ୍ୟ ଦାଗ ରହିଥିବାରୁ ତାଙ୍କୁ ହତ୍ୟା କରାଯାଇଥିବା ପୋଲିସ ସନ୍ଦେହ କରିଥିଲା। ବ୍ୟବଚ୍ଛେଦ ପରେ ମୃତଦେହକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି ପୋଲିସ। ଏହାସହ ସୋମବାର ସକାଳେ ପୋଲିସ ସାଇଣ୍ଟିଫିକ ଟିମ୍ ସହାୟତାରେ ଘଟଣାସ୍ଥଳ ସମେତ ସେମାନେ ରହୁଥିବା ଘରକୁ ଯାଇ ତଦନ୍ତ କରିଥିଲା।

ସେଲ୍‌ଫି କର୍ନର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com


@ ଆଶିଷ


@ ରାକେଶ



@ ସୁନୀଲ


@ ରକି

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।




୦୮।୦୪।୨୦୨୪

| | |
|---|---|
| ୪,୧୦, ୯୮୦ ଟଙ୍କା | |
| ସୁନା | ୩୫୦ ମି.ଗ୍ରା |
| ରୁପା | ୧୦ ଗ୍ରାମ୍ |



ରାଷ୍ଟ୍ରୀୟ ନବବର୍ଷ ଉପଲକ୍ଷେ ପୁରୀ ବେଳାଭୂମିରେ ସୋମବାର ବାଲୁକାଶିଳ୍ପୀ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକଙ୍କ ବାଲୁକାକଳା। ସେ ବାଲୁକାକଳାରେ ପ୍ରଭୁ ଶ୍ରୀରାମଙ୍କ ପ୍ରତିକୃତିକୁ ପଦ୍ମଫୁଲ ଓ ଗେଣ୍ଡୁଫୁଲରେ ସୁସଜ୍ଜିତ କରିଛନ୍ତି।

## ଘରଭଡ଼ା ବିଜ୍ଞାପନ ଦେଇ ଠକେଇ, ୨ ଗିରଫ

**ଭୁବନେଶ୍ୱର,୮।୪(ସତ୍ୟଜିତ୍ ରାଉତ):** ଓଏଲ୍‌ଏକ୍ସରେ ଘରଭଡ଼ା ବିଜ୍ଞାପନ ଦେଇ ୭ ହଜାର ଟଙ୍କା ଠକିବା ମାମଲାରେ ଶହୀଦନଗର ଥାନା ପୋଲିସ ୨ ଯୁବକଙ୍କୁ ଗିରଫ କରି ସୋମବାର କୋର୍ଟଚାଲାଣ କରିଛି। ସେମାନେ ହେଲେ ଯାଜପୁର ଜିଲା ସଦର ଥାନା ଅଞ୍ଚଳର ମନୋଜ ବେହେରା (୨୪) ଓ ସତ୍ୟ ପ୍ରକାଶ ଦଳାଇ (୨୧)। ଉଭୟଙ୍କଠାରୁ ପୋଲିସ ୩ ମୋବାଇଲ, ୬ ଏଟିଏମ୍ କାର୍ଡ ଓ ୭ ହଜାର ଟଙ୍କା ଜବତ କରିଛି। ପୁରୀ ଜିଲା ଜାଗୁଳେଇ ଲେନ୍ ଅଞ୍ଚଳର ସୁନିଲ କୁମାର ମହାନ୍ତି ଭୁବନେଶ୍ୱରରେ ରହିବାକୁ ଏପ୍ରିଲ ୨ରେ ଓଏଲ୍‌କ୍ସରେ ଭଡ଼ାଘର ଖୋଜୁଥିଲେ। ଏକ ବିଜ୍ଞାପନରେ ଥିବା ନମ୍ବରକୁ କଲ୍ କରିବା ପରେ ଅଭିଯୁକ୍ତଦ୍ୱୟ ତାଙ୍କୁ ଫସାଇ ଶହୀଦନଗର ମହର୍ଷି କଲେଜଠାରୁ ୧୫୦ ମିଟର ଦୂରରେ ଥିବା ଏକ ଘରକୁ ଭଡ଼ାରେ ଦେବା ପାଇଁ କହିଥିଲେ। ଘରଭଡ଼ା ମାସକୁ ୮ ହଜାର ଟଙ୍କା ଛିଡ଼ିଥିଲା। ସୁନିଲ ଏଥିପାଇଁ ଅନଲାଇନ୍‌ରେ ୨ହଜାର ଟଙ୍କା ଅଗ୍ରୀମ ପଠାଇଥିଲେ। ଏହାପରେ ଆଗୁଆ ମାସିକ ୫ ହଜାର ଟଙ୍କା ନେଇ ଅଭିଯୁକ୍ତଦ୍ୱୟ ମୋବାଇଲ ସୁଇଚ୍ ଅଫ୍ କରି ଦେଇଥିଲେ। ଏନେଇ ସୁନିଲଙ୍କ ଅଭିଯୋଗ ପରେ ପୋଲିସ (ନଂ.୨୦୩/୨୦୨୪) ମାମଲା ରୁଜୁ କରିଥିଲା।

## ଗାଡ଼ି ଧକ୍କାରେ କନ୍‌ଷ୍ଟେବଲ୍ ମୃତ

**ତାମିଲନାଡୁରେ ନିର୍ବାଚନ କାର୍ଯ୍ୟରେ ନିୟୋଜିତ ଥିଲେ**


ପ୍ରମୋଦ କୁମାର ମାଝି

**କଟକ,୮।୪ (କାର୍ତ୍ତିକ ସାହୁ):** ତାମିଲନାଡୁ ରାଜ୍ୟର ତ୍ରିଚୀଠାରେ ନିର୍ବାଚନ କାର୍ଯ୍ୟରେ ନିୟୋଜିତ ଥିବା ଓଡ଼ିଶା ପୋଲିସ୍‌ର କନ୍‌ଷ୍ଟେବଲ୍ ପ୍ରମୋଦ କୁମାର ମାଝି (ସି/୨୨୨)ଙ୍କ ମୃତ୍ୟୁ ଘଟିଛି। ତ୍ରିଚୀଠାରେ ଡ୍ୟୁଟିରେ ଥିବାବେଳେ ଦୁର୍ଘଟଣାରେ ଶିକାର ହୋଇ ତାଙ୍କର ମୃତ୍ୟୁ ଘଟିଥିବା ଓଡ଼ିଶା ପୋଲିସ ମୁଖ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି। ସେ ୫ମ ଆଇଆର୍ ବାଟାଲିୟନ, ବୌଦ୍ଧ ଅଧୀନରେ କାର୍ଯ୍ୟରତ ଥିଲେ। ତାଙ୍କ ଘର ନୂଆପଡ଼ା ଜିଲା ଧର୍ମବନ୍ଧା ଗ୍ରାମରେ ହୋଇଥିବାବେଳେ ସେ ୨୦୦୯ରେ ରାଜ୍ୟ ପୋଲିସ ବିଭାଗରେ ଯୋଗ ଦେଇଥିଲେ। ତାମିଲନାଡୁରେ ସାଧାରଣ ନିର୍ବାଚନ ସୁପରିଚାଳନା ପାଇଁ ରାଜ୍ୟ ପୋଲିସର ୩୦ଟି କମ୍ପାନୀ ସେଠାକୁ ଯାଇଛନ୍ତି। ଗତ ୪ ତାରିଖରେ ପ୍ରମୋଦ ନିଜର କର୍ତ୍ତବ୍ୟ ସମ୍ପାଦନ କରୁଥିବାବେଳେ ଏକ ଗାଡ଼ି ତାଙ୍କୁ ପଛ ପଟୁ ଧକ୍କା ଦେଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ସେଠାରେ ଥିବା ଏକ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ରବିବାର ରାତିରେ ତାଙ୍କର ମୃତ୍ୟୁ ଘଟିଛି। ଏହି ଖବର ପାଇବା ପରେ ଡିଜିପି ଅରୁଣ କୁମାର ଷଡ଼ଙ୍ଗୀଙ୍କ ସମେତ ବରିଷ୍ଠ ପୋଲିସ ଅଧିକାରୀମାନେ ଶୋକବ୍ୟକ୍ତ କରିବା ସହ ତାଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରିଛନ୍ତି।

## ଯୁବତୀଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

ଭୁବନେଶ୍ୱର,୮।୪ (ସତ୍ୟଜିତ୍ ରାଉତ)

ଭୁବନେଶ୍ୱର ନାଗେଶ୍ୱର ଟାଙ୍ଗୀ ହରିହର ବିଦ୍ୟାପୀଠ ନିକଟରେ ଭଡ଼ାଘରେ ରହୁଥିବା ଜଣେ ଯୁବତୀଙ୍କ ଝୁଲନ୍ତା ମୃତଦେହକୁ ପୋଲିସ ସୋମବାର ରାତି ପ୍ରାୟ ୧୧ଟା ୧୫ରେ ଜବତ କରିଛି। ମୃତା ଯୁବତୀ ହେଲେ ପୁରୀ ଜିଲା ଡେଲାଙ୍ଗ ଥାନା ଅନ୍ତର୍ଗତ ଜଗଦଳପୁର ଗ୍ରାମର ସରୋଜିନୀ ସୁନ୍ଦରା (୨୧)। ସେ କିଛିବର୍ଷ ହେବ ସ୍ଥାନୀୟ ଅଞ୍ଚଳରେ ରହି ଏକ ଘରୋଇ ଶପ୍‌ରେ କାମ କରୁଥିଲେ। ବଡଗଡ ଥାନା ପୋଲିସ ତାଙ୍କ ମୃତଦେହକୁ ବ୍ୟବଚ୍ଛେଦ ପାଇଁ କ୍ୟାପିଟାଲ ହସ୍ପିଟାଲ ପଠାଇଛି। ଏହା ଆତ୍ମହତ୍ୟା ନା ହତ୍ୟା ତାହାକୁ ନେଇ ରହସ୍ୟ ଲାଗି ରହିଛି। ପୋଲିସ ଘର ମାଲିକ ସମେତ ସ୍ଥାନୀୟ ଅଞ୍ଚଳ ଓ ତାଙ୍କ ମୋବାଇଲକୁ ଜବତ କରି ତଦନ୍ତ ଜାରି ରଖିଛି।

## ୧୭ରୁ ସାହିଯାତ: ଚଳଚଞ୍ଚଳ ଶ୍ରୀକ୍ଷେତ୍ର

ପୁରୀ,୮।୪(ଅଜିତ୍ ମହାନ୍ତି)

ପବିତ୍ର ରାମନବମୀଠାରୁ ଶ୍ରୀକ୍ଷେତ୍ରର ସାଂସ୍କୃତିକ ମହାକୁମ୍ଭ ସାହିଯାତର ଶୁଭାରମ୍ଭ ହେବ। ଏପ୍ରିଲ ୧୭ ତାରିଖରେ ରାମନବମୀ ପଡୁଥିବାରୁ ଉକ୍ତ ଦିନଠାରୁ ଶ୍ରୀକ୍ଷେତ୍ରର ପାରମ୍ପରିକ ସମରକଳା ନୃତ୍ୟ ସାହିଯାତ ଆରମ୍ଭ ହେବାକୁ ଯାଉଛି। ରାମଜନ୍ମଠାରୁ ରାମାଭିଷେକ ପର୍ଯ୍ୟନ୍ତ ପ୍ରଭୁ ରାମଚନ୍ଦ୍ରଙ୍କ ଜୀବନର କଥାବସ୍ତୁକୁ ନେଇ ସାହିଯାତ ଅନୁଷ୍ଠିତ ହୋଇଥାଏ। ସାହିଯାତ ଆଉ ଦିନ କେଇଟା ବାକି ଥିବାବେଳେ ପୁରୀ ସହର ଏବେଠାରୁ ଚଳଚଞ୍ଚଳ ହୋଇଉଠିଛି। ପୁରୀର ଆଠସାହି ଆଖଡ଼ାର ଜାଗାଘରଗୁଡ଼ିକ ପହିଲମାନ୍‌ଙ୍କ ସମରକଳାର ଅଭ୍ୟାସରେ ଗୁଞ୍ଜରଣ ହେଉଛି। ସନ୍ଧ୍ୟା ହେବା ମାତ୍ରେ ଯୁବକମାନେ ଜାଗାଘରେ ଏକାଠି ହୋଇ ସାହିଯାତ ପାଇଁ ଅଭ୍ୟାସ ଆରମ୍ଭ କରୁଛନ୍ତି। ରାମଲୀଳାର ପୌରାଣିକ କଥା ଆଧାରିତ ପାରମ୍ପରିକ ବାଦ୍ୟନୃତ୍ୟରେ କମ୍ପିବ ପୁରୀର ସାହି ଗଳିକନ୍ଦି। ବୀରବାଦ୍ୟ ତାଳେତାଳେ ଯୁବକମାନେ ପ୍ରଦର୍ଶନ କରିବେ ସମର କଳା। ଏ ନେଇ ଜାଗା ଆଖଡ଼ା ମୁରବି ଓ ଯୁବପିଢିଙ୍କ ମଧ୍ୟରେ ଦେଖିବାକୁ ମିଳିଛି ଉତ୍ସାହ।

ସାହିଯାତରେ ପାରମ୍ପରିକ କଳାର ସୁରକ୍ଷା ପାଇଁ ଗୁରୁତ୍ୱ ଦିଆଯାଉଛି। ସାହି ଯାତରେ ରାବଣଙ୍କର ପ୍ରମୁଖ ଭୂମିକା ରହିଥାଏ। ରାବଣ ଚରିତ୍ରରେ ଅଭିନୟ ପାଇଁ ପ୍ରାର୍ଥୀ ଚୟନ ନିମନ୍ତେ ପୁରୁଖା ତଥା ଅଭିଜ୍ଞ କଳାକାର ତଥା ସାହିନାୟକଙ୍କୁ ନେଇ ଏକ କମିଟି ଗଠନ ହୋଇଛି। ସେମାନେ ନୂତନ କଳାକାରଙ୍କୁ ନୃତ୍ୟ ଶିକ୍ଷା ଦେବା ସହ ବିଭିନ୍ନ ପାରମ୍ପରିକ ଦିଗ ପ୍ରତି ଧ୍ୟାନ ଦେବେ। ୮ ସାହିର ଜାଗା ଆଖଡ଼ା ତତ୍ତ୍ୱାବଧାନରେ ଅନୁଷ୍ଠିତ ହେବ ସାହିଯାତ। ସାହିର ଯୁବକମାନେ ମହାପ୍ରଭୁଙ୍କ ଶ୍ରୀରାମ ଲୀଳା ନୀତି ସମ୍ପନ୍ନ କରିବେ। ଶ୍ରୀମନ୍ଦିର ଓ ବଡ଼ଦାଣ୍ଡ ଜଗନ୍ନାଥବଲ୍ଲଭ ମଠ ପରିସରରେ ଠାକୁରଙ୍କ ନୀତି ସମ୍ପାଦନ ହେବ। ଶହ ଶହ ବର୍ଷର ଏହି ଅନନ୍ୟ ପରମ୍ପରାକୁ ଶୃଙ୍ଖଳିତ କରିବାକୁ ଆଠସାହି ମୁରବିମାନଙ୍କ ପକ୍ଷରୁ ପ୍ରଶାସନ ସହ ବୈଠକ କରାଯାଇ ରୁଟ୍ ମ୍ୟାପ୍ ପ୍ରସ୍ତୁତ କରାଯାଇଛି। ଆସନ୍ତା ୧୭ ତାରିଖ ବୁଧବାର କାଳିକାଦେବୀ ସାହି ପକ୍ଷରୁ ରାମଜନ୍ମ ପ୍ରସ୍ତାବ ଆଗତ ହୋଇ ସାଥୀ ସାହି ମାଟିମଣ୍ଡପ ସାହି ଭ୍ରମଣ କରିବେ। ୧୮ ତାରିଖ ଗୁରୁବାର ହରଚଣ୍ଡୀ ସାହି ପକ୍ଷରୁ ଯଜ୍ଞରକ୍ଷା ଓ ନାକକାନ ପ୍ରସ୍ତାବ ଆଗତ ହେବ, ମାଟିମଣ୍ଡପ ସାହି ତରଫରୁ ନିଶାଣ ଶୋଭାଯାତ୍ରା ବାହାରିବ। ୧୯ ତାରିଖ ଶୁକ୍ରବାର ହରଚଣ୍ଡୀ ସାହି ପକ୍ଷରୁ ସୀତା ବିବାହ ଓ ପର୍ଶୁରାମ କଳା ହରଣ ପ୍ରସ୍ତାବ ଆଗତ ହୋଇ ସାଥୀସାହି ବାଲିସାହି ଆସିବ। ୨୦ ତାରିଖ ଶନିବାର ମାର୍କଣ୍ଡେଶ୍ୱର ସାହି ପକ୍ଷରୁ ବନବାସ ପ୍ରସ୍ତାବ ଆଗତ କରାଯିବ। ୨୨ ତାରିଖ ସୋମବାର ସୀତାଚୋରି ପ୍ରସ୍ତାବ ଆଗତ ସହ କୁଣ୍ଡେଇବେଣ୍ଟ ସାହି ପକ୍ଷରୁ ବାହାରି ସାଥୀସାହି ଦୋଳମଣ୍ଡପ ସାହି ଯିବେ। ୨୩ତାରିଖ ମଙ୍ଗଳବାର ଚୈତ୍ର ପୂର୍ଣ୍ଣିମାରେ ଦୋଳମଣ୍ଡପ ସାହି ପକ୍ଷରୁ ଲଙ୍କାପୋଡ଼ି ପ୍ରସ୍ତାବ ଆଗତ ହୋଇ କୁଣ୍ଡେଇବେଣ୍ଟ ସାହି ଭ୍ରମଣ କରିବେ। ୨୪ତାରିଖ ବୁଧବାର ବାଲିସାହି ପକ୍ଷରୁ ରାବଣଙ୍କ ସେତୁବନ୍ଧ ପ୍ରତିଷ୍ଠା ପ୍ରସ୍ତାବ ଓ ୨୬ ତାରିଖ ଶୁକ୍ରବାର ରାବଣ ବଧ ପ୍ରସ୍ତାବ ସହ ସାହିଯାତ ହରଚଣ୍ଡୀ ସାହି ପ୍ରଦକ୍ଷିଣ କରିବ। ସାହିଯାତର ଅନ୍ତିମ ପର୍ବ ଶ୍ରୀରାମାଭିଷେକ ଉତ୍ସବ ମେ ୧ ତାରିଖ ବୁଧବାର ଗୌଡ଼ବାଡ଼ ସାହି ପକ୍ଷରୁ ସମ୍ପନ୍ନ ହେବ।


ରାବଣ ନୃତ୍ୟ ପାଇଁ ଅଭ୍ୟାସ ଚାଲିଛି।


ପଞ୍ଚମୁଖୀ ହନୁମାନ ଏବଂ ସପ୍ତଶିର ରାବଣ ପାଇଁ ଯୁବକମାନେ ଅଭ୍ୟାସ କରୁଛନ୍ତି। (ଫଟୋ-ଯଜ୍ଞେଶ୍ୱର ମହାନ୍ତି)

## ୨ ଯୁବକଙ୍କ ଆତ୍ମହତ୍ୟା

ଝାଁଳା,୮।୪(ବୁଲା ବାରିକ)

ଇନ୍‌ଫୋଭ୍ୟାଲି ଥାନା ମଦନପୁର ପଞ୍ଚାୟତ ଅନ୍ତର୍ଗତ ବଡ଼ରଘୁନାଥପୁର ଅଞ୍ଚଳରେ ଜଣେ ଯୁବକ ଆତ୍ମହତ୍ୟା କରିଛନ୍ତି। ସେ ହେଲେ ଗୋପୀନାଥ ମହାନ୍ତି (୪୦)। ତାଙ୍କ ଘର ନୟାଗଡ଼ ଜିଲା ଖଣ୍ଡପଡ଼ା ଅଞ୍ଚଳରେ ହୋଇଥିବା ବେଳେ ସେ ବଡ଼ରଘୁନାଥପୁର ଗ୍ରାମରେ ଘରକରି ରହୁଥିଲେ। ପାରିବାରିକ କଳହରୁ ଗୋପୀନାଥ ଆତ୍ମହତ୍ୟା କରିଛନ୍ତି ବୋଲି ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି। ପୋଲିସ ସୂଚନା ମୁତାବକ, ରବିବାର ରାତିରେ ଗୋପୀନାଥ ଏବଂ ତାଙ୍କ ସ୍ତ୍ରୀ ଖାଇବା ପରେ ଶୋଇବାକୁ ଯାଇଥିଲେ। କିନ୍ତୁ ରାତିରେ ଗୋପୀନାଥ ଅନ୍ୟ ଏକ କୋଠରିକୁ ଆସି ଲୁଗା ବାନ୍ଧି ଝୁଲି ପଡିଥିଲେ। ସୋମବାର ସକାଳେ କବାଟ ନ ଖୋଲିବାରୁ ତାଙ୍କ ସ୍ତ୍ରୀ ଆସି ଡାକିଥିଲେ। ସନ୍ଦେହ ହେବାରୁ ପଡ଼ୋଶୀଙ୍କୁ ଡାକି ଦେଖିବା ବେଳକୁ ଗୋପୀନାଥ ଝୁଲୁଥିବା ଦେଖିବାକୁ ପାଇଥିଲେ। ଖବରପାଇ ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ଥାନା ଅଧିକାରୀ କହିଛନ୍ତି। ସେହିପରି ବଡରଘୁନାଥପୁର ଅଞ୍ଚଳରେ ଆଉ ଜଣେ ଯୁବକ ଆତ୍ମହତ୍ୟା କରିଛନ୍ତି। ମୃତକ ହେଲେ ମନୋରଞ୍ଜନ ସାହୁ। ସେ ଉକ୍ତ ଅଞ୍ଚଳରେ ଭଡ଼ାରେ ରହୁଥିଲେ। ଗତ ଦୁଇ ତିନି ହେବ ହେବ ଘରେ କେହି ନ ଥିବା ବେଳେ ମନୋରଞ୍ଜନ ଏକ ପଙ୍ଖାରେ ଗାମୁଛା ବାନ୍ଧି ଆତ୍ମହତ୍ୟା କରିଥିବା ପୋଲିସ ପକ୍ଷରୁ ସୂଚନା ମିଳିଛି।

